

‘ରାମାୟଣ’ ସୁଟିଂ ସେଟ୍‌ରୁ ଆସିଲା ଯଶ୍‌ଙ୍କ ଫଟୋ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-335 ◆BHUBANESWAR ◆TUESDAY ◆3 JUNE 2025 ₹PAGE-12 w` 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୩୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୩ ଜୁନ୍ ୨୦୨୫ ୱପୃଷ୍ଠା୦୧-୧୨ ୱଟ.୬.୦୦


# ଶେଷ ଜ୍ୟେଷ୍ଠରେ ସୂର୍ଯ୍ୟ କୋପ

## ତାତି, ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ଓଡ଼ିଶା

■ **ଭୁବନେଶ୍ୱର, ୨।୬ (ସମିସ):** ମାତ୍ର କେଇ ଦିନର ଆଶ୍ୱସ୍ତି ପରେ ପୁଣି ରାଜ୍ୟକୁ ଫେରିଛି ତାତି। ମେଘମୁକ୍ତ ଆକାଶ, ପଶ୍ଚିମା ଉତ୍ତପ୍ତ ବାୟୁ ପ୍ରବାହ ରାଜ୍ୟରେ ତାପମାତ୍ରା ବୃଦ୍ଧି କରାଇବାକୁ ସକ୍ଷମ ହୋଇଛି । ଅନ୍ୟପକ୍ଷରେ ପୃଥିବୀ ଉପରେ ସିଧା ସୂର୍ଯ୍ୟକିରଣ ପଡ଼ିବା ସହ ଏହା ତାପମାତ୍ରା ବୃଦ୍ଧି କରାଉଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ରାଜ୍ୟରେ ବର୍ତ୍ତମାନ ଆର୍ଦ୍ରତା ପରିମାଣ ଅଧିକ ରହୁଥିବାରୁ ଗୁଳୁଗୁଳି ପାଇଁ ଏହା ସହାୟକ ହେଉଛି।

ଏହି କ୍ରମରେ ସୋମବାର ରାଜ୍ୟର ଏକାଧିକ ସ୍ଥାନରେ ଭୀଷଣ ଗୁଳୁଗୁଳି ସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟର ପ୍ରମୁଖ ସହରରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିବା ସହ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତ ଉପରେ ରେକର୍ଡ ହୋଇଛି। ଫଳସ୍ୱରୂପ ରାଜ୍ୟବାସୀ ତାତି ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ୩୯.୮ ଡିଗ୍ରୀ ସହ ବାଲେଶ୍ୱରରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ୩୯.୬ ଡିଗ୍ରୀ ସହ ଭୁବନେଶ୍ୱର ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହରରେ ପରିଣତ ହୋଇଛି । ଆଜି ଦିନ ସାଢେ ୧୧ ସୁଦ୍ଧା ଭୁବନେଶ୍ୱରରେ ୩୭.୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ



- ◆ ୩୯.୮ ଡିଗ୍ରୀ ସହ ବାଲେଶ୍ୱର ସବୁଠୁ ଉତ୍ତପ୍ତ
- ◆ ୩୯.୬ରେ ଟକ୍‌ଟକ୍ ଫୁଟିଲା ରାଜଧାନୀ
- ◆ ୪ ଦିନରେ ୨ ଡିଗ୍ରୀ ବଢ଼ିପାରେ ତାପମାତ୍ରା

ବାଲେଶ୍ୱରରେ ତାପମାତ୍ରା ୩୮.୪ ଡିଗ୍ରୀ ପହଞ୍ଚିଥିଲା । ଏହା ସାଙ୍ଗକୁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆର୍ଦ୍ରତା ପରିମାଣ ଯୋଗୁଁ ଲୋକଙ୍କୁ ୫୦ ଡିଗ୍ରୀ ଭଳି ତାପମାତ୍ରା ଅନୁଭବ ହୋଇଛି। ଅନ୍ୟପକ୍ଷରେ ଝାରସୁଗୁଡାରେ ୩୯.୨, ସମ୍ବଲପୁରରେ ୩୯.୧, ହୀରାକୁଦ ୩୯.୧, ଚାନ୍ଦବାଲି ୩୮.୪, ରାଉରକେଲା ୩୭.୭, ପାରାଦ୍ୱୀପ ୩୭.୫ ଓ ପୁରୀରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଛି।

ଆସନ୍ତା ୫ ଦିନ ଯାଏଁ ରାଜ୍ୟର ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ତାପମାତ୍ରା ବଢିବାକୁ ଥିବା ବେଳେ ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେଣୁ ଆସନ୍ତା ୮ ଦିନ ପର୍ଯ୍ୟନ୍ତ ଏଭଳି ତାତି ଓ ଗୁଳୁଗୁଳି ଜାରି ରହିବାର ଆଶଙ୍କା ରହିଛି। ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନାକୁ ଆଖିରେ ରଖି ପାଣିପାଗ କେନ୍ଦ୍ର ଉପକୂଳବର୍ତ୍ତୀ ଜିଲ୍ଲା ଯେପରିକି ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, ଗଞ୍ଜାମ ଓ ଗଜପତି ସାଙ୍ଗକୁ କଟକ ଓ ଖୋର୍ଦ୍ଧା ଆଦି ଜିଲ୍ଲାକୁ ସତର୍କ ରହିବା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହିସବୁ ଜିଲ୍ଲାର ଅନେକ ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୧ଡିଗ୍ରୀ ପର୍ଯ୍ୟନ୍ତ ଛୁଇଁପାରେ ବୋଲି ଆକଳନ କରାଯାଉଛି।

### ମାଡ଼ିଚାଲିଛି କରୋନା

## ୨୪ ଘଣ୍ଟାରେ ୬ ମୃତ

■ **ନୂଆଦିଲ୍ଲୀ, ୨।୬ (ଏଜେନ୍ସି):** ଦେଶରେ କରୋନା ମାମଲା ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ୨୦୩ ନୂଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ୪ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଏ ଥି ସ ହି ତ ମୃତ୍ୟୁସଂଖ୍ୟା ୩୪ରେ ପହଞ୍ଚିଛି। ଆଜି ଅହମଦାବାଦର ୧୮ ବର୍ଷୀୟ ଗର୍ଭବତୀ ଏବଂ ୪୭ ବର୍ଷୀୟ ମହିଳା କରୋନାରେ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ରବିବାର ଦିଲ୍ଲୀର ୨୨ ବର୍ଷୀୟ ଯୁବତୀ ▶ପୃଷ୍ଠା-୭



**ସଂକ୍ରମିତ ସଂଖ୍ୟା ୩୯୭୬**

**କେରଳରେ ସର୍ବାଧିକ ୧୪୩୫**

### ଜେଇଇ ଆଡଭାନ୍ସଡ ପରୀକ୍ଷାଫଳ ପ୍ରକାଶିତ

## ଦେଶରେ ରଜିତ, ଓଡ଼ିଶାରେ ହଂସ ଟପ୍ପର

■ **ଭୁବନେଶ୍ୱର, ୨।୬ (ସମିସ):** ଜେଇଇ ଆଡଭାନ୍ସଡ୍ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ଆଇଆଇଟି କାନପୁର ପକ୍ଷରୁ ପରିଚାଳିତ ଏହି ପରୀକ୍ଷାରେ ରାଜସ୍ଥାନ କୋଟାର ରଜିତ ଗୁପ୍ତା ଟପ୍ପର ହୋଇଛନ୍ତି । ସମୁଦାୟ ୩୬୦ରୁ ୩୩୨ ମାର୍କ ରଖି ସେ ଦେଶରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ସେହି କୋଟାର ଛାତ୍ର ସକ୍ଷମ ଜିନ୍ଦଲ୍ ମଧ ୩୩୨ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଛାତ୍ରୀମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଦେବଦତ୍ତ ମାଝୀ ପ୍ରଥମ ସ୍ଥାନରେ ଥିବା ବେଳେ ସର୍ବଭାରତୀୟ ସ୍ତରରେ ୧୬ତମ ସ୍ଥାନରେ ରହିଛନ୍ତି। ▶ପୃଷ୍ଠା-୭


ରଜିତ ଗୁପ୍ତା | ହଂସ ଦାରୁକା

### ରିପୋର୍ଟ କାର୍ଡ ରାଜନୀତି

## ଶାସକ-ବିରୋଧୀ ମୁହାଁମୁହିଁ

■ **ଭୁବନେଶ୍ୱର,୨।୬(ସମିସ):** ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାର ନିଜର ପ୍ରଥମ ବର୍ଷ ପୂରଣ କରୁଛି। ବର୍ଷେ ପୂର୍ତ୍ତି ପୂର୍ବରୁ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଜ ନିଜର ରିପୋର୍ଟ କାର୍ଡ ଦେଇଛନ୍ତି। ବିଭାଗର ସଫଳତା ଓ ବିଫଳତାକୁ ମାପଦଣ୍ଡ କରି ମୁଖ୍ୟମନ୍ତ୍ରୀ ତାଙ୍କ ସରକାରର ମନ୍ତ୍ରୀଙ୍କ ଦକ୍ଷତା ମାପିବେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅଧିକାଂଶ ମନ୍ତ୍ରୀଙ୍କ ରିପୋର୍ଟ କାଡର୍‌କୁ ନେଇ ମୁଖ୍ୟମନ୍ତ୍ରୀ ଅସୁଖୀ। ଏହି ମନ୍ତ୍ରୀମାନେ ତାଙ୍କ ବିଭାଗର କାର୍ଯ୍ୟର ସୂଚାରୀ ସମ୍ପାଦନ କରିବାରେ ବ୍ୟର୍ଥ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଉପଲବ୍ଧି କରୁଥିବା କୁହାଯାଉଛି। ଆଗାମୀ ଦିନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ସମ୍ପୃକ୍ତ ମନ୍ତ୍ରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ଏହି ସୂତ୍ରରୁ ଜଣାପଡ଼ିଛି।

ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଲେ କ୍ୟାବିନେଟରେ ମୋଟ ମନ୍ତ୍ରୀ ସଂଖ୍ୟା ୧୬ ଓ ଏମାନଙ୍କ ମଧ୍ୟରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ। ଜଣେ ଦୁଇଜଣ ମନ୍ତ୍ରୀଙ୍କୁ ଛାଡ଼ିଦେଲେ ଅଧିକାଂଶ ଏକାଧିକ ବିଭାଗ ଦାୟିତ୍ୱରେ ରହିଛନ୍ତି। ବିଭାଗ ସଂଖ୍ୟା ଅନୁସାରେ ସେମାନଙ୍କୁ ଅନୁରୂପ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଜଣେଜଣେ ▶ପୃଷ୍ଠା-୭

**ବର୍ଷେ ମଧ୍ୟରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିଛୁ: ବିଜେପି**

**ସାର୍ବଜନୀନ କରାଯାଉ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ: ବିଜେଡି**

### ଡ୍ରୋନ୍ ସର୍ଭେର ସଫଳତା

## ସରଣ୍ଡା ଜଙ୍ଗଲରୁ ମିଳିଲା ଅଢ଼େଇ ଟନ୍ ବିସ୍ଫୋରକ



■ **ରାଉରକେଲା, ୨।୬ (ସମିସ):** ଡ୍ରୋନ୍ ସର୍ଭେରୁ ମିଳିଛି ସଫଳତା। ସରଣ୍ଡା ଜଙ୍ଗଲରୁ ମିଳିଛି ଅଢ଼େଇ ଟନ୍ ବିସ୍ଫୋରକ। ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ସରଣ୍ଡା ଜଙ୍ଗଲସ୍ଥିତ ବାଙ୍କୋ ଷ୍ଟୋନ୍ କ୍ୱାରୀ ନିକଟରୁ ଗତ ୨୭ତାରିଖ ରାତିରେ ମାଓବାଦୀମାନେ ୫ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟି ନେଇଥିଲେ। ଏହି ଘଟଣାରେ ଆଜି ରାଉରକେଲା ପୁଲିସ୍‌କୁ ବଡ଼ ସଫଳତା ମିଳିଥିବା କୁହାଯାଉଛି। ▶ପୃଷ୍ଠା-୭

**୨୭ରେ ୫ ଟନ୍ ବିସ୍ଫୋରକ ଲୁଟିଥିଲେ ମାଓବାଦୀ**

### ପୁଣି ସ୍ଥିତି ଜାହିର କଲେ ମାଓବାଦୀ

## ଗନ୍ଧମାର୍ଦ୍ଦନରୁ ବିପୁଳ ମାଓ ସାମଗ୍ରୀ ଜବତ

■ **ବରଗଡ଼, ୨।୬(ସମିସ):** କିଛି ଦିନର ନିରବତା ପରେ ବରଗଡ଼ ଜିଲ୍ଲାରେ ପୁଣି ମାଓବାଦୀମାନେ ନିଜର ସ୍ଥିତି ଜାହିର କରିଛନ୍ତି। ପାଇକମାଳ ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରୁ ବିପୁଳ ମାଓ ସାମଗ୍ରୀ ଜବତରୁ ଏହା ସ୍ପଷ୍ଟ ହୋଇଥିବା କୁହାଯାଉଛି । ଗତ ୩୦ ଓ ୩୧ତାରିଖ ରାତିରେ ବରଗଡ଼ ଡିଭିଏଫ୍ ଟିମ୍ ଦ୍ୱାରା ଅପରେସନ୍ ବେଳେ ବିପୁଳ ମାଓ ସାମଗ୍ରୀ ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ କିଛି ବିସ୍ଫୋରକ, ଡିଟୋନେଟର୍ ସହ ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ପୋଷାକ, ପ୍ରେସର୍ କୁକର୍, ଟିଫିନ୍ ବାକ୍ସ, ଔଷଧ, ଲାଲ କପଡ଼ା, ଟର୍ଚ୍ଚ ଲାଇଟ୍, ମାଓ ପୁସ୍ତକ, ଛତା, ବ୍ୟାଟେରୀ, ମୋବାଇଲ ଚାର୍ଜର, ୱାକିଟକି ଚାର୍ଜର୍ ରହିଛି। ବରଗଡ଼, ବଲାଙ୍ଗିର, ମହାସମୁନ୍ଦ ଡିଭିଜନ୍‌ର ମାଓବାଦୀମାନେ ପୂର୍ବରୁ ଏହି ସାମଗ୍ରୀଗୁଡ଼ିକୁ ଲୁଚେଇ ରଖିଥିବା ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ଏହି ସୂଚନା ଦେଇଛନ୍ତି।

ବର୍ଷକ ତଳେ ଆତ୍ମସମର୍ପଣ କରିଥିବା ଦୁଇ ମାଓବାଦୀଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରାଯିବା ପରେ ସଂପୃକ୍ତ ଅଞ୍ଚଳରେ ମାଓବାଦୀ ସକ୍ରିୟ ରହିଛନ୍ତି କି ନାହିଁ, ତାହାର ତଦାରଖ ପାଇଁ ଡିଭିଏଫ୍ ପକ୍ଷରୁ ଅପରେସନ୍ ଆରମ୍ଭ ହୋଇଥିଲା। ଗତ ମାସ ୩୦ ଓ ୩୧ ତାରିଖରେ ଅପରେସନ୍ ବେଳେ ଯବାନଙ୍କୁ ଏହି ସବୁ ମାଓ ସାମଗ୍ରୀ ମିଳିଥିଲା।

## କିଶୋରୀଙ୍କ ‘ଖୁସି’ରେ ତାଲା

■ **ଭୁବନେଶ୍ୱର,୨।୬(ସମିସ):** ସ୍କୁଲ ଛାତ୍ରୀ ଓ କିଶୋରୀଙ୍କୁ ବିନାମୂଲ୍ୟରେ ସାନିଟାରୀ ନାପକିନ୍ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିଲେ ‘ଖୁସି’ ଯୋଜନା। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଫେବ୍ରୁଆରୀ ୨୬ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ବନ୍ଦ ହୋଇ ଯାଇଛି ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଫଳରେ ସାରା ରାଜ୍ୟରେ କିଶୋରୀ ବାଳିକାଙ୍କ ସହ ଛାତ୍ରୀମାନଙ୍କ ପାଖରେ ପହଞ୍ଚିନି ସାନୀଟାରୀ ନାପକିନ୍।

ମାସିକ ଋତୁସ୍ରାବ ସମୟରେ ଗ୍ରାମାଞ୍ଚଳରେ ସ୍କୁଲ ଛାତ୍ରୀମାନଙ୍କ ପରିଚ୍ଛନ୍ନତା ବଜାୟ ରଖିବା ଓ ସେମାନଙ୍କୁ ସୁସ୍ଥ ରଖିବା ନିମନ୍ତେ ତତକାଳୀନ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ବାଳିକାଙ୍କୁ ଋତୁସ୍ରାବ ସଂକ୍ରମଣରୁ ସୁରକ୍ଷା ଦେବା ଲାଗି ‘ଖୁସି’ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୬ରୁ୧୨ ଶ୍ରେଣୀ ବାଳିକାଙ୍କୁ ମାସିକ ୧୮ଟି ନାପକିନ୍ ମାଗଣା ଯୋଗାଇ ଦିଆଯାଉଥିଲା। ସେହିପରି ଗ୍ରାମାଞ୍ଚଳର ମହିଳା ଓ କିଶୋରୀମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହାକୁ ଯୋଗାଇ ଦିଆଯାଉଥିଲା। ପଞ୍ଚାୟତରେ ଏମଏମ୍ଏ ଓ ଆଶା କର୍ମୀମାନେ ଏହାକୁ ବଣ୍ଟନ କରୁଥିଲେ। ବଜାରରେ ସାନିଟାରୀ ନାପକିନ ପ୍ୟାକେଟ୍‌ର ମୂଲ୍ୟ ଅନ୍ୟୂନ ୪୦ ଟଙ୍କା ରହିଥିବାବେଳେ ମାତ୍ର ୬ ଟଙ୍କାରେ ଏହା ଗ୍ରାମାଞ୍ଚଳର କିଶୋରୀମାନଙ୍କ ପାଇଁ ଉପଲବ୍ଧ ହେଉଥିଲା। ୨ରୁ ୩ ମାସ ଲାଗି ପ୍ରତି ଛାତ୍ରୀଙ୍କୁ ୩ଟି ସାନିଟାରୀ ପ୍ୟାକେଟ (୫୪ଟି ନାପକିନ) ପ୍ରଦାନ କରାଯାଉଥିଲା। ରାଜ୍ୟର ୨୯୫୫୭ ବିଦ୍ୟାଳୟରେ ୧୬ଲକ୍ଷ ୮୯ହଜାର ୩୬୬ ଜଣଙ୍କୁ ଚିହ୍ନଟ କରାଯାଇ ୨୦୨୦-୨୧ ଆର୍ଥିକ ବର୍ଷରେ ୩୬ କୋଟି ୪୯ ଲକ୍ଷ ୩ ▶ପୃଷ୍ଠା-୭



**୬ଟଙ୍କାରେ ସରକାର ଯୋଗାଉଥିଲେ ସାନିଟାରୀ ନାପକିନ୍**

**ବିଦ୍ୟାଳୟରେ ଛାତ୍ରୀଙ୍କୁ ମାଗଣାରେ ମିଳୁଥିଲା**

**ବର୍ଷେ ହେଲା ବନ୍ଦ ହୋଇ ଯାଇଛି ‘ଖୁସି’ ଯୋଜନା**




# ବାଂଲାଦେଶ ନୋଟ୍‌ରୁ ହଟିଲା ମୁଜିବୁରଙ୍କ ଫଟୋ

ଢ଼ାକା,୨।୬(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମେ ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କ୍ ରବିବାର ନୂଆ ୧୦୦୦, ୫୦ ଓ ୨୦ ଟଙ୍କା ନୋଟ୍ ଜାରି କରିଛି। ଏହି ନୋଟ୍‌ଗୁଡ଼ିକରୁ ବାଂଲାଦେଶ ପ୍ରତିଷ୍ଠାତା ତଥା ପୂର୍ବତନ ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ଚିତ୍ରକୁ ହଟାଇ ଦିଆଯାଇଛି। ପୁଣି ୫୦୦, ୨୦୦, ୧୦୦ ଓ ୧୦ ଟଙ୍କିଆ ନୋଟ୍ ଖୁବଶୀଘ୍ର ଜାରି କରାଯିବ ବୋଲି ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କ ପ୍ରବକ୍ତା ଆରିଫ୍ ହୁସେନ ଖାନ୍ କହିଛନ୍ତି। ତେବେ ପୁରୁଣା ନୋଟ ପୂର୍ବପରି ପ୍ରଚଳିତ ରହିବ ବୋଲି କୁହାଯାଇଛି। ନୂଆ ନୋଟ୍‌ରେ ହିନ୍ଦୁ ଓ ବୌଦ୍ଧ ମନ୍ଦିରର ଚିତ୍ର ଦେଖିବାକୁ ମିଳିବ।

# ବେକେରୀ ଭିତରେ ବୀଭତ୍ସ ହତ୍ୟା

ବେଙ୍ଗାଲୁରୁ,୨।୬(ଏଜେନ୍ସି): କର୍ଣ୍ଣାଟକର କୋପ୍ପାଲ ଜିଲାରେ ଦିନ ଦ୍ୱିପହରେ ଏକ ବୀଭତ୍ସ ହତ୍ୟା ଘଟିଛି। ଏକ ବେକେରୀ (ପାଉଁରୁଟି କାରଖାନା) ଭିତରେ ପସି ୭ଜଣ ଲୋକ ଧାରୁଆ ଅସ୍ତ୍ରରେ ଜଣେ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଗତ ଶନିବାର ଏହି ଅଭାବନୀୟ ଘଟଣା ଘଟିଥିଲା ବୋଲି ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି। ସିସିଟିଭି କ୍ୟାମେରାରେ ଏହି ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ରେକର୍ଡ ହୋଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଚେନ୍ନାପ୍ପା ନରିନାଲ। ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେ ବେକେରୀ ଭିତରେ ପସି ଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି ନଥିଲେ। ବେକେରୀ ଭିତରେ ସେ ଜୀବନ ବଞ୍ଚାଇବାକୁ ଦୌଡ଼ିବାରେ ଲାଗିଥିଲେ ମଧ୍ୟ ତାଙ୍କୁ ଗୋଡାଇ ଗୋଡାଇ ହତ୍ୟା କରାଯାଇଥିଲା। ସମ୍ପତ୍ତି ବିବାଦ କାରଣରୁ ଏହା ଘଟିଛି ବୋଲି କୁହାଯାଇଛି। ପୁଲିସ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ୭ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି।

# କମଲ ହାସନ ହାଇକୋର୍ଟଙ୍କ ଦ୍ୱାରସ୍ଥ

ଚେନ୍ନଇ,୨।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନ ଏବେ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କର୍ଣ୍ଣାଟକରେ ତାଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'ର ମୁକ୍ତିଲାଭ ପାଇଁ ସେ ନିବେଦନ କରିଛନ୍ତି। କନ୍ନଡ ଭାଷା ଉପରେ ବିବାଦୀୟ ମନ୍ତବ୍ୟ ଦେଇ ସେ ବିବାଦ ସୃଷ୍ଟି କରିଥିଲେ। କନ୍ନଡ଼ ଭାଷା ତାମିଲରୁ ସୃଷ୍ଟି ବୋଲି ସେ କହିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକର ଲୋକେ ତାଙ୍କ ଫିଲ୍ମକୁ ରାଜ୍ୟରେ ମୁକ୍ତିଲାଭ କରାଇ ନଦେବା ପାଇଁ ବିକ୍ଷୋଭ ଓ ଆନ୍ଦୋଳନ କରିଥିଲେ। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ରାଜ୍ୟରେ 'ଠଗ୍ ଅଫ୍ ଲାଇଫ'ର ମୁକ୍ତିଲାଭକୁ ନିଷିଦ୍ଧ କରିଛି। ଫଳରେ ସିନେମାକୁ ରିଲିଜ୍ କରାଇବାକୁ ସେ ନ୍ୟାୟାଳୟରେ ପହଞ୍ଚିଛନ୍ତି। ଏହି ସିନେମା ଜୁନ୍ ୫ ତାରିଖରେ ମୁକ୍ତିଲାଭ କରିବାର କାର୍ଯ୍ୟକ୍ରମ ରହିଥିଲା।

ମଝି ଆକାଶରେ ଶାଗୁଣା ମାଡ଼

# ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ୪,୦୦୦ ଫିଟ୍ ଉଚ୍ଚ ମଝିଆକାଶରେ ଶାଗୁଣା ମାଡ ହେବାରୁ ଏକ ଇଣ୍ଡିଗୋ ବିମାନ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ୧୭୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ବିମାନ ସୁରକ୍ଷିତ ଭାବେ ରାଞ୍ଚିରେ ଜରୁରୀ ଅବତରଣ କରିଛି। କାହାର କୌଣସି କ୍ଷତି ଘଟିନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ବିମାନ ପାଟନାରୁ ରାଞ୍ଚି ଯାଉଥିଲା। ଶାଗୁଣା ମାଡ଼ ହେବାରୁ ପାଇଲଟ୍‌ଙ୍କୁ ବିମାନକୁ ଅବତରଣ କରିବାକୁ ପଡିଥିଲା ବୋଲି ବିର୍ସାମୁଣ୍ଡା ବିମାନ ବନ୍ଦର ନିର୍ଦ୍ଦେଶକ ଆରଆର ମୌର୍ଯ୍ୟ କହିଛନ୍ତି।

# ୨୦୨୬ ସୁଦ୍ଧା ଭାରତକୁ ମିଳିବ ସବୁ ଏସ୍-୪୦୦ ସିଷ୍ଟମ

ମସ୍କୋ, ୨।୬ (ଏଜେନ୍ସି): 'ଅପରେସନ ସିନ୍ଦୂର'ରେ ଦମ୍ ଦେଖାଇ ଥିବା ଏସ୍-୪୦୦ ସୁଦର୍ଶନ ଚକ୍ରର ବାକି ୟୁନିଟ ଗୁଡିକୁ ରୁଷିଆ ୨୦୨୬ ସୁଦ୍ଧା ପ୍ରଦାନ କରିବ। ରୁଷିଆର ଭାରତୀୟ ମିଶନର ଉପମୁଖ୍ୟ ରୋମାନ ବାବୁସ୍କିନ ସୋମବାର ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ସହ ସଂଘର୍ଷରେ ଏହି ସିଷ୍ଟମ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିଲା ବୋଲି ସେ କହିଛନ୍ତି। ଏହା ସହିତ ଏୟାର ଡିଫେନ୍ସ ଏବଂ ଆଣ୍ଟି-ଡ୍ରୋନ ସିଷ୍ଟମରେ ଭାରତ ସହ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଭାରତ ଏସ-୪୦୦ର ୫ଟି ସ୍କ୍ୱାଡ୍ରନ ଆଣିବା ପାଇଁ ୨୦୧୮ରେ ରୁଷ୍ ସହ ଚୁକ୍ତି କରିଥିଲା। ଏଥିରୁ ତିନୋଟି ମିଳି ସାରିଥିବାବେଳେ ଆଉ ୨ଟି ୨୦୨୬ ସୁଦ୍ଧା ରୁଷ୍ ପ୍ରଦାନ କରିବ।

● ଏଲ୍‌ଜିଙ୍କୁ ଭେଟିଲେ ମେହବୁବା

# ଘାଟିକୁ ଫେରନ୍ତୁ କଶ୍ମୀର ପଣ୍ଡିତ

ଶ୍ରୀନଗର, ୨।୬ (ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)ର ମୁଖ୍ୟ ମେହବୁବା ମୁଫତି ସୋମବାର ପ୍ରଥମ ଥର ପାଇଁ ଉପ-ରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟିଛନ୍ତି। ଏହି ସମୟରେ ସେ ଘାଟୀକୁ କଶ୍ମୀର ପଣ୍ଡିତଙ୍କ ସପକ୍ଷରେ ମତ ଦେଇଛନ୍ତି। ପଣ୍ଡିତଙ୍କ 'ପ୍ରତ୍ୟାବର୍ତ୍ତନ ଏବଂ ପୁନର୍ବାସ' ଉପରେ ଧ୍ୟାନ ଦେବାକୁ ସେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଅନୁରୋଧ କରିଛନ୍ତି। କାଶ୍ମୀର ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ ବିନା ଯେକୌଣସି ରାଜନୈତିକ ପ୍ରକ୍ରିୟା 'ଅସମ୍ପୂର୍ଣ୍ଣ' ରହିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଘାଟୀରୁ ଫେରି ଯାଇଥିବା କଶ୍ମୀର ପଣ୍ଡିତ ଭାଇ ଭଉଣୀଙ୍କୁ ଫେରାଇ ଆଣି ସମସ୍ତ ସୁବିଧା ଯୋଗାଇ ଦେବା ଆମର ନୈତିକ ଏବଂ ସାମାଜିକ ଦାୟିତ୍ୱ। ସେ ଏ ସମ୍ବନ୍ଧରେ ଉପ-ରାଜ୍ୟପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

# ମିଳିଲା ସ୍ୱାମୀଙ୍କ ଶବ; ପତ୍ନୀ ନିଖୋଜ

ଶିଲଂ,୨।୬(ଏଜେନ୍ସି): ହନିମୁନ୍ ପାଇଁ ମେଘାଳୟଯାଇଥିବା ନବ ଦମ୍ପତି ନିଖୋଜ ହେବାର ୧୧ ଦିନ ପରେ ସ୍ୱାମୀଙ୍କ ଶବ ମିଳିଛି। କିନ୍ତୁ ପତ୍ନୀଙ୍କୁ ଖୋଜା ଚାଲିଛି। ମଧ୍ୟପ୍ରଦେଶର ଇନ୍ଦୋରରୁ ରାଜା ରଘୁବଂଶୀ ଓ ପତ୍ନୀ ସୋନମ ମେ ୨୩ ତାରିଖରେ ଚେରାପୁଞ୍ଜିରେ ନିଖୋଜ ହୋଇଥିଲେ। ଏହି ଦମ୍ପତି ଇଷ୍ଟ ଖାସି ହିଲ୍ସ ଜିଲ୍ଲାକୁ ହନିମୁନ ପାଇଁ ଯାଇଥିଲେ। ଏହି ସର୍ଚ୍ଚ ଅପରେସନରେ ୬ଟି ଭିନ୍ନ ଦଳ ନିୟୋଜିତ ହୋଇଛନ୍ତି। ଡ୍ରୋନ ସହାୟତାରେ ପୁଲିସ ଶବ ଚିହ୍ନଟ କରିଛି। ହାତର ଟାଟୁରୁ ଶବ ଚିହ୍ନଟ କରାଯାଇଛି। ଏହି ଘଟଣାର ଯାଞ୍ଚ୍ ପାଇଁ ଏସ୍‌ଆଇଟି ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ପତ୍ନୀଙ୍କ ଶବ ମିଳିବ ବୋଲି ଆଶା କରାଯାଉଛି।

# ଆମେରିକାରେ ରହୁଥିବା ଜିନ୍‌ପିଙ୍ଗ୍‌ଙ୍କ ଝିଅ ମିଙ୍ଗ୍‌ଜେଙ୍କୁ ନେଇ ଚର୍ଚ୍ଚା



ୱାସିଂଟନ, ୨।୬ (ଏଜେନ୍ସି): ଆମେରିକାରେ ରହୁଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ଏକମାତ୍ର ଝିଅ ସି ମିଙ୍ଗ୍‌ଜେଙ୍କୁ ନେଇ ଏବେ ସାରାବିଶ୍ୱରେ ଚର୍ଚ୍ଚା ଚାଲିଛି। ସେ ଆମେରିକାର ମାସାଚୁସେଟ୍ସରେ କଡ଼ା ନିରାପତ୍ତା ତଥା ସୁରକ୍ଷା ବଳୟରେ ରହୁଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଚୀନ୍ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ରଖି ନୂଆ ଭିସା ନୀତି ଜାରି କରିଛନ୍ତି। ଫଳରେ ମିଙ୍ଗ୍‌ଜେଙ୍କୁ ଆମେରିକାର ଡିପୋର୍ଟ ଅର୍ଥାତ ବାହାର କରିବାକୁ ନେଇ ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ସେ ଆମେରିକା ଛାଡ଼ି ଚୀନ୍‌କୁ ପ୍ରତ୍ୟାବର୍ତ୍ତନ କରିବେ କି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ସେ ନିଜର ପାଠପଢ଼ା ଜାରି ରଖିବାକୁ ପୁଣି ହାବାର୍ଡ ବିଶ୍ୱବିଦ୍ୟାଳୟ ଫେରିପାରନ୍ତି ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ମିଙ୍ଗଜେ ମାସାଚୁସେଟ୍ସରେ ରହୁଛନ୍ତି ବୋଲି ଟ୍ରମ୍ପର ଜଣେ ସହଯୋଗୀ ତଥା ରାଜନୈତିକ ବିଶ୍ଳେଷକ ଲଉରା ଲୁମେର କହିଛନ୍ତି। ଫଳରେ ମିଙ୍ଗ୍‌ଜେଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଅବଶ୍ୟ ଏ ନେଇ ସ୍ପଷ୍ଟ ଭାବେ କିଛି କୁହାଯାଇନାହିଁ ଓ ତାଙ୍କୁ ନେଇ ରହସ୍ୟ ଲାଗି ରହିଛି।

ଚୀନ୍‌ର ଫୁଜିଆନ ରାଜ୍ୟର ଫୁଝୋରେ ୧୯୯୨ ଜୁନ୍ ୨୫ରେ ଜନ୍ମିତ ଜିନ୍‌ପିଙ୍ଗଙ୍କ ଝିଅ ମିଙ୍ଗଜେ କୌଣସ ଗୁପ୍ତ ରହସ୍ୟଠାରୁ ବି କମ୍ ନୁହଁନ୍ତି। ସେ ସବୁବେଳେ ଲାଇମ୍‌ଲାଇଟ୍‌ରୁ ଦୂରେଇ ରହିଥାନ୍ତି। ତାଙ୍କୁ ସର୍ବସାଧାରଣରେ ପ୍ରାୟଦେଖିବାକୁ ମିଳି ନଥାଏ। ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ ସେ ହାଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ା ଜାରି ରଖିଥିଲେ। ମନସ୍ତତ୍ତ୍ୱରେ ଡିଗ୍ରୀ ହାସଲ କରିଥିବା ମିଙ୍ଗଜେ ସବୁବେଳେ ନିଜର ପରିଚୟ ଗୁପ୍ତ ରଖିଥାନ୍ତି। ପୂର୍ବରୁ ସେ ଚୀନର ଜୋଜିୟଙ୍ଗ୍ ବିଶ୍ୱବିଦ୍ୟାଳୟ ଓ ହାଙ୍ଗଝୁ ଫରେନ ଲାଙ୍ଗୁଏଜ୍ ସ୍କୁଲ୍‌ରେ ଫ୍ରେଞ୍ଚ ଭାଷା ପଢ଼ିଥିଲେ। ୨୦୧୪ ପରେ ସେ ଚୀନ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ସେ ୨୦୧୯ରେ ଗ୍ରାଜୁଏସନ କରିବାକୁ ପୁଣି ହାଭାର୍ଡ ଫେରିଥିଲେ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ତେବେ ସେ ଏବେ କେଉଁଠି ରହୁଛନ୍ତି, ତାଙ୍କ କ୍ୟାରିଅର ଓ ବ୍ୟକ୍ତିଗତ ଜୀବନ ବିଷୟରେ କାହା ପାଖରେ କିଛି ଠୋସ ପ୍ରମାଣ କି ଖବର ନାହିଁ। ସେ ଚୀନ୍ ସରକାରଙ୍କ କଡ଼ା ସୁରକ୍ଷାରେ ମାସାଚୁସେଟ୍ସରେ ରହିଛନ୍ତି ବୋଲି ଅନୁମାନ କରାଯାଉଛି।

## ୟୁକ୍ରେନ ଆକ୍ରମଣରେ ଦୋହଲିଯାଇଛି ରୁଷ୍

# ୧୮ ମାସର ଯୋଜନା ପରେ ୧୧୭ ଡ୍ରୋନ୍ ଆକ୍ରମଣ




ମାନିଲା ରୁଷ୍; ୫ଟି ଏୟାରବେସ୍‌ରେ ହୋଇଛି ଆକ୍ରମଣ

କିଭ୍, ୨।୬ (ଏଜେନ୍ସି): ୟୁକ୍ରେନ-ରୁଷ୍ ମଧ୍ୟରେ ଯୁଦ୍ଧ ଦିନକୁଦିନ ଭୟଙ୍କର ହେବାରେ ଲାଗିଛି। ଦୁଇ ଦେଶର ସେନା ମଧ୍ୟରେ ସବୁଠାରୁ ବଡ଼ ଡ୍ରୋନ ସଂଘର୍ଷ ଜାରି ରହିଛି। ଏହି କ୍ରମରେ ୟୁକ୍ରେନ ରବିବାର କରିଥିବା ଜୋରଦାର ଆକ୍ରମଣରେ ରୁଷ୍ ସ୍ତବ୍ଧ ହୋଇଯାଇଛି। ତଦ୍‌ଜନିତ କ୍ଷୟକ୍ଷତି ବି ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ଦ୍ୱାରା ମୁର୍ମନସ୍କ, ଇର୍କୁଟସ୍କ, ଇଭାନୋଭୋ, ରେଜାନ ଏବଂ ଅମୁର କ୍ଷେତ୍ରରେ ଥିବା ୫ଟି ଏୟାରବେସ୍ ଉପରେ ଭୟଙ୍କର ଆକ୍ରମଣ ହୋଇଥିବା ରୁଷ୍ ମାନିଛି। କିନ୍ତୁ କେତେ ବିମାନ କ୍ଷତିଗ୍ରସ୍ତ ହୋଇଛି ତାହାର ସୂଚନା ଦେଇନାହିଁ। ପୂର୍ବରୁ ୪୦ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଥିବା ୟୁକ୍ରେନ ପକ୍ଷରୁ ଦାବି କରାଯାଇଥିଲା। ଏବେ ରୁଷ୍ ଏହାକୁ ଆତଙ୍କବାଦୀ ଆକ୍ରମଣ କହିଛି। ପ୍ରଥମ ଥର ସେନାଘାଟୀ ନିକଟ ଦେଇ କିଛି ଡ୍ରୋନ ଯାଇଥିବା ସ୍ୱୀକାର କରିଛି। ଏହା ମଧ୍ୟରେ ୟୁକ୍ରେନର ଏଭଳି ଚକିତ କଲାଭଳି ଆକ୍ରମଣକୁ ନେଇ ସବୁଠି ଚର୍ଚ୍ଚା ହେଉଛି। କେଉଁ ଭଳି ଏହାକୁ ସଫଳ କରାଗଲା ତାହା ଜାଣିବା ପାଇଁ ଉତ୍ସୁକତା ପ୍ରକାଶ ପାଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କି ନିଜେ ଏହାର ଗୁମର ଖୋଲିଛନ୍ତି।

ଜେଲେଁସ୍କି ଏହାକୁ ସବୁଠାରୁ ସଠିକ୍ ଆକ୍ରମଣ କହିଛନ୍ତି। ଏଥିପାଇଁ ୧୮ ମାସ ହେଲା ଯୋଜନା କରାଯାଉଥିଲା। ୧୧୭ ଡ୍ରୋନରେ ଶତ୍ରୁର ଠିକଣାକୁ ନିଶାଣ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି। ଏଥିରେ ରୁଷର ବିପୁଳ କ୍ଷୟକ୍ଷତି ହୋଇଛି। ଏହା ସବୁଠାରୁ ବିରଳ ଅଭିଯାନ ଥିଲା। ରୁଷ୍ ଉପରେ ଚାପ ପକାଇବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଥିଲା। ଏହା ମାଧ୍ୟମରେ ତାହା କରି ଦେଖାଇ ଦିଆଯାଇଛି। କଟକଣା, ସେନା ଏବଂ କୂଟନୀତି ମାଧ୍ୟମରେ ସବୁ ପ୍ରକାରର ଚାପ ପକାଯାଇ ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରାଯାଇଛି। ରିପୋର୍ଟ ଅନୁଯାୟୀ ଏହି ଅଭିଯାନର ନାମ 'ସ୍ପାଇଡରସ୍ ୱେବ' ରଖା ଯାଇଥିଲା। ୟୁକ୍ରେନ ସହରରେ ବୋମା ମାଡ଼ କରିବା ପାଇଁ ସିକ୍ୟୁରିଟି ସର୍ଭିସ (ଏସ୍‌ବିୟୁ) ୪୧ଟି ଡ୍ରୋନ ବ୍ୟବହାର କରିଥିଲା। ଏ ସବୁକୁ ଟ୍ରକ୍‌ରେ ଲୁଚାଇ ରୁଷ୍ ନିଆଯାଇଥିଲା। ଏହି ଡ୍ରୋନ୍ ହିଁ ରୁଷର ଟିୟୁ-୯୫, ଟିୟୁ-୨୨, ଏ-୫୦ ଭଳି ରାଡାର ଡିଟେକ୍ସନ ଏବଂ କମାଣ୍ଡ ଏୟାରକ୍ରାଫ୍ଟକୁ ଧ୍ୱଂସ କରିଦେଇଥିଲା। ଜେଲେଁସ୍କି କହିଛନ୍ତି ଯେ ରୁଷିଆର ଗୁଇନ୍ଦା ଏବଂ ସୁରକ୍ଷା ଏଜେନ୍ସି ଏଫଏସ୍‌ବିର ମୁଖ୍ୟାଳୟ ନିକଟରେ ଥିବା ଏକ ଅଫିସରେ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ୧୧୭ଟି ଡ୍ରୋନ ମଧ୍ୟରୁ ୩୪ ପ୍ରତିଶତ ସିଧାସଳଖ ଆକ୍ରମଣ କରାଯାଇଥିବା ସେନାଘାଟୀରେ ଓହ୍ଲାଇ ବୋମା ମାଡ଼ କରିଥିଲା। ରୁଷିଆର ବିଭିନ୍ନ କ୍ଷେତ୍ରରେ ରହିଥିବା ୟୁକ୍ରେନ ନାଗରିକ ଏହି ଅଭିଯାନରେ ସହାୟତା କରିଥିଲେ। ତାଙ୍କୁ ପ୍ରଥମେ ରୁଷ୍ ଅଞ୍ଚଳରୁ ବାହାର କରାଯାଇଥିଲା। ରୁଷ୍ ପୁଣି ବଡ଼ଧରଣର ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବାର ଗୁଇନ୍ଦା ସୂଚନା ମିଳିବା ପରେ ଏହି ପଦକ୍ଷେପ ନିଆଯାଇଥିଲା।

## ଶାନ୍ତି ଆଲୋଚନା ଘଣ୍ଟାଏରେ ଶେଷ

ଇସ୍ତାନବୁଲ୍,୨।୬(ଏଜେନ୍ସି): ତୁର୍କୀର ଇସ୍ତାନବୁଲ୍‌ଠାରେ ସୋମାବାର ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟର ଶାନ୍ତି ଆଲୋଚନା ମାତ୍ର ଏକ ଘଣ୍ଟା ମଧ୍ୟରେ ଶେଷ ହୋଇଛି। ପୂର୍ବରୁ ଦୁଇ ଦେଶର ଏକ ୧୬ ଜଣିଆ ପ୍ରତିନିଧି ମଣ୍ଡଳୀ ଏଠାରେ ଶାନ୍ତି ଆଲୋଚନା ପାଇଁ




ଏକାଠି ହୋଇଥିଲେ ମଧ୍ୟ ଦୁଇ ଘଣ୍ଟାରେ ଏହି ଆଲୋଚନା ଶେଷ ହୋଇଥିଲା। ରୁଷ୍ ଉପରେ ୟୁକ୍ରେନର ଡ୍ରୋନ ମାଡ ହେବାର ମାତ୍ର କେତେ ଘଣ୍ଟା ପରେ ହିଁ ଏହି ଆଲୋଚାନା ହୋଇଥିଲା। ଏ ନେଇ ପ୍ରଶ୍ନ ହେବାରୁ ରୁଷ ଅଧିକାରୀ ମାନେ କାଲି ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି।

# ଆଧାର ଜାଲିଆତି କରି କନଷ୍ଟେବଲ ପରୀକ୍ଷା

ଭୋପାଳ, ୨।୬ (ଏଜେନ୍ସି): ଜାଲିଆତି ଏମିତି ଯାହା ଚଳଚ୍ଚିତ୍ରକୁ ବଳି ଯାଇଛି। ବଲିଉଡର ମୁନ୍ନା ଭାଇ ଫିଲ୍ମକୁ ବି ମାତ୍ ଦେଇ ଦେଇଛି। ପୁଣି ଏହି ଜାଲିଆତି ଚୋର ଧରୁଥିବା ପୁଲିସ ଚାକିରି ପାଇଁ ଚୋରିଛପି କରାଯାଇଛି। ଏହା ପଛରେ ଏକ ବଡ଼ ନେଟୱର୍କ କାମ କରୁଛି। ପୁଲିସ ଚାକିରି କରିବାକୁ ଚାହୁଁଥିବା ପିଲାଙ୍କଠାରୁ ଟଙ୍କା ନେଇ ତାଙ୍କ ସ୍ଥାନରେ ଅନ୍ୟମାନଙ୍କୁ ପରୀକ୍ଷାରେ ବସାଯାଇଛି। କେବଳ ଜଣଙ୍କ ପାଇଁ ନୁହେଁ, ଅନେକଙ୍କ ପାଇଁ ଏପରି କରାଯାଇଛି। ଏଥିପାଇଁ ଆଧାର କାର୍ଡ ଏବଂ ଅନ୍ୟ ପ୍ରମାଣପତ୍ର ଜାଲିଆତି କରାଯାଇଛି। ଏହା ମାଧ୍ୟମରେ ଅସଲି ଆଶାୟୀଙ୍କ ପାଇଁ ନକଲି ବ୍ୟକ୍ତି ସବୁ ପରୀକ୍ଷା ଦେଇଛନ୍ତି। ସବୁ ପର୍ଯ୍ୟାୟରେ ପାସ୍ କରି ନିଯୁକ୍ତି ପତ୍ର ମଧ୍ୟ ମିଳିଯାଇଛି। କିନ୍ତୁ ଚାକିରିରେ ଯୋଗଦେବା ସମୟରେ ପ୍ରମାଣପତ୍ର ଯାଞ୍ଚବେଳେ ସବୁ କିଛି ପଦାରେ ପଡ଼ି ଯାଇଛି। ମଧ୍ୟପ୍ରଦେଶର ପୁଲିସ କନଷ୍ଟେବଳ ନିଯୁକ୍ତି ପରୀକ୍ଷା-୨୦୨୩ରେ ଏଭଳି ଜାଲିଆତି ହୋଇଛି। ଏହାକୁ ନେଇ ପୁଣିଥରେ ଏହି ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି।

ରିପୋର୍ଟ ଅନୁଯାୟୀ ଏଭଳି ଜାଲିଆତି ଗୋଟିଏ ଜିଲ୍ଲାରେ ସୀମିତ ରହିନାହିଁ। ରାଜ୍ୟର ବହୁ ଜିଲ୍ଲାକୁ ଏହାର ଚେର ବ୍ୟାପିଛି। ଏବେ ମଧ୍ୟପ୍ରଦେଶ କର୍ମଚାରୀ ନିଯୁକ୍ତି ବୋର୍ଡ (ଏମପିଏସଇବି) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଉପରେ ଗହନ ଯାଞ୍ଚ କରିବାକୁ ଦାବି କରାଯାଉଛି। ଏହି ମାମଲାରେ ତିନି ଜିଲ୍ଲାରୁ ୧୨ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଉଭୟ ଅସଲି ଏବଂ ନକଲି ପ୍ରାର୍ଥୀ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ୨୦୨୩ ଅଗଷ୍ଟ ୧୨ ରୁ ସେପ୍ଟେମ୍ବର ୧୨ମଧ୍ୟରେ ଏହି ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୭,୦୯୦ ପଦବୀ ପାଇଁ ପ୍ରାୟ ୭ ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ୨୦୨୪ ମାର୍ଚ୍ଚରେ ଲିଖିତ ପରୀକ୍ଷାର ଫଳାଫଳ ବାହାରିବା ପରେ ଶାରୀରିକ ପରୀକ୍ଷା ହୋଇ ଗତ ମାର୍ଚ୍ଚରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜାରି କରାଯାଇଥିଲା। ଚାକିରିରେ ଯୋଗଦେବା ସମୟରେ ବାୟୋମେଟ୍ରିକ ଯାଞ୍ଚବେଳେ ଏହି ଜାଲିଆତି ସାମନାକୁ ଆସିଥିଲା। ମୋରେନାର ରାମ ରୂପ ଗୁର୍ଜର କାର୍ଯ୍ୟଭାର ଗ୍ରହଣ କରିବାକୁ ଅଲିରାଜପୁରର ଏସପିଙ୍କ ଅଫିସରେ ପହଞ୍ଚି ଥିଲେ। କିନ୍ତୁ ଆଡମିଟ୍ କାର୍ଡ ଫଟୋ ତାଙ୍କ ବର୍ତ୍ତମାନର ଫଟୋ ସହ ମେଳ ଖାଉ ନ ଥିବାରୁ ଅଧିକାରୀମାନେ ସନ୍ଦେହ କରିଥିଲେ। ପରେ ଆଙ୍ଗୁଠି ଛାପରୁ ପରୀକ୍ଷା ଦେଇଥିବା ବ୍ୟକ୍ତି ଆଉ କିଏ ବୋଲି ଜଣା ପଡ଼ିଥିଲା। ପଚରାଉଚରା ସମୟରେ ବିହାରର ଅମରେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ଲକ୍ଷେ ଟଙ୍କା ଦେଇ ପରୀକ୍ଷା ଦେବାକୁ କହିଥିଲେ ବୋଲି ସେ ସ୍ୱୀକାର କରିଥିଲା। ମାମଲାରେ ପୁଲିସ ଉଭୟଙ୍କୁ ଗିରଫ କରିଛି।



ସେହିପରି ମୋରେନାରେ ଆଶାୟୀ ରାଧା ଚରଣ ଏବଂ ଦିନେଶ ସିଂହ ଆଧାର ତଥ୍ୟକୁ ଜାଲିଆତି କରିଥିଲେ। ନିଜ ସହ ମେଳ ଖୁଆଇବା ପାଇଁ ପରୀକ୍ଷା ପୂର୍ବରୁ ଏବଂ ପରେ ବାୟୋମେଟ୍ରିକ୍ସ ତଥ୍ୟକୁ ଅପଡେଟ୍ କରିଥିଲେ। ଏହା ବ୍ୟତୀତ ସେଓପୁର ଜିଲ୍ଲାରୁ ୭ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଆଶାୟୀ ସୋନୁ ରାଓ୍ୱତ, ସନ୍ତୋଷ ରାଓ୍ୱତ, ଅମନ ସିଂହ ଏବଂ ସେମାନଙ୍କର ସମାଧାନକାରୀ ସାମିଲ ଅଛନ୍ତି। ବାୟୋମେଟ୍ରିକ୍ ପରିବର୍ତ୍ତନ କରିଥିବା ଆଧାର ଏଜେଣ୍ଟମାନଙ୍କୁ ମଧ୍ୟ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ସୁସଂଗଠିତ ଭାବେ ଏହି ଜାଲିଆତି କରାଯାଉଥିଲା। ପ୍ରଥମେ ଆଶାୟୀଙ୍କୁ ନିଜ ପାଇଁ ଉପଯୁକ୍ତ ନକଲି ପ୍ରାର୍ଥୀ ଖୋଜିବାକୁ ପଡୁଥିଲା। ଏହା ପରେ ଇଣ୍ଟରନାଲ ଆସେସ୍ ମାଧ୍ୟମରେ ଆଙ୍ଗୁଠି ଛାପ ଏବଂ ମୁହଁର ତଥ୍ୟ ମାଧ୍ୟମରେ ବାୟୋମେଟ୍ରିକ ବଦଳା ଯାଉଥିଲା।

# ସିକିମ୍ ସେନା କ୍ୟାମ୍ପରେ ଭୂସ୍ଖଳନ: ୩ ଯବାନଙ୍କ ମୃତ୍ୟୁ, ୬ ନିଖୋଜ

**ପୂର୍ବୋତ୍ତର ରାଜ୍ୟରେ ବର୍ଷା-ବନ୍ୟାରେ ଗଲାଣି ୩୭ ଜୀବନ**

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ସିକିମରେ ରବିବାର ସନ୍ଧ୍ୟା ୭ଟାରେ ଏକ ସେନା ଶିବିରରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ଏଥିରେ ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୬ ଜଣ ମଧ୍ୟ ନିଖୋଜ ଅଛନ୍ତି। ଅବଶେଷ ତଳୁ ୪ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ଏବେ ବି ତଲାସୀ ଅଭିଯାନ ଜାରି ରହିଛି। ପ୍ରତିକୂଳ ପରିସ୍ଥିତିରେ ବି ସେନା କର୍ମୀ ଦିନରାତି ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି। ସେନା ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ହାଭିଲଦାର ଲଖୱିନ୍ଦର ସିଂହ, ଲାନ୍ସ ନାୟକ ମନୀଷ ଠାକୁର ଏବଂ ପୋର୍ଟର ଅଭିଷେଖ ଲାଖଡା ସାମିଲ ଅଛନ୍ତି। ମୃତକଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ପ୍ରତି ସେନା ପକ୍ଷରୁ ଗଭୀର ସମବେଦନା ପ୍ରକାଶ କରାଯାଇଛି। ପୀଡ଼ିତ ପରିବାରମାନଙ୍କୁ ସେନା ପକ୍ଷରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ। ଯବାନଙ୍କ ସୁରକ୍ଷା ଏବଂ ମଙ୍ଗଳ ପାଇଁ ସେନା ପ୍ରତିବଦ୍ଧ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ସିକିମର ଲାଚେନ ଏବଂ ଲାଚୁଙ୍ଗରେ ଗତ ୩୦ ତାରିଖରୁ ଫସିଥିବା ୧୬୭୮ ପର୍ଯ୍ୟଟକଙ୍କୁ ଆଜି ଉଦ୍ଧାର କରାଯାଇଛି।

ସିକିମ ସହିତ ପୂର୍ବୋତ୍ତର ରାଜ୍ୟଗୁଡିକରେ ଗତ ୪ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ଏଥିରେ ଏ ପର୍ଯ୍ୟନ୍ତ ୩୭ ଜଣ ପ୍ରାଣ ହରାଇଲେଣି। ମୃତକଙ୍କ ମଧ୍ୟରେ ଆସାମର ୧୦ଜଣ, ଅରୁଣାଚଳ ପ୍ରଦେଶର ୯ ଜଣ, ମେଘାଳୟରେ ୬ ଜଣ ଏବଂ ମିଜୋରାମର ୫ ଜଣ ସାମିଲ ଅଛନ୍ତି।

ଉଦ୍ଧାରକାର୍ଯ୍ୟରେ ଭାରତୀୟ ସ୍ଥଳ ସେନା, ବାୟୁସେନା ଏବଂ ଆସାମ ରାଇଫଲ୍ସର ଯବାନଙ୍କୁ ମୁତୟନ କରାଯାଇଛି। ଆସାମ ବନ୍ୟାରେ ୩.୬୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ବ୍ରହ୍ମପୁତ୍ର, ବରାକ ସମେତ ୧୦ ପ୍ରମୁଖ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ମଣିପୁରରେ ୧୯ ହଜାରରୁ ଅଧିକ ଏବଂ ତ୍ରିପୁରାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ମିଜୋରାମର ରାଜଧାନୀ ଆଇଜୋଲରେ ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ଗତ ୩୦ ତାରିଖରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ଭୂସ୍ଖଳନର ୨୧୧ଟି ମାମଲା ସାମ୍ନାକୁ ଆସିଲାଣି।

# କୋହଲିଙ୍କ ରେସ୍ତୋରାଁ ବିରୋଧରେ ମାମଲା ରୁଜୁ

ବେଙ୍ଗାଲୁରୁ,୨।୬(ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ସହ-ମାଲିକାନାରେ ଥିବା 'ୱାନ୮ କମ୍ୟୁନ' ନାମକ ଏକ ବାର ଓ ରେସ୍ତୋରାଁ ବିରୋଧରେ କବନ ପାର୍କ ପୁଲିସ ମାମଲା ରୁଜୁ କରିଛି। ଧୂମପାନ ନିଷେଧ କ୍ଷେତ୍ରର ଉଲ୍ଲଂଘନ ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଏକ ସ୍ଥାନୀୟ କୋର୍ଟରୁ ଅନୁମତି ନେବାପରେ ପୁଲିସ ଆଇପିସି ସେକ୍ସନ ୪ ଓ ୨୧ ଧାରାକୁ ପାଥେୟ କରି ରେସ୍ତୋରାଁର ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। କୋହଲିଙ୍କ ସହ ଜଡିତ କୌଣସି ସଂସ୍ଥା ବିରୋଧରେ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନିଆଯାଇନାହିଁ। ପୂର୍ବରୁ ୨୦୨୪ ଡିସେମ୍ବରରେ 'ୱାନ୮ କମ୍ୟୁନ' ବିରୋଧରେ ଫାୟାର ସେଫ୍ଟି ନିୟମର ଉଲ୍ଲଂଘନ ନେଇ ମଧ୍ୟ ଏତଲା ଦାୟର କରାଯାଇଥିଲା।

# ଏସ୍‌ପି ନେତାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍

ପ୍ରୟାଗରାଜ, ୨।୬ (ଏଜେନ୍ସି): ପ୍ରୟାଗରାଜରେ ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ନେତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ୍ ହୋଇଛି। ଏଥିରେ ନେତା ଜଣକ ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ସେହିପରି ଯୁବତୀ ଜଣକ ହାତରେ ମଦ ବୋତଲ ଧରିବା ସହ ବିଛଣାରେ ନେତାଙ୍କ କୋଳ ଉପରେ ବସିଥିବାର ଦେଖାଯାଇଛି। ଏହି ଏସ୍‌ପି ନେତା ହେଉଛନ୍ତି ରାମସାଗର ଓରଫ୍ ମୁଖିଆ ଯାଦବ। ସେ ମେଜା ଲୋହାରୀରେ ରହୁଛନ୍ତି ଓ ସାଧନ ସହକାରୀ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଭିଡିଓ ସାମ୍ନାକୁ ଆସିବା ପରେ ଯମୁନା ନଗର ଡିସିପି ବିବେକ ଚନ୍ଦ୍ର ଯାଦବ ଏନେଇ ମେଜା ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଭିଡିଓ ନକ୍‌ଲି ବୋଲି ନେତା ଜଣକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମୋତେ ବଦ୍‌ନାମ କରିବାକୁ ଆମ ଦଳର ଜଣେ ବିଧାୟକ ଷଡଯନ୍ତ୍ର କରିଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଏହା ବିରୋଧରେ ଅଭିଯୋଗ କରିବି ବୋଲି ସେ କହିଛନ୍ତି।

ବନ୍ଦ କୋଠରୀର ଏହି ଭିଡିଓରେ ୪୫ ବର୍ଷୀୟ ମୁଖିଆ ଯାଦବଙ୍କ ସହ ତାଙ୍କର ଅନ୍ୟ ୪-୫ ଜଣ ସହଯୋଗୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଏହି ଭିଡିଓର ଯାଞ୍ଚ୍ କରାଯିବ ବୋଲି ଡିସିପି କହିଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ବିଜେପିର ଜଣେ ବରିଷ୍ଠ ନେତ୍ରୀଙ୍କ ପୁଅର ୧୩୦ଟି ଅଶ୍ଳୀଳ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା ଓ ଏହାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

# ସ୍କ୍ରୁଡ୍ରାଇଭର୍‌ରେ ୧୮ ଥର ଭୁସି ପ୍ରେମିକାଙ୍କୁ ହତ୍ୟା

ମୋରାଦାବାଦ୍,୨।୬(ଏଜେନ୍ସି): ଗାଇ ପାଇଁ ଖାଦ୍ୟ ଆଣିବାକୁ ଗତ ଶନିବାର ବାହରକୁ ଯାଥିବା ଜଣେ ମହିଳା ଆଉ ଘରକୁ ଫେରି ନଥିଲେ। ଉତ୍ତରପ୍ରଦେଶର ମୋରାଦାବାଦ୍‌ସ୍ଥିତ କୋଟୱାଲି ମେନାଥେରର ଏକ ଗାଁ ପଡିଆରେ ମହିଳାଙ୍କ ରକ୍ତଭିଜା ଶବ ଦେଖିବାକୁ ମିଳିଥିଲା। ମହିଳାଙ୍କ ପ୍ରେମିକ ଏହି ହତ୍ୟାକାଣ୍ଡ ଘଟାଇଛି ବୋଲି କୁହାଯାଇଛି। ଏକ ସ୍କ୍ରୁଡ୍ରାଇଭରରେ ସେ ମହିଳାଙ୍କୁ ୧୮ ଥର ଭୁସି ଏହି କାଣ୍ଡ ଘଟାଇଛି। ସାଇରା ନାମକ ଏହି ମହିଳା ଘରକୁ ନ ଫେରିବା ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଖୋଜିବାକୁ ବାହାରୁ ଯାଇଥିଲେ। ତେବେ ପରଦିନ ତାଙ୍କ ମୃତଦେହକୁ ଠାବ କରାଯାଇଥିଲା। ମହିଳାଙ୍କ ସହ ଦୁଷ୍କର୍ମ କରାଯାଇଛି ବୋଲି ପୁଲିସ ପ୍ରଥମେ ସନ୍ଦେହ କରିଥିଲା। ତାଙ୍କ ଗୁପ୍ତାଙ୍ଗରେ ରକ୍ତ ଦେଖିବାକୁ ମିଳିଥିଲା। କିନ୍ତୁ ପୋଷ୍ଟମର୍ଟମ ପରେ ତାଙ୍କ ସହ ଦୁଷ୍କର୍ମ ହୋଇନାହିଁ ବୋଲି ପୁଲିସ ସ୍ପଷ୍ଟ କରିଛି। ତଦନ୍ତ ବେଳେ ସାଇରାଙ୍କ ମୋବାଇଲ ଫୋନ୍‌ରେ ୫ଟି ମିସ୍ କଲ୍ ଦେଖିବାକୁ ମିଳିଥିଲା। ଏହାକୁ ଆଧାର କରି ସେହି ଗାଁରେ ରହୁଥିବା ରଫି ନାମକ ଜଣେ ବ୍ୟକ୍ତିଙ୍କ ପାଖରେ ପୁଲିସ୍ ପହଞ୍ଚିଥିଲା। ସେ ମଧ୍ୟ ପୁଲିସ୍ ଆଗରେ ନିଜର ଦୋଷ ସ୍ୱୀକାର କରିଛି। ସେ ଏକତରଫା ପ୍ରେମ କରୁଥିଲା ଓ ସାଇରା କୌଣସି ପ୍ରତିକ୍ରିୟା ଦେଉ ନଥିଲା। କିଛି ଦିନତଳେ ଜଣେ ବ୍ୟକ୍ତି ସାଇରାଙ୍କୁ ବାଡେଇଥିଲା। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ସାଇରାଙ୍କ ସମ୍ପର୍କ ଅଛି ବୋଲି ରଫି ସନ୍ଦେହ କରିଥିଲା। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ସାଇରାଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିଲା ବୋଲି ରଫି କହିଛି।



ମା'ର ଶବ ସଂସ୍କାର କରିବାକୁ ମନା କରିଦେଲେ ପୁଅ-ଝିଅ

# ଟ୍ରଲିରେ ସ୍ତ୍ରୀର ମୃତଦେହକୁ ୫ଘଣ୍ଟା ଜଗି ରହିଲେ ସ୍ୱାମୀ



ବାରିପଦା,୨।୬(ସମିସ): ଯୋଉ ପୁଅ-ଝିଅଙ୍କୁ କାଖେଇ, କୋଳେଇ ବଡ଼ କରିଥିଲେ, ସେଇମାନେ ସାତପର କରିଦେଲେ। ମଲା ପରେ ବି ମା'ର ଶବ ସଂସ୍କାର କରିବାକୁ ରୋକଠୋକ୍ ମନା କରିଦେଲେ। ମୁହଁରେ ନିଆଁ ଦେବା ତ ଦୂରର କଥା, ସେମାନଙ୍କ ଆଖିରୁ ଲୁହ ଠୋପାଏ ବି ଗଡ଼ିଲାନି। ବୁଢ଼ା ବାପାଟା ଉପରେ ସବୁ କିଛି ଛାଡ଼ିଦେଇ କବାଟ କିଳିଦେଲେ। କିନ୍ତୁ, ପାଖରେ ବଳ କି ସମ୍ବଳ ନଥିବା ସ୍ୱାମୀ, ସ୍ତ୍ରୀର ଶବକୁ ଛାଡ଼ିପାରିଲେ ନାହିଁ। ଟ୍ରଲି ଉପରେ ପଡ଼ିଥିବା ସ୍ତ୍ରୀର ନିଶ୍ଚଳ ଶରୀରକୁ ୫ ଘଣ୍ଟା ଧରି ଜଗି ରହିଲେ। ଶବ ପାଖରେ ପାଖରେ ଦୀପ, ଧୂପ ଦେଇ ଭଗବାନ ଭରସାରେ ସେମିତି ପଡ଼ି ରହିଲେ। ସ୍ତ୍ରୀର ଶବ ଉପରେ ମାଛିଟିଏ ବି ବସିବାକୁ ଦେଲେ ନାହିଁ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବଜାରଠାରୁ ମାତ୍ର କେଇ ମିଟର ଦୂରରେ ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖଣାହାରୀଙ୍କୁ ବିଚଳିତ କରିଛି।

ମିଳିଥିବା ସୂଚନାନୁଯାୟୀ, କପ୍ତିପଦା ବଜାରରୁ ମାତ୍ର କେଇ ମିଟର ଦୂରରେ ରହନ୍ତି ବିଶ୍ୱନାଥ ମୁର୍ମୁ। ଗତକାଲି ତାଙ୍କ ସ୍ତ୍ରୀ ସୀତା ମୁର୍ମୁଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ସୀତାଙ୍କ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଶ୍ୱନାଥ ତାଙ୍କ ଶବକୁ ଟ୍ରଲିରେ ବୋହିବୋହି ଘରକୁ ଆଣିଥିଲେ। କିନ୍ତୁ, ଶବ ଆସି ଘର ଦୁଆରମୁହଁରେ ପହଞ୍ଚିବା ପରେ ପୁଅ-ଝିଅ ସୀତାଙ୍କ ମୃତଦେହ ସଂସ୍କାର କରିବେ ନାହିଁ ବୋଲି ରୋକଠୋକ୍ ବାପା ବିଶ୍ୱନାଥଙ୍କୁ ଶୁଣାଇଦେଲେ। ଏଭଳି ଏକ ଖରାପ ସମୟରେ ପୁଅ-ଝିଅଙ୍କଠାରୁ ଏକଥା ଶୁଣିବା ପରେ ବିଶ୍ୱନାଥଙ୍କ ଉପରେ ସତେଯେମିତି ଚଡ଼କ ପଡ଼ିଥିଲା। ଜୀବନସାରା ସୁଖଦୁଃଖର ସାଥୀ ହୋଇ ଆସିଥିବା ପତ୍ନୀର ଅନ୍ତିମ ସଂସ୍କାର କେମିତି କରିବେ, ତାଙ୍କ ମୁଣ୍ଡକୁ କିଛି ବୁଦ୍ଧିବାଟ ଦିଶିନଥିଲା। ତେଣୁ ଟ୍ରଲିରେ ପଡ଼ି ରହିଥିବା ମୃତଦେହକୁ ସେମିତି ଘଣ୍ଟାଘଣ୍ଟା ଧରି ଭଗବାନ ଭରସାରେ ଜଗି ରହିଲେ। ଏହି ଖବର ପ୍ରଚାରିତ ହେବା ପରେ କିଛି ସ୍ଥାନୀୟ ସମାଜସେବୀ ଓ ସାମ୍ବାଦିକ ସେଠାରେ ପହଞ୍ଚି ସୀତାଙ୍କ ଅନ୍ତିମ ସଂସ୍କାର କରାଇବାର ବ୍ୟବସ୍ଥା କରାଇଥିଲେ।

# ଅବକାରୀରୁ ରେକର୍ଡ ପରିମାଣର ରାଜସ୍ୱ ଆଦାୟ ଲକ୍ଷ୍ୟ

## ଆହ୍ୱାନ ସାଜିଲାଣି ଗଳିକନ୍ଦିରେ ଚୋରାମଦ ବନ୍ୟା

ଭୁବନେଶ୍ୱର, ୨।୬(ସମିସ): ଚଳିତ ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରାଜ୍ୟରେ ନୂଆ ଅବକାରୀ ଆସିବ। ନୂଆ ନୀତି ଅନୁଯାୟୀ, ରାଜ୍ୟରେ ଆଉ ନୂଆ ମଦ ଦୋକାନ (ଅଫ୍ ସପ) ଖୋଲିବ ନାହିଁ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେହିପରି ଏଣିକି ବର୍ଷିକିଆ ନୀତି ବଦଳରେ ନୂଆ ନୀତି ୩ ବର୍ଷ ଅବଧି ବିଶିଷ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ, ରାଜ୍ୟରେ ଅବକାରୀ ପରିଚାଳନାକୁ ନେଇ ରାଜ୍ୟ ସରକାରଙ୍କ ଆଚରଣ ଏବଂ ଉଚ୍ଚାରଣ ମଧ୍ୟରେ ଫରକ୍ ସଂପୂର୍ଣ୍ଣ ପରିସ୍ଥିତିକୁ ଗୋଳିଆ କଲାଣି। ଏପରିକି, ନୂଆ ନୀତିର ସ୍ୱରୂପକୁ ନେଇ ନିଜେ ସରକାର ସନ୍ଦିହାନ ଏବଂ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ମଧ୍ୟରେ ଅଛନ୍ତି ବୋଲି ବିଶେଷଜ୍ଞ ମହଲରେ ଅଭିଯୋଗ ହେଲାଣି।

ଗୋଟିଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି। ଗାଁ ଗାଁରେ ଦାସକାଠିଆ, ଘୋଡ଼ାନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ଅପରପକ୍ଷେ, ସମାନ ସମୟରେ ଅବକାରୀ ରେକର୍ଡ ୯୭୫୩କୋଟି ଟଙ୍କା ରାଜସ୍ୱ ଲକ୍ଷ୍ୟ ରଖିବା ରାଜ୍ୟ ସରକାରଙ୍କ ନିଶା ନିବାରଣ ପ୍ରତି ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଅବକାରୀ ରାଜସ୍ୱ ବୃଦ୍ଧି ନୁହେଁ, ମଦ ବିକ୍ରେତାମାନେ ମଧ୍ୟ ନିଜ କୋଟାରେ ମଦ ଉଠାଣକୁ ଅବକାରୀ ବିଭାଗ ଅନୁମତି ପ୍ରଦାନ କରିଛି।

ଏପରିସ୍ଥଳେ ନିଶା ନିବାରଣ ଅଭିଯାନ କେତେଦୂର ଫଳପ୍ରଦ ହେବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏପରିକି ରାଜ୍ୟରେ ନିଶା ନିବାରଣ ଏବଂ ଅବକାରୀ ନୀତିକୁ ନେଇ ସରକାର ନିଜେ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ସାମାଜିକ କର୍ମୀ ଅଭିଯୋଗ ବାଢ଼ିଛନ୍ତି।

ରାଜ୍ୟରେ ନୂଆ ସରକାର ଆସିବା ପରଠାରୁ ଚୋରାମଦ କାରବାର ଆକାଶଛୁଆଁ ହୋଇଛି। ରାଜ୍ୟରେ ଗଳି କନ୍ଦିରେ ଚୋରାମଦ ସହଜରେ ଉପଲବ୍ଧ ହେଉଥିବା ବେଳେ ବ୍ରାଉନସୁଗାର କାରବାର ମଧ୍ୟ ସମାଜକୁ ବେଶ୍ କ୍ଷତିଗ୍ରସ୍ତ କଲାଣି। ଅତଏବ୍ ସରକାର ଏହା ଉପରେ ସରକାର ସବୁଠୁ ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

■ ସରକାରଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ
■ ନୂଆ ଅବକାରୀ ନୀତିକୁ ନେଇ ସରକାର ଦ୍ୱନ୍ଦ୍ୱରେ

ମନ୍ତ୍ରୀଙ୍କ କହିବାନୁଯାୟୀ, ବିଭିନ୍ନ ରାଜ୍ୟରେ କେମିତି ଅବକାରୀ ନୀତି କାର୍ଯ୍ୟକାରୀ ହେଉଛି, ତାହାକୁ ରାଜ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ଏଥିପାଇଁ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ତିନୋଟି ଟିମ୍ ଗଠନ କରାଯାଇଥିଲେ ସେମାନେ ବିଭିନ୍ନ ରାଜ୍ୟକୁ ଗସ୍ତ କରି ସେଠାକାର ନୀତିର ଅନୁଧ୍ୟାନ କରିବେ। ଏହାକୁ ତର୍ଜମା କରାଯାଇ ଆବଶ୍ୟକସ୍ଥଳେ ନୂଆ ଅବକାରୀ ନୀତିରେ କେତେକ ପ୍ରସ୍ତାବକୁ ଆପଣାଯାଇପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଅପରପକ୍ଷେ, ରାଜ୍ୟରେ ଆସିବାକୁ ଥିବା ଅବକାରୀ ନୀତିକୁ ନେଇ ବିଶେଷଜ୍ଞମହଲରେ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟରେ ବିଜେପି ସରକାରରେ ଆସୁଆସୁ ଚିକିଟିରେ ବିଷାକ୍ତ ମଦମୃତ୍ୟୁ ଘଟଣା ଘଟିଲା। ଏହାପରେ ରାଜ୍ୟରେ ଆଉ ଚୋରାମଦ ବ୍ୟବସାୟ କିମ୍ବା ବ୍ୟବସାୟୀ ରହିବେ ନାହିଁ ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ମାତ୍ର କିଛି କୁଚିଆ ତଥା ମଦଭାଟି ଉପରେ କାର୍ଯ୍ୟାନୁଷ୍ଠାନ ପରେ ସରକାର ଚୁପଚାପ ବସିପଡ଼ିଲେ। ବର୍ତ୍ତମାନ ରାଜ୍ୟରେ ସ୍ଥିତି ଏପରି ହେଲାଣି ଯେ ଲାଇସେନ୍ସପ୍ରାପ୍ତ ମଦ ଦୋକାନଠାରୁ ଅଧିକ ବେପାର ଚୋରା ମଦ ବ୍ୟବସାୟୀମାନେ କରୁଛନ୍ତି। ଗାଁ ଗହଳିରେ ମଦର ବନ୍ୟା ଛୁଟୁଥିବା ବେଳେ ଅବକାରୀ ଏବଂ ପୁଲିସ ବିଭାଗ ଏକପ୍ରକାର ନିଷ୍କ୍ରିୟ ହୋଇପଡ଼ିଲାଣି। ଅତଏବ୍, ସରକାର ନୂଆ ନୀତିରେ ଚୋରାମଦ କାରବାର ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।


ରାଜ୍ୟରେ ବର୍ତ୍ତମାନ ମଦ ବ୍ୟବହାର ଧୀରେଧୀରେ ବଢ଼ିବାରେ ଲାଗିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୧୨.୯କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫କୋଟି ଲିଟରକୁ ବୃଦ୍ଧି ପାଇଥିଲା। ସେହିପରି ବିଦେଶୀ ମଧ ବ୍ୟବହାର ମଧ୍ୟ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସରକାର ଅବକାରୀରୁ ରେକର୍ଡ ୯୭୫୩କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ବର୍ତ୍ତମାନ ୩୦ପ୍ରତିଶତ ଲୋକ ମଦ୍ୟପାନ କରୁଥିବାର ଚିନ୍ତା ଉଦ୍ରେକକାରୀ ଚିତ୍ର ସାମ୍ନାକୁ ଆସିଲାଣି।

ନିର୍ବାଚନୀ ପ୍ରଚାର ବେଳେ ବିଜେପି ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ତେଣୁ ଅବକାରୀ ନୀତିରେ କ'ଣ ରହିଛି ଏବଂ ରାଜ୍ୟରେ ମଦ ବ୍ୟବହାରକୁ ନିୟନ୍ତ୍ରଣରେ ରଖିବାକୁ ସରକାରଙ୍କ କେତେ ଆନ୍ତରିକତା ରହିଛି, ତାହା ନୂଆ ନୀତିରୁ ସ୍ପଷ୍ଟ ଜଣାପଡ଼ିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

# ୪ଯାଏଁ ବଢ଼ିଲା +୩ ଆବେଦନ ଅବଧି

ଭୁବନେଶ୍ୱର,୨।୬(ସମିସ): +୩ରେ ନାମଲେଖା ପାଇଁ ଥିବା ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା କମ୍ ରହିଛି। +୨ ପରୀକ୍ଷାଫଳ ପ୍ରକାଶ ପାଇବାର ବହୁ ପୂର୍ବରୁ ଆବେଦନ ଆରମ୍ଭ ହୋଇଥିବା ବେଳେ ଆଶାନୁରୂପ ଆବେଦନ ହୋଇପାରିନି। ଏହି ପରିପ୍ରେକ୍ଷୀରେ ଆବେଦନ ଅବଧିକୁ ଆଉ ୩ଦିନ ପାଇଁ ବଢ଼ାଯାଇଛି। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅନୁରୋଧକ୍ରମେ ଆବୋଦନ ଅବଧିକୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ନିର୍ଦ୍ଧାରିତ ସମୟରେ କେବଳ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀଙ୍କୁ ଆବେଦନ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତବର୍ଷ ନାମଲେଖା ପାଇଁ ସମୁଦାୟ ୨ଲକ୍ଷ ୭୪ହଜାର ୫୬୯ଟି ସିଟ୍ ରହିଛି। ଏଥିପାଇଁ ୨ଲକ୍ଷ ୫୯ହଜାର ୭୩୨ଜଣ ଆବେଦନ କରିଥିବା ବେଳେ ତନ୍ମଧ୍ୟରୁ ୨ଲକ୍ଷ ୫୧ହଜାର ୭୭୪ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୨ହଜାର କମ୍ ରହିଛି।

# ହାତୀଦାନ୍ତ ଡିଲ୍ ବେଳେ ଶିକାରୀକୁ ଧରିଲା ଏସ୍‌ଟିଏଫ୍



ଭୁବନେଶ୍ୱର,୨।୬(ସମିସ): ହାତୀଦାନ୍ତ ଡିଲ ବେଳେ ଏସ୍‌ଟିଏଫ୍ ହାତରେ ଧରା ପଡ଼ିଛି ଜଣେ ଶିକାରୀ। ସୋନପୁର ରାସ୍ତା ତେଲିବନ୍ଧ ଛକ ନିକଟରେ ପ୍ରମୋଦ ପରିଡ଼ା ନାମକ ଏହି ଶିକାରୀକୁ ଗିରଫ କରିବା ସହ ୨ଟି ହାତୀଦାନ୍ତକୁ ଏସ୍‌ଟିଏଫ ଜବତ କରିଛି। ଯାହାର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ହେବ। ଏହି ହାତୀ ଦାନ୍ତ ରାଜ୍ୟ ବାହାରକୁ ଚାଲାଣ କରାଯିବାକୁ ଯୋଜନା କରାଯାଇଥିଲା; ଏ ସମ୍ପର୍କରେ ସୂଚନା ପାଇ ପୂର୍ବରୁ ଛକି ରହିଥିବା ଏସ୍‌ଟିଏଫ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଏକ ଅଖା ବ୍ୟାଗ୍‌କୁ ଯାଞ୍ଚ କରିବା ପରେ ସେଥିରୁ ଦୁଇଟି ହାତୀ ଦାନ୍ତ ଜବତ କରାଯାଇଥିଲା। ଶିକାରୀଙ୍କୁ ପଚରାଉଚରା କରାଯିବା ପରେ ସେମାନେ ହାତୀ ଶିକାର କରିଥିବା ସ୍ୱୀକାର କରିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ଶିକାରକୁ ଗିରଫ କରାଯାଇଛି। ଏହା ପଛରେ ଏକ ରାକେଟ କାମ କରୁଥିବା ଜଣାପଡିଛି। ତେଣୁ ଏହି ଶିକାରୀ ରାକେଟ ପାଖରେ ପହଞ୍ଚିବା ପାଇଁ ଏସ୍‌ଟିଏଫ ଖୋଳତାଡ଼ କରୁଛି।

# ନିଖିଲ ପଓନକଲ୍ୟାଣ ଜନଗଣନା ନିର୍ଦ୍ଦେଶକ ନିଯୁକ୍ତ



ଭୁବନେଶ୍ୱର,୨।୬(ସମିସ): ଆଇଏଏସ୍ ଅଫିସର ନିଖିଲ ପଓନକଲ୍ୟାଣଙ୍କୁ ମିଳିଛି ଗୁରୁଦାୟିତ୍ୱ। ୨୦୧୨ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ନିଖିଲ ପଓନକଲ୍ୟାଣଙ୍କୁ ଓଡ଼ିଶାରେ ଜନଗଣନା ନିର୍ଦ୍ଦେଶକ/ନାଗରିକ ପଞ୍ଜିକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ବେଳେ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହାସହିତ ତାଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ କେନ୍ଦ୍ର ପକ୍ଷରୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାବିନେଟ ନିଯୁକ୍ତି କମିଟି ନିର୍ଦ୍ଦେଶାବଳୀ ଅନୁଯାୟୀ, ଏପରି ଭୂମିକାରେ ନିଯୁକ୍ତ ଅଧିକାରୀମାନେ ନିଯୁକ୍ତି ବିଜ୍ଞପ୍ତିର ତିନି ସପ୍ତାହ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ଉଚିତ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନା ଥାଉକି, ନିଖିଲ ପଓନ କଲ୍ୟାଣ ଅଗଷ୍ଟ ୨୦୨୪ରୁ ଓଡ଼ିଶାରେ ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।



## ଯୁଗଳ ବେଶରେ ଦର୍ଶନ ଦେଲେ ଦେବଦମ୍ପତି

# ସାଂସ୍କୃତିକ ଶୋଭାଯାତ୍ରାରେ ଦୁଲୁକିଲା ସହର

**ବଲାଙ୍ଗିର, ୨।୬(ସମିସ)**

ଧୁମଧାମରେ ପାଳିତ ହୋଇଛି ଦେବଦମ୍ପତିଙ୍କ ବାହାଘର। ଇଶ୍ୱରଙ୍କ ମାନବୀୟ ଲୀଳାରେ ମୋହିତ ହୋଇଛନ୍ତି ଭକ୍ତ। ମନ୍ଦିର ଛାଡ଼ି ରାଜରାସ୍ତାରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଭଗବାନ। ଭକ୍ତ ଭଗବାନଙ୍କ ଡୋରିକୁ ବାନ୍ଧି ରଖୁଥିବା ଏଭଳି ଏକ ନିଆରା ପରମ୍ପରାର ପର୍ବ ଶୀତଳଷଷ୍ଠୀ ସୋମବାର ସମାପନ ହୋଇଛି। ସାଂସ୍କୃତିକ ଶୋଭଯାତ୍ରାରେ ଦୁଲୁକି ଉଠିଛି ବଲାଙ୍ଗିର ସହର। ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାର ଆସି ଏହି ଶୋଭଯାତ୍ରାରେ ସାମିଲ ହୋଇଛନ୍ତି। ବଲାଙ୍ଗିର ସହରର ବିଭିନ୍ନ ପଡ଼ାରେ ଥିବା ଶୀତଳଷଷ୍ଠୀ ପୂଜା କମିଟି ତରଫରୁ ଶିବ ପାର୍ବତୀଙ୍କ ଶୁଭ ବିବାହ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଧି ପରମ୍ପରା ଅନୁସାରେ ଲୋକାଚାର ପିତାମାତା ଭାବରେ ଦମ୍ପତିମାନେ ଦେବଦେବ ମହାଦେବଙ୍କୁ ପୁଅ ଭାବରେ ଓ ଜଗତଜନନୀ ମା'ପାର୍ବତୀଙ୍କୁ ଝିଅ ଭାବରେ ଗ୍ରହଣ କରି ଘରକୁ ନେଇଥିଲା। ନୀତି ଅନୁସାରେ ହୋଇଥିଲା ବା। ହା। ଘ ର। ମା। ଟି ପ କା।, ଦେବଗଣସନ, ବରାନୁଗମନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ବାହାଘର କାର୍ଯ୍ୟକ୍ରମ ସରିବା ପରେ ସୋମବାର ସକାଳୁ ଶୋଭଯାତ୍ରା ବାହାରିଥିଲା। ଜୁଗଳ ବେଶରେ ଦେବଦମ୍ପତି ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଜୁଗଳବେଶକୁ ଦର୍ଶନ କରିବା ପାଇଁ ଭକ୍ତମାନେ ପାଣିକଳସ ଧରି ଅପେକ୍ଷା କରିଥିଲେ। ସାଂସ୍କୃତିକ ଶୋଭାଯାତ୍ରାରେ ଶହଶହ କଳାକାର ଯୋଗଦେଇଥିଲେ। ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ଭକ୍ତମାନେ ଦେବଦମ୍ପତିଙ୍କୁ ବିଦାୟ ଦେଇଥିଲେ।






## ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ



**ଟିଟିଲାଗଡ଼, ୨।୬(ସମିସ):** ଟିଟିଲାଗଡ଼ର ପ୍ରସିଦ୍ଧ ଶୀତଳଶଷ୍ଠୀ ଯାତ୍ରା ଉପଲକ୍ଷେ ଟିଟିଲାଗଡ଼ର ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସଙ୍କ ଆବାହକତ୍ୱରେ ଶନିବାର ସନ୍ଧ୍ୟାରେ ଦେବ ନିମନ୍ତ୍ରଣ କରାଯାଇଥିଲା। ପିତାମାତା ଭାବେ ସିରଭଟା ପଡ଼ାର ମହେନ୍ଦ୍ର କୁମାର ରାଉତ ଏବଂ ସପତ୍ନି ମେନକା ରାଉତ ସୌଭାଗ୍ୟ ଅର୍ଜନ କରିଥିଲେ। ମହାଦେବଙ୍କୁ ଧରି ବରଯାତ୍ରୀ ଧରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। କନ୍ୟା ପିତାମାତା ଭାବେ ହାଟପଦା ପଡ଼ାର ସୀତାରାମ ବେହେରା ଏବଂ ରେଣୁକା ବେହେରା ଏବଂ ପଡ଼ାବାସୀ ବର ପକ୍ଷକୁ ପାଛୋଟି ଆଣିଥିଲେ। ରାତି ୧୧.୩୦ରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। କମିଟିର ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡେଇ, କୋଷାଧ୍ୟକ୍ଷ ପ୍ରଭାକର ସରାଫ, ସଦସ୍ୟ ଧଳା କାହୁଁ ବୁଡେକ୍, କାର୍ତ୍ତିକ, ନାଏକ, ଟିକେଲାଲ ସେଠ, ସତ୍ୟଜିତ ଷଡ଼ଙ୍ଗୀ, ସଞ୍ଜୀବ ତ୍ରିପାଠୀ, କିଶୋର ନାଗ, ନରୀନ ରଣା, ଶିବ ବେହେରା, ମଦୁଆଲ ବେହେରା, ପ୍ରଶନ ବାଗ, ଶିବୁନ ବାଗ, ଜିତେନ୍ ବାଗ, ସୁନା ବେହେରା, ଘୁରଲୁ ବେହେରା, କାଲୁ ବେହେରା, ହରି ମନହିରା ପ୍ରମୁଖ ଉପସ୍ଥିତ ଥିଲେ।

## ବଦଳିଲେ ଲୋଇସିଂହା କଲେଜ ଭାରପ୍ରାପ୍ତ ଅଧକ୍ଷ

**ବଲାଙ୍ଗିର, ୨।୬ (ସମିସ):** ବଦଳିଲେ ଲୋଇସିଂହା ମହାବିଦ୍ୟାଳୟର ଭାରାପ୍ରାପ୍ତ ଅଧକ୍ଷ ଗୋବିନ୍ଦ ଚନ୍ଦ ସାହୁ। ସେ ଗତ କିଛିବର୍ଷ ହେଲା ଏହି ପଦରେ ରହିଆସିଥିବାବେଳେ କଲେଜରେ ମନମାନୀ କରିବା ନେଇ ଛାତ୍ରଛାତ୍ରୀ ତାଙ୍କ ବିରୋଧରେ ଆନ୍ଦୋଳନ ଡାକରା ଦେଇଥିଲେ। ତାଙ୍କ ନାମରେ ଆର୍ଥିକ ଅନିୟମିତତା ରହିଥିବା ଅଭିଯୋଗ ହୋଇଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ବଦଳି ନିର୍ଦ୍ଦେଶନାମାରେ ତାଙ୍କୁ ଝାରସୁଗୁଡା ବଦଳି କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ୫୦ ଜଣ ବରିଷ୍ଠ ରିଡରଙ୍କୁ ବଦଳି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁସାରେ ଲୋଇସିଂହା ଡିଗ୍ରୀ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ରିଡର ତଥା କଲେଜର ଭାରାପ୍ରାପ୍ତ ଅଧକ୍ଷ ଥିବା ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳକୁ ବଦଳି କରାଯାଇଥିବା ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ବୃଦ୍ଧା ମୃତ

**ସଇଁତଳା, ୨।୬(ସମିସ):** ସଇଁତଳା ଥାନା ଅଧୀନ କେରମେଲି ପଞ୍ଚାୟତ ଦେଇ ଯାଇଥିବା ଜାତୀୟ ରାଜପଥ-୨୬ରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। କେରମେଲି ଦେଇ ଯାଇଥିବା ଜାତୀୟ ରାଜପଥ-୨୬ରେ ଜଣେ ଅଜଣା ବୃଦ୍ଧା ରାସ୍ତା ପାରି ହେଉଥିବାବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ୪ ଗୁରୁତର

**କଣ୍ଟାବାଞ୍ଜି, ସିନ୍ଧେକେଲା, ୨।୬(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ବଳଧା ପଞ୍ଚାୟତର ସାନମୂଳା ଗ୍ରାମରେ ବଜ୍ରପାତରେ ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନିକଟସ୍ଥ ନଦୀକୁ ସ୍ନାନ କରିବାପାଇଁ ଯାଇ ଫେରୁଥିବାବେଳେ ଆମ୍ବ ଗଛ ନିକଟରେ ଅଟକି ରହିଥିଲେ। ଘଡ଼ଘଡ଼ି ସହ ବଜ୍ରପାତ ହେବାରୁ ୪ ଜଣ ଗୁରୁତର ହୋଇଥିଲେ।

## ତୁରେକେଲା ବ୍ଲକରେ ଭତ୍ତା ବଣ୍ଟନ

**ତୁରେକେଲା, ୨।୬(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ବିଧବା ଓ ଭିନ୍ନକ୍ଷମ ଭତ୍ତା ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ନୂତନ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ବ୍ଲକ ଅଧକ୍ଷା ପୂଜା ବେହେରା, ସରପଞ୍ଚ ଜଳନ୍ଧର ମାହାକୁଡ଼, ସମିତି ସଭ୍ୟ ପ୍ରମୋଦ ମାହାପାତ୍ର ପ୍ରମୁଖ ମଞ୍ଚାସିନ ଥିବାବେଳେ ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ହେମାନନ୍ଦ ବିଶ୍ୱାଳ, ଯୋଗାଣ ଅଧିକାରୀ ସନ୍ତାନ ମାଝୀ ସହ ତୁରେକେଲା ବ୍ଲକ କର୍ମଚାରୀଙ୍କ ସହ ବିଭିନ୍ନ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

## ବେଲଗାଁଠାରେ ଶୀତଳ ଷଷ୍ଠୀ ଓ ନାମଯଜ୍ଞ

**ସଇଁତଳା, ୨।୬(ସମିସ):** ସଇଁତଳା ବ୍ଲକ ଅଧୀନ ବେଲଗାଁଠାରେ ଶୀତଳଷଷ୍ଠୀ ଉତ୍ସବ ତଥା ବିବାହ ସମ୍ପନ୍ନ ହୋଇଛି। ଧବଳେଶ୍ୱର ବାବାଙ୍କ ବିବାହ ଉତ୍ସବ ପାଇଁ କନ୍ୟା ପିତା, ବିକ୍ରମ ତାଣ୍ଡି ମାତା, ବବିତା ତାଣ୍ଡି ସ୍ୱାଧୀନପଡ଼ା ଙ୍କ ଘରକୁ ପାର୍ବତୀଙ୍କୁ ନିଆଯାଇଥିଲା। ଗୋପବନ୍ଧୁପଡ଼ାସ୍ଥିତ ବରପିତା, ଭକ୍ତରାମ ମହାନନ୍ଦ ମାତା, ଶକୁନ୍ତଳା ମହାନନ୍ଦଙ୍କ ଘରୁ ବରାଯାତ୍ରୀ ଦଳ ବାହାରିଥିଲେ। ରାତିରେ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିବା ବେଳେ ପ୍ରଭୁ ମହାଦେବ ଓ ମାତା ପାର୍ବତୀ ଶ୍ରଦ୍ଧାଳୁଙ୍କୁ ଯୁଗଳ ଦର୍ଶନ ଦେଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶୀତଳ ଷଷ୍ଠୀ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ କର୍ତ୍ତା ଭାଭରେ ମୋହନ ବାଗ ଓ ତାଙ୍କ ଧର୍ମପତ୍ନୀ ମମତା ବାଗ ଥିବାବେଳେ କମିଟିର ସଭାପତି ଧର୍ମେନ୍ଦ୍ର ନାଗ, ସମ୍ପାଦକ ଡୋଳାମଣି ସୁନା, ନରେନ୍ଦ୍ର ମହାନନ୍ଦ, ସନ୍ତ ନାଗ, ବଲ୍ଲଭ ତାଣ୍ଡି, ବିଜୟ ବାଗ, ଗୋପାଳ ହରପାଳ, ବରମ ଚୌହାନ, ପାଉଲ ହରପାଳ ଉପସ୍ଥିତ ଥିଲେ।

## ଦେଓଗାଁ ଓକିଲ ସଂଘ ସଭାପତିଙ୍କ ପରଲୋକ

**ଦେଓଗାଁ, ୨।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ଓକିଲ ସଂଘର ସଭାପତି ଅନନ୍ତ କୁମାର ସାହୁ(୫୭)ଙ୍କ ହୃଦଘାତରେ ପରଲୋକ ଘଟିଛି। ରବିବାର ପୂର୍ବାହ୍ନରେ ସେ ଅସୁସ୍ଥ ଅନୁଭବ କରିବାରୁ



ବଲାଙ୍ଗିର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କ ଧର୍ମପତ୍ନୀ ଶାନ୍ତିଲତା ସାହୁ, ପୁଅ ସୌମ୍ୟଶାନ୍ତ ସାହୁ ଓ ଝିଅ ସୌମ୍ୟଶ୍ୱେତା ସାହୁ ଉପସ୍ଥିତ ଥିଲେ। ପୁଅ ସୌମ୍ୟଶାନ୍ତ ମୁଖାଗ୍ନି ଦେଇଥିଲେ। ପରଲୋକରେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି, ତହସିଲ ଓକିଲ ସଂଘ, ସାମ୍ବାଦିକ ସଂଘ, ବଣିକ ସଂଘ, ତହସିଲ କର୍ମଚାରୀ, ବିଧାୟକ କଳିକେଶ ନାରାୟଣ ସିଂ ଦେଓ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ, ଯୁବନେତା ଶୈଳେନ୍ଦ୍ର ସାହୁ, ବିଶ୍ୱଜିତ ପାତ୍ର ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ବନ ବିଭାଗର ଚଢ଼ଉ, ଖଇର କାଠ ଜବତ

**ବଲାଙ୍ଗିର/ କଣ୍ଟାବାଞ୍ଜି, ୨।୬ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜରେ ବନବିଭାଗ ଚଢ଼ଉ କରି ମିନିଟ୍ରକ୍‌ରେ ଖଇର କାଠ ଚାଲାଣ ହେଉଥିବାବେଳେ ଜବତ କରିଛି। ବନ ବିଭାଗ ଏହି ଘଟଣାର ଛାନଭିନ ଆରମ୍ଭ କରିଥିବା ଜଣାପଡ଼ିଛି। ରବିବାର ବିଳମ୍ବିତ ରାତିରେ ବିଶ୍ୱସ୍ତସୂତ୍ରରୁ ଖବରପାଇ ମୁରିବାହାଲ ବନ ବିଭାଗର ଟିମ୍ ଏକ ମିନି ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲା। ତେବେ ଉକ୍ତ ଗାଡ଼ିରେ




ଖଇର କାଠ ବେଆଇନ ଭାବେ ଚାଲାଣ ହେଉଥିବା ଜାଣିବାକୁ ପାଇ କାଠସହ ଗାଡ଼ିକୁ ଜବତ କରିଥିବା ଜଣାପଡ଼ିଛି। ଜବତ କାଠ ର ପରିମାଣ ପ୍ରାୟ ସାତ କ୍ୱିଣ୍ଟାଲ ହେବ ବୋଲି ଜଣାପଡ଼ିଛି। ଏନେଇ ମାମଲା ରୁଜୁକରି ଛାନଭିନ୍ ଆରମ୍ଭ କରିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚିତେଶ୍ୱରୀ ରଣା ପୁରସ୍କୃତ

**କଣ୍ଟାବାଞ୍ଜି, ୨।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ମହିଳାସ୍ନାତକ ମହାବିଦ୍ୟାଳୟର ଯୁକ୍ତତିନି ବାଣିଜ୍ୟ ସମ୍ମାନ ଦ୍ୱିତୀୟ ବର୍ଷର ଛାତ୍ରୀ ଚିତେଶ୍ୱରୀ ରଣା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଚିତେଶ୍ୱରୀ ମହାବିଦ୍ୟାଳୟସ୍ତରୀୟ ଅହଲ୍ୟା ବାଇ ହୋଲକରଙ୍କ ଅବଦାନ ଉପରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏଥିପାଇଁ ତାଙ୍କୁ ଖେଳ ଶିକ୍ଷୟିତ୍ରୀ ରଞ୍ଜୁ ବନଛୋର ଏବଂ ଅଧକ୍ଷ ରାଜେନ୍ଦ୍ର କୁମାର ପୁରୋହିତ ଓ ସମସ୍ତ ଅଧାପକ/ଅଧାପିକା / କର୍ମଚାରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ବ୍ରାହ୍ମଣ ମହାସଭାର କାର୍ଯ୍ୟକାରୀ ବୈଠକ

**ବଲାଙ୍ଗିର, ୨।୬(ସମିସ):** ବିଶ୍ୱ ବ୍ରାହ୍ମଣ ଦିବସର ଅଭିନନ୍ଦନ ସହ ସ୍ଥାନୀୟ ନୃସିଂହମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ସମାଜ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବ୍ରାହ୍ମଣ ମହାସଭାର ୨୦୨୫ ପାଇଁ ସ୍ମରଣିକା ପ୍ରସ୍ତୁତି, ପର୍ଶୁରାମ ଜୟନ୍ତୀ ୨୦୨୫ର ଆୟବ୍ୟୟ ବିବରଣୀ, ନୂତନ ସଭ୍ୟ ସଂଗ୍ରହର ତାରିଖ ନିର୍ଦ୍ଧାରଣ, ବ୍ରାହ୍ମ ସମାଜ ସଭ୍ୟ ତାଲିକା ପ୍ରସ୍ତୁତି ଏବଂ ବ୍ରାହ୍ମଣ ସଭ୍ୟଙ୍କ ପାଇଁ ପରିଚୟ ପତ୍ରର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସମାଜର ଉପଦେଷ୍ଟା ନିଳମଣି ମିଶ୍ର, ବରିଷ୍ଠ ସଭ୍ୟ ଗିରିଧାରୀ ଶତପଥୀ, ଶ୍ୟାମସୁନ୍ଦର ଦାଶ, ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ଶୁଭେନ୍ଦ୍ର ନେପାକ, ପୁରୁଷୋତ୍ତମ ପଣ୍ଡା, ଶିବଶଙ୍କର ଖୁଆସ, ଜଗନ୍ନାଥ ଷଡ଼ଙ୍ଗୀ, ସଂକୀର୍ତ୍ତନ ତ୍ରିପାଠୀ ପ୍ରମୁଖ ସଭ୍ୟ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ସମ୍ପାଦକ ନେପାକ ଧନ୍ୟବାଦ ଦେଇଥିଲେ।

■ ଭତ୍ତା ପାଇଁ ଘୁଷୁଡ଼ି ଘୁଷୁଡ଼ି ଦୁଇ କିମି ଯିବା ଘଟଣା

## ସୁରେଖାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

**ପାଟଣାଗଡ଼, ୨।୬(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଫଟାମୁଣ୍ଡା ପଞ୍ଚାୟତ ପାଣ୍ଡେସରା ଗାଁର ଭିନ୍ନକ୍ଷମ ବୃଦ୍ଧା ସୁରେଖା ନାଗ ଘୁଷୁଡ଼ି ଘୁଷୁଡ଼ି ଭତ୍ତା ଆଣିବା ପାଇଁ ଯାଉଥିବା ବେଳର ଦୃଶ୍ୟ ଭରତବହାଲ ଗାଁ ର ଜଣେ ସଚେତନ ନାଗରିକ ଉତ୍ତୋଳନ କରିଥିଲେ ପରେ ତାହା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଫଟାମୁଣ୍ଡା ସରପଞ୍ଚଙ୍କ ସ୍ୱାମୀ ସୁରେଖାଙ୍କ ଘରେ ପହଞ୍ଚିଥିଲେ। ଚଳିତମାସରୁ ବୃଦ୍ଧାଙ୍କ ପାଖକୁ ପିଇଓଙ୍କ ଜରିଆରେ ହାତାହାତି ଟଙ୍କା ପ୍ରତିମାସ ପହଞ୍ଚାଇ ଦିଆଯିବ ବୋଲି ବିଏସ୍‌ଏସ୍‌ଓ କମଳାକାନ୍ତ ବାରିକ ସୂଚନା ଦେଇଛନ୍ତି। ଅନ୍ୟପଟେ ସୁରେଖାଙ୍କ ସ୍ୱାମୀ ବଞ୍ଚିଥିବା ସମୟରେ ପୂର୍ବରୁ ଏକ ଚାଳ ଛପର ଘରେ ଜୀବନଯାପନ କରୁଥିବାବେଳେ ପଞ୍ଚାୟତରୁ ଆସିଥିବା ମନରେଗା ଯୋଜନାରେ ଏକ ଛେଳି ଗୁହାଳ ନିର୍ମାଣ କରିଥିଲେ। ଉକ୍ତ ଛେଳି ଗୁହାଳରେ ବର୍ତ୍ତମାନ ସୁରେଖା ଜୀବନ ଯାପନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବା ପାଇଁ ଦାବି କରିଛନ୍ତି।



## ମା'ମାହେଶ୍ୱରୀ ସେନାପକ୍ଷରୁ ରକ୍ତଦାନ ଶିବିର

**ବଲାଙ୍ଗିର, ୨।୬ (ସମିସ):** ବଲାଙ୍ଗିର ଜିଲ୍ଲା ଭୀମଭୋଇ ମେଡିକାଲ ହସ୍ପିଟାଲର ରକ୍ତଭଣ୍ଡାରଠାରେ ସାମାଜିକ ସଂଗଠନ ମା ମାହେଶ୍ୱରୀ ସେନା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ରକ୍ତଦାନ ଶିବରକୁ ଭୀମଭୋଇ ହସ୍ପିଟାଲର ଶଲ୍ୟ ବିଶେଷଜ୍ଞ ଡା. ସତ୍ୟଜିତ ଯୋଷୀ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଭୀମଭୋଇ ହସ୍ପିଟାଲର ଅସ୍ଥି ବିଶେଷଜ୍ଞ ଡା. ସବ୍ୟସାଚୀ ସ୍ୱାଇଁ, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ବଲାଙ୍ଗିର ସହରାଞ୍ଚଳ ଡୁମାଳ ସମାଜ ସଭାପତି ସଞ୍ଜୟ ମହାକୁର ଯୋଗ ଦେଇଥିଲେ। ଏହି ରକ୍ତଦାନ ଶିବିର ରେ ଡା. ସବ୍ୟସାଚୀ ସ୍ୱାଇଁଙ୍କ ସମେତ ସର୍ବମୋଟ ୪୬ ଜଣ ପୁରୁଷ ଓ ୩ ଜଣ ମହିଳା ମୋଟ ୪୯ ଜଣ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରକୁ ମା' ମାହେଶ୍ୱରୀ ସେନା ବଲାଙ୍ଗିର, ବୌଦ୍ଧ ଏବଂ ସୋନପୁରର ସଦସ୍ୟମାନେ ପରିଚାଳନା କରିଥିଲେ।

## ସ୍ୱାମୀ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

**କଣ୍ଟାବାଞ୍ଜି, ମୁରିବାହାଲ, ୨।୬(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରେ ସୋମବାର ଅପରାହ୍ନରେ ସ୍ୱାମୀ ସ୍ତ୍ରୀଙ୍କୁ ମରଣନ୍ତକ ଆକ୍ରମଣ ହୋଇଛି। ମୁରିବାହାଲ ଥାନା ଅଧୀନ ପୁଡାପାଲି ଗାଁର ମୁରଲି ନାଏକ, କମ୍ଲେ ନାଏକ ସ୍ୱାମୀ ସ୍ତ୍ରୀ ଦୁହେଁ ଘରେ ଥିବାବେଳେ ପୂର୍ବଶତ୍ରୁତାକୁ ନେଇ ସେହିଗାଁର ସୀତାରାମ ହଂସ ସ୍ୱାମୀ ସ୍ତ୍ରୀଙ୍କୁ ମରଣନ୍ତକ ଆକ୍ରମଣ କରି ଫେରାର ମାରିଥିଲା। ସ୍ୱାମୀ ସ୍ତ୍ରୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପୁଅ ନିମାଇ ନାଏକ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ନେଇଥିଲେ। ଏନେଇ ନିମାଇଁ ମୁରିବାହାଲ ଥାନା ଅଭିଯୋଗ କରିବା ପରେ ସୀତାରାମ ହଂସକୁ ପୁଲିସ ଅଟକ ରଖିଥିବା ସେ ପ୍ରକାଶ କହିଛନ୍ତି। ୨୦୨୨ ମସିହାରେ ସୀତାରାମ ହଂସ କୌଣସି କାରଣକୁ ନେଇ ନିମାଇଁ ନାଏକଙ୍କୁ ଆକ୍ରମଣ କରିଥିଲା।

## ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ତଦାରଖ କଲେ ବିଇଓ

**ତୁରେକେଲା, ୨।୬(ସମିସ):** ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଯୋଗୁଁ ସ୍କୁଲ୍ ବନ୍ଦ ରହିଥିବାରୁ ଛାତ୍ରଛାତ୍ରୀଙ୍କୁ ଛୁଟିରେ ପାଠପଢ଼ିବା ପାଇଁ ଓସେପା ତରଫରୁ ଗୃହକାର୍ଯ୍ୟ କରିବା ସକାଶେ ପ୍ରଶ୍ନପତ୍ର ପ୍ରତ୍ୟେକ ବିଦ୍ୟାଳୟରେ ଦିଆଯାଇଥିଲା। ଛାତ୍ରଛାତ୍ରୀ କିପରି ଗୃହକାର୍ଯ୍ୟ କରୁଛନ୍ତି ଓ ଶିକ୍ଷକ ଶିକ୍ଷୟିତ୍ରୀ କିପରି ତଦାରଖ କରୁଛନ୍ତି ଏହା ତଦାରଖ ପାଇଁ ତୁରେକେଲା ଗୋଷ୍ଠୀ ଶିକ୍ଷାଧିକାରୀ ଗୌତମ ପଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ଚରଣ ବିଶି, ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ଓ ଶିକ୍ଷୟିତ୍ରୀ ସୁଭଦ୍ରା ମେହେର କିଛି ଛାତ୍ରଛାତ୍ରୀଙ୍କ ଘରକୁ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ଗୃହକାର୍ଯ୍ୟ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାପାଇଁ ଶିକ୍ଷଣ ସାମଗ୍ରୀ ବଣ୍ଟନ କରିଥିଲେ।



## ବଲାଙ୍ଗିରରେ ବିଗୁଡୁଛି ଆଇନଶୃଙ୍ଖଳା ସ୍ଥିତି

# ସ୍ପଷ୍ଟ ଦିବାଲୋକରେ ୪ ଲକ୍ଷ ଲୁଟ୍; ପୁଲିସକୁ ନାହିଁ ଭୟ

**ବଲାଙ୍ଗିର/ପାଟଣାଗଡ଼, ୨।୬(ସମିସ)**

ବଲାଙ୍ଗିର ଜିଲ୍ଲାରେ ବିଗିଡ଼ିବାରେ ଲାଗିଛି ଆଇନ ଶୃଙ୍ଖଳା ପରିସ୍ଥିତି। ପୁଲିସକୁ ବି ଅପରାଧିଙ୍କ ଭୟନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ନିଶାଖୋର ଅପରାଧିକ ମନୋବୃତ୍ତି ରଖୁଥିବା ଯୁବକଙ୍କ ଆକ୍ରମଣର ଶୀକାର ନିଜେ ପୁଲିସ କର୍ମଚାରୀ ହେଉଛନ୍ତି। ଅପରାଧୀମାନେ ଦିନ ଦ୍ୱିପହରରେ ଅପରାଧ ଘଟାଇବାକୁ ପଛାଉନାହାନ୍ତି। ଗଳି କନ୍ଦିରେ ଖଣ୍ଡା, ବନ୍ଧୁକ ବୁଲୁଥିବା ବେଳେ ସବୁଆଡେ ନିଶା କାରବାରର ଚାଲିଥିବା ଅଭିଯୋଗ ହୋଇଛି। ସୋମବାର ସକାଳୁ ସ୍ୱଷ୍ଟ ଦିବାଲୋକରେ ବାଇକ୍‌ରେ ଆସି ଦୁଇଜଣ ଯୁବକ ପାଟଣାଗଡ଼ ରାମଜୀ ଛକରୁ ୪ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଥିବା ଜଣାପଡ଼ିଛି। ପାଟଣାଗଡ଼ ରାମଜୀ ଛକ ସ୍ଥିତ ପଞ୍ଜାବ ବ୍ୟାଙ୍କ ସମ୍ମୁଖରେ ଥିବା ମହାବୀର ଆଇରନଷ୍ଟୋରର ମାଲିକ ପାଟଣାଗଡ଼




ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖାରୁ ତାଙ୍କ ବ୍ୟବସାୟ କାରବାର ପାଇଁ ଚାରିଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗରେ ଭର୍ତ୍ତିକରି ବାଇକ ଡିକିରେ ରଖି ତାଙ୍କ ଦୋକାନ ସମ୍ମୁଖରେ ପହଞ୍ଚିଥିଲେ। ୧୦ ଟା ୫୭ ମିନିଟ୍‌ରେ ତାଙ୍କ ବାଇକ ଡିକିରୁ ଉକ୍ତଟଙ୍କା ବାହାର କରୁଥିବା ସମୟରେ ପଛପଟୁ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଚାଲି ଚାଲି ଆସି ଉକ୍ତ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଫେରାର ମାରିଥିଲା। ସେହିପରି ରବିବାର ବଲାଙ୍ଗିର ସହର ଥାନା ନିକଟରେ ଜଣେ ଯୁବକଙ୍କୁ କିଛି ଯୁବକ ଆସି ଛୁରି ଭୁଷି ଟଙ୍କା ଲୁଟ୍‌କରି ଫେରାର ହୋଇଗଲେ। ଘଟଣାର ୨୪ ଘଣ୍ଟାପରେ ବି ପୁଲିସ ହାତ ଖାଲି। ରବିବାର ଅନ୍ୟ ଏକ ଘଟଣା ଆହୁରି ରୋଚକ ଥିଲା। ୨୬ ନଂ ଜାତୀୟ ରାଜପଥ ଉପରେ ଦୁଇଜଣ ଯୁବକ ଛିଡା ହୋଇଥିବାବେଳେ ସେମାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବୁଲେଟ ଗାଡି ଲୁଟକରି ଲୁଟେରା ଫେରାର ମାରିଲେ। ଦୁଇଦିନ ତଳେ ଦୁଇଜଣ ନିଶାଖୋର ଯୁବକ ଦୁଇପୁଲିସ କର୍ମଚାରୀଙ୍କୁ ଖଣ୍ଡାରେ ହାଣି ଆକ୍ରମଣ କରିଥିଲେ। ଏହା ପୂର୍ବରୁ ବଲାଙ୍ଗିର ସହରର ଜନଗହଳିପୂର୍ଣ୍ଣ ମହାଦେବ ମନ୍ଦିର ଛକରେଲୋକଙ୍କ ସାମ୍ନାରେ ଜଣେ ଯୁବକଙ୍କୁ କିଛି ମୁଖାଧାରୀ ଖଣ୍ଡାଧରି ହତ୍ୟା କରିବା ଉଦ୍ଦେଶ୍ୟରେ ଗୋଡ଼ାଇ ଥିଲେ। ଗତ ଏପ୍ରିଲ ଓ ମେ' ମାସରେ ସହର ତଥା ଜିଲ୍ଲା ଭିନ୍ନଭିନ୍ନ ସ୍ଥାନରେ ନିର୍ମମ ହତ୍ୟା ଅଭିଯୋଗ ସାମ୍ନାକୁ ଆସିଥିଲା। ସେହିପରି ପୁଇଁନ୍ତଳାରେ ଗୋଟିଏ ଦିନରେ ଚାରୋଟି ମୃତଦେହ ସନ୍ଦେହଜନକ ଭାବେ ଉଦ୍ଧାର ହୋଇଥିବାବେଳେ ସେହି ଘଟଣା ମଧ୍ୟ ଆଜି ବି ରହସ୍ୟାବୃତ୍ତ ହୋଇ ରହିଛି। ନୂତନ ଏସ୍‌ପି ଯୋଗଦେବାପରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ଅଭିଯୋଗ ହେଉଛି। ଏଥିପ୍ରତି ଦୃଷ୍ଟିଦେଇ ଅପରାଧ ଦମନ ଦିଗରେ ପୁଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ପାଇଁ ଦାବି ହୋଇଛି।

**● ଯୁବକଙ୍କୁ ତୀରମାଡ଼ ଘଟଣା**

## ଦେଢ଼ଶାଶୂର ପ୍ରେମିକ ଗିରଫ

ରାଉରକେଲା, ୨।୬(ସମିସ): ଜଣେ ଯୁବକଙ୍କୁ ତୀର ମାରିବା ଘଟଣାରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ତାଙ୍କ ଦେଢ଼ଶାଶୂର ପ୍ରେମିକ ତଥା ବିରକେରା ହାତୀବାଡ଼ି ଟୋପାଟୋଲା ଗ୍ରାମର ବିର୍ସା କୁସମା (୪୮)କୁ ଗିରଫ କରି କୋର୍ଟଚାଲାଣ



କରିଛି। ଘଟଣାରୁ ପ୍ରକାଶ ଯେ, ବିରକେରା ଝରିଆଟୋଲାରେ ବଡ଼ ସଢ଼ୁ ଦୁର୍ଯୋନ ଲୋହାର ପରିବାର ସହ ବାସ କରନ୍ତି। ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା ବେଳେ ଶୁଦ୍ଧିକ୍ରିୟା କାର୍ଯ୍ୟରେ ସମ୍ବଲପୁରରେ ରହୁଥିବା ସାନ ସଢ଼ୁ ନିତ୍ୟାନନ୍ଦ ରନବେଡ଼ା (୨୮) ପରିବାର ସହ ଯୋଗ ଦେଇଥିଲେ। ତେବେ ବଡ଼ ସଢ଼ୁ ମୃତ୍ୟୁ ପରେ ଦେଢ଼ ଶାଶୂର ପ୍ରେମିକ ତାଙ୍କୁ ନିଜ ପାଖରେ ରଖିବାକୁ ପ୍ରସ୍ତାବ ଦେଇଥିଲା। ଏଥିରେ ସାନ ସଢ଼ୁ ନିତ୍ୟାନନ୍ଦ ସମେତ ପରିବାରର ଅନ୍ୟ ସଦସ୍ୟ ବାରଣ କରିଥିଲେ। ଏଥିରେ ପ୍ରେମିକ ପ୍ରତିଶୋଧ ପରାୟଣ ହୋଇ ସାନ ସଢ଼ୁ ଉପରେ ରାଗ ରଖିଥିଲା। ଗତ ୨୭ ତାରିଖ ସକାଳେ ନିତ୍ୟାନନ୍ଦଙ୍କ ପରିବାର ସମ୍ବଲପୁରକୁ ଯିବା ପାଇଁ ଅଟୋ ଯୋଗେ ଷ୍ଟେସନ ଅଭିମୁଖେ ଯାତ୍ରା କରୁଥିବାବେଳେ ବଲଣ୍ଡା ବାଗଡ଼େଗା ଘାଟିଠାରେ ବିର୍ସା ଓ ତାର ଦୁଇ ସହଯୋଗୀ ଏକ ବାଇକ୍ ଯୋଗେ ଆସି ନିତ୍ୟାନନ୍ଦଙ୍କୁ ତୀର ମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ ତାଙ୍କ ଅଣ୍ଟା ତୀର ପଶି ଯାଇଥିଲା। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏବେ ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ।

# ୫୮ ଅଭିଯୋଗର ଶୁଣାଣିକଲେ ଜିଲ୍ଲାପାଳ



ରାଉରକେଲା, ୨।୬(ସମିସ)

ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତ ରହି ମୋଟ ୫୮ ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୨୪ଟି ବ୍ୟକ୍ତିଗତ ଓ ୩୪ଟି ସାମୂହିକ ଅଭିଯୋଗ ରହିଥିବା ବେଳେ ୭ଟି ଅଭିଯୋଗର ସମାଧାନ ଶୁଣାଣି ସ୍ଥଳରେ ହିଁ ହୋଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ, ଡ୍ରେନ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ବ୍ରିଜ୍ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ଜମିଜମା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଏଥିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଡିଏଫ୍ଓ ଯଶୋବନ୍ତ ସେଠୀ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଆଇଏଏସ୍ ଶିକ୍ଷାନବୀଶ ଫାବୀ ରସିଦ ଓ ଲାଠିକଟା ବିଡିଓ ମାନସ ସାହୁ ଓ ବ୍ଲକ ଅଧ୍ୟକ୍ଷ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି

ବଣାଇଁ, ୨।୬(ସମିସ): ବଣାଇଁ ବ୍ଲକ ବଣାଇଁଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ଆଜି ପଞ୍ଚାୟତସ୍ତରୀୟ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଣାଇଁଗଡ଼ ସରପଞ୍ଚ ନମିତା ନାଗ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ମହିଳା ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାୟକଙ୍କ



ସମେତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ, ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ, ବ୍ଲକ କନିଷ୍ଠ ଯନ୍ତ୍ରୀ ନନ୍ଦ କିଶୋର ସାହୁ, ବିପିଏମ୍ ଜେମସ ମିଞ୍ଜ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ ବିଭାଗୀୟ ଅଧିକାରୀ, ବନ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମ୍ୟ ରଞ୍ଜନ ପ୍ରଧାନ, ବ୍ଲକ ରାଜସ୍ୱ ସହାୟକ ଗୋପବନ୍ଧୁ ସାହୁ, ଅତିରିକ୍ତ ସହକାରୀ ଯୋଜନା ଅଧିକାରୀ ବାସୁଦେବ ସାହୁ, ବ୍ଲକ କୋର୍ଡିନେଟର ବୀରେନ ମାଝୀ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ରାସ୍ତା, ପ୍ରଧାନ ମନ୍ତ୍ରୀ ଆବାସ, ଡ୍ରେନ୍ ସଫା ସମ୍ପର୍କରେ ଜନଶୁଣାଣି କରିଥିଲେ। ଏଥିରେ ବଣାଇଁଗଡ଼ ଗ୍ରାମ ପଞ୍ଚାୟତର ବିଭିନ୍ନ ବିଭାଗର ୮ ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୩ ଟି ଅଭିଯୋଗ ଶୁଣାଣି କରି ଫଇସଲା କରାଯାଇଥିଲା।

# ଦକ୍ଷିଣ ରାଉରକେଲାରେ ଶିବ-ପାର୍ବତୀ ବିବାହ ସମ୍ପନ୍ନ

ରାଉରକେଲା, ୨।୬ (ସମିସ): ପବିତ୍ର ଶୀତଳଷଷ୍ଠୀରେ ଉତ୍ସବମୁଖର ହୋଇ ଉଠିଥିଲା ସମଗ୍ର ଦକ୍ଷିଣ ରାଉରକେଲା ଅଞ୍ଚଳ। ଦକ୍ଷିଣ ରାଉରକେଲା ଓ ସାରନଗରୀର ବିଭିନ୍ନ ମନ୍ଦିରରେ ପାରମ୍ପାରିକ ରୀତିନୀତି ଅନୁଯାୟୀ ଶିବ-ପାର୍ବତୀଙ୍କ ବିବାହ ଓ ଶୀତଳଷଷ୍ଠୀ ଉତ୍ସବ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ବରଯାତ୍ରୀ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ମନ୍ଦିର ଗୁଡିକରେ ରାତ୍ରିରେ ମହାଦେବ ଶିବ ଓ ଦେବୀ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ବିବାହ ଉତ୍ସବରେ ବିଭିନ୍ନ ମନ୍ଦିର ଓ ଶୈବପୀଠ ଗୁଡିକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ସାରନଗରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶିବ ମନ୍ଦିରରେ ବ୍ରଜଙ୍କର ପିତାମାତା ଭାବେ ଦିଲ୍ଲୀପ ମଲ୍ଲିକ, ମାମିନା ମଲ୍ଲିକ ଓ କନ୍ୟା ପିତା ଭାବେ ଦେବବ୍ରତ ପଟ୍ଟନାୟକ ଓ ମାତା ଭାବେ ଇତିଶ୍ରୀ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ବର ସାରନଗରୀରୁ ବାଜା ବାଣ ସହ ପରିକ୍ରମା କରିବା ପରେ ସାରନଗରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ସେଠାରେ ରୀତିନୀତି ଅନୁସାରେ ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ



ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଦେବ ଦମ୍ପତିଙ୍କ ଦୁର୍ଲଭ ବିବାହ ନୀତି ଦେଖିଥିଲେ।

ସେହିପରି ବାଲିଯୋଡ଼ିସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିରରେ ଶିବପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ବର ପିତାମାତା ଭାବେ ରାଜ କିଶୋର ଜେନା ଓ ମୀନାକ୍ଷି ଜେନା ଦାୟିତ୍ୱ ସମ୍ପନ୍ନ କରିଥିବା ବେଳେ କନ୍ୟା ପିତାମାତା ନରେନ୍ଦ୍ର ନାୟକ ଓ ଆଶାଲତା ନାୟକ ଦାୟିତ୍ୱ ତୁଲାଇଥିଲେ। ବର ବାଲିଯୋଡ଼ିରୁ ବାଜା ରୋଷଣୀ, ବାଣ ସହ ବାଲିଯୋଡି ଛକ ସ୍ଥିତ ମନ୍ଦିରେର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ସାରନଗରୀ ଆଖଣ୍ଡଳମଣି ମନ୍ଦିରରେ ବରଙ୍କର ପିତାମାତା ଭାବେ କୁଳମଣି ସାହୁ ଓ କନ୍ୟାଙ୍କ ପିତା ମନୋରଞ୍ଜନ ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଆଇଡିଏଲ ରାଧାକୃଷ୍ଣ ମନ୍ଦିରରେ ଆଇଡିଏଲ କଲୋନୀରୁ ବର ଶୋଭାଯାତ୍ରାରେ ବାହାରି ମନ୍ଦିର ପରିସରରେ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆନନ୍ଦ ବଜାରସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ବରପିତା ମାତା ଭାବେ ସମୀର ସ୍ୱାଇଁ, ପ୍ରଜ୍ଞା ସ୍ୱାଇଁ, କନ୍ୟାର ପିତାମାତା ଭାବେ ଜିତେନ୍ଦ୍ର କାମ୍ପ, ଦୀପା କାମ୍ପ ଦାୟିତ୍ୱ ତୁଲାଇଥିଲେ।

ଦେଓଗାଁ ଧବଳେଶ୍ୱର ମନ୍ଦିର, ନବକୃଷ୍ଣ ଶିବ ମନ୍ଦିରରେ ଶୀତଳ ଷଷ୍ଠୀ ଉତ୍ସବ ଧୁମଧାମରେ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପୂଜକଙ୍କ ଦ୍ୱାରା ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଶୀତଳଷଷ୍ଠୀ ଅବସରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବରେ ସାରନଗରୀରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଦକ୍ଷିଣ ରାଉରକେଲାରେ ଶାନ୍ତିପୂର୍ଣ୍ଣ ଭାବରେ ଶୀତଳଷଷ୍ଠୀ ଉତ୍ସବ ପାଳନ ସହ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ବଣାଇଁରେ ନୂତନ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

**● ନନ୍ଦିଘୋଷ ପରି ନିର୍ମାଣ ହେବ ନୂତନ ରଥ**

ବଣାଇଁ, ୨।୬(ସମିସ): ଆସନ୍ତା ୨୭ ତାରିଖରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ବଣାଇଁର ସର୍ବ ପୁରାତନ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ଠାକୁରଙ୍କ ପାଇଁ ନନ୍ଦିଘୋଷ ରଥ ଶୈଳୀରେ ଏକ ନୂତନ ରଥ ନିର୍ମାଣ କରାଯିବ। ଏଥିପାଇଁ ଆଜିଠାରୁ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ବଣାଇଁ ଦେଓଗାଁ ରଥ ଖଳାଠାରେ ସନ୍ଧ୍ୟା ସମୟରେ ପଣ୍ଡିତ ଅଜୟ କୁମାର ମିଶ୍ର ପୂଜା ପାଠ କରିବା ପରେ ଆନନ୍ଦପୁର, ପୁରୀ, କଟକରୁ ଆସିଥିବା ୨୫ ଜଣ



ମହାରଣା ରଥ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକୁ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟର ତଦାରଖ କରିଥିଲେ। ଆସନ୍ତା ୨୦ ତାରିଖ ସୁଦ୍ଧା ରଥ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି। ଚଳିତବର୍ଷ ନୂତନ ରଥ କାର୍ଯ୍ୟ ହେଉଥିବାରୁ ବଣାଇଁ ବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତା ମରାମତି ଆରମ୍ଭ



**'ସକାଳ' ପ୍ରଭାବ**

ବଣାଇଁ, ୨।୬(ସମିସ): ବଣାଇଁ ସହର ମୁଖ୍ୟ ରାସ୍ତା କଚେରି ଛକ ନିକଟରେ ରାସ୍ତା ଖାଲଖମା ସହ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଅଦିନିଆ ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିଲା। ଫଳରେ ସ୍ଥାନୀୟ ଲୋକେ, ସ୍କୁଲ ଛାତ୍ରଛାତ୍ରୀ ଓ ଜନସାଧାରଣ ଯାତାୟାତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗତ ମାସ ୮ ତାରିଖରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଲୋକଙ୍କ ସମସ୍ୟା ଓ ଗମନାଗମନକୁ ଦୃଷ୍ଟିରେ ରଖି ବିଭାଗ ତତ୍ପରତା ପ୍ରକାଶ କରି ପଦକ୍ଷେପ ନେଇଥିଲା। ଫଳରେ ଆଜି ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ବଣାଇଁବବାସୀ ଖୁସି ବ୍ୟକ୍ତ କରିବା ସହ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ରାସ୍ତାରୁ ମାଟି କାଦୁଅ ବାହାର କରି କଂକ୍ରିଟ କରାଯାଉଛି। ପର୍ଯ୍ୟାୟକ୍ରମେ କଲେଜ ଛକ, ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ ଛକ ଏବଂ ଚର୍ଚ୍ଚ ଛକରୁ ସେଣ୍ଟ ଯୋଶେଫ ସ୍କୁଲ ରାସ୍ତାର ମରାମତି କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

# ତିତଲି ଫାଉଣ୍ଡେସନର ପ୍ରଥମ ବାର୍ଷିକୋତ୍ସବ

ରାଉରକେଲା, ୨।୬(ସମିସ): ରାଉରକେଲାର ତିତଲି ଫାଉଣ୍ଡେସନର ପ୍ରଥମ ବାର୍ଷିକୋତ୍ସବ ଆଜି ସନ୍ଧ୍ୟାରେ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୀପିକା ମହିଳା ସଂହତି, ରାଉରକେଲାର ଅଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟ ଅତିଥି, ଆର୍‌ଏସ୍‌ପି ସଞ୍ଚାର ମୁଖ୍ୟା ଅର୍ଚ୍ଚନା ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏକତ୍ର ରାଉରକେଲାର ସଭାପତି ରାଜୀବ ପାଣି ଏବଂ ଏକତ୍ର ରାଉରକେଲା ସହକାରୀ ସଚିବ ସ୍ୱଦେଶ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ତିତଲି ଫାଉଣ୍ଡେସନର ସଭ୍ୟସଭ୍ୟା ଏବଂ ଉପସ୍ଥିତ ଦର୍ଶକବୃନ୍ଦ ୨ ମିନଟ ମୌନ ଅବଲମ୍ବନ କରି ପ୍ରୟାତ ନାଟ୍ୟବନ୍ଧୁ ଅଶୋକ ବଳ, ଭଜେନ୍ଦ୍ର କୁମାର ସାହୁ ଏବଂ କେଦାରନାଥ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱନ୍ଦନର ସାଧାରଣ ସମ୍ପାଦକ, ଏକତ୍ରର ପୂର୍ବତନ ସଭାପତି ଏବଂ ଓଡ଼ିଶା ନାଟ୍ୟ ସଂଘର ଉପଦେଷ୍ଟା ପ୍ରଫେସର ଡକ୍ଟର ସମର ମୁଦାଲିଙ୍କୁ ମେଣ୍ଟର୍ସ ଏପ୍ରିସିଏସନ୍ ଅଓ୍ୱାର୍ଡ ପ୍ରଦାନ କରାଯାଇଥିଲା। 'ମହୁମାଛି'ର ସାଧାରଣ ସମ୍ପାଦକ ଆଲୋକ ରଞ୍ଜନ ବୋଷ, କାର୍ଯ୍ୟକାରୀ ସଭାପତି -ଏକତ୍ର ରାଉରକେଲା ଏବଂ ସହାୟକ ସମ୍ପାଦକ -ଓଡ଼ିଶା ନାଟ୍ୟ ସଂଘ (ପଶ୍ଚିମାଞ୍ଚଳ)କୁ ତଥା ବିହାଇଣ୍ଡ ଦ ସିନ୍ସ ଆୱାର୍ଡ -୨୦୨୫, ସାଗର ସ୍ୱରୂପ ସ୍ୱାଇଁ ଏବଂ ଅଶୋକ ଡୁଙ୍ଗରିଙ୍କୁ ପ୍ରଦାନ କରାଯାଇଥିଲା। ଈଶ୍ୱର ନାଥ ଗୁପ୍ତାଙ୍କୁ ପାରସିଭେରାନ୍ସ ଆୱାର୍ଡ -୨୦୨୫ରେ ସମ୍ମାନିତ କରାଯାଇଥିଲା। ନୀଳକଣ୍ଠ ନନ୍ଦ, କାଞ୍ଚନ ମିଶ୍ର, ଅମୂଲ୍ୟ ମିଶ୍ର, ଅରବିନ୍ଦ ପରିଡ଼ା, ସତ୍ୟଜିତ ମଲ୍ଲ, ସୁରେନ୍ଦର ଜି, ଜିତେନ୍ଦ୍ର କୁମାର ପଣ୍ଡିତ ଏବଂ ନିକିତା ବାନାର୍ଜୀଙ୍କୁ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେସନର ଉପଦେଷ୍ଟା ଡକ୍ଟର କେ. ବିଷ୍ଣୁନାଥ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଉପଦେଷ୍ଟା ଡକ୍ଟର ସର୍ମା ମଜୁମଦାର ମଞ୍ଚ ପରିଚାଳନା କରିଥିଲେ। ଆବାହକ ଶ୍ରୀପର୍ଣ୍ଣା ଚାଟାର୍ଜୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଧା ଓରାମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରବୀଣ ଶାନ୍ତାରାମଙ୍କ ମରାଠୀ ନାଟକ 'ଆମ୍‌ଚ୍ୟା ଯା ଘରାତ'ର 'ବାସ୍ତବ' ନାମରେ ଓଡ଼ିଆ ଅନୁବାଦ କରି ତିତଲି ଫାଉଣ୍ଡେସନ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା। ଏହାକୁ ଇତିଶ୍ରୀ ଜେନା ଅନୁବାଦ କରିଥିଲେ। ଡା. କେ ବିଶ୍ୱନାଥ, ଡା.ଶର୍ମା ମଜୁମଦାର, ଡା.ଦୀପିକା ସାମଲ୍, ଦିଲ୍ଲୀପ୍ କୁମାର ଭୁଇ, ପଶୁପତିନାଥ ଚାଟର୍ଜୀ, ରଜିନ୍ଦର ସିଂ, ଅଭିଳାଷ ଭଟ୍ଟାଚାର୍ଯ୍ୟ, ହରିହର ମାହାନ୍ତି, ବିଲୋଚନ୍ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



# ଆର୍‌ଏସ୍‌ପି ପକ୍ଷରୁ ଇ-ମାର୍କେଟିଂ ସମ୍ପର୍କିତ ସଚେତନତା କର୍ମଶାଳା

**୨୦ ହିତାଧିକାରୀଙ୍କୁ ଡିଜିଟାଲ୍ ମାର୍କେଟିଂ ଦକ୍ଷତା ତାଲିମ**

ରାଉରକେଲା, ୨।୬(ସମିସ)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସିଏସ୍‌ଆର୍ ବିଭାଗ ପକ୍ଷରୁ ମଇ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନଠାରେ ଏକ ୩ ଦିନିଆ 'ସଚେତନତା କର୍ମଶାଳା ଏବଂ ସ୍ଥାୟୀ ବ୍ୟବସାୟ ଏବଂ ଇ-ମାର୍କେଟିଂ ଉପରେ ମତବିନିମୟ ଅଧିବେଶନ' ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟବହାରିକ ଡିଜିଟାଲ୍ ମାର୍କେଟିଂ ତାଲିମ ଏବଂ ସ୍ଥାୟୀ ବ୍ୟବସାୟ ଅଭ୍ୟାସ ମାଧ୍ୟମରେ ଆର୍‌ଏସ୍‌ପିର ପ୍ରତ୍ୟକ୍ଷ ପ୍ରଭାବ କ୍ଷେତ୍ରର ଗ୍ରାମୀଣ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାର୍ଶ୍ୱାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟକ୍ତିଗତ ଉଦ୍ୟୋଗୀ ଏବଂ କ୍ଷୁଦ୍ର ଗ୍ରାମୀଣ ବ୍ୟବସାୟୀଙ୍କ ସମେତ ମୋଟ ୨୦ଜଣ ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କର୍ମଶାଳାର



ଉଦ୍‌ଯାପନୀ ଅଧିବେଶନରେ ସହର ସେବା ଓ ସିଏସ୍‌ଆର୍ ବିଭାଗର ସିଜିଏମ୍ ଟିଜି କାନେକର ମୁଖ୍ୟ ଅତିଥି ଥିଲେ। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ ମିତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଫୁଲକେରିଆ ଡିଜାଇନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଉଦିତ ଓରାମ, ଏନ୍‌ଏସ୍‌ଆଇସି, ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଏବଂ ଏମ୍‌ଏସ୍‌ଏମ୍‌ଇର ପ୍ରଶିକ୍ଷଣ ଅଧିକାରୀ ପି ମହାପାତ୍ର ଏବଂ ପ୍ରକୃତି ଗୋ-ଅନୁସନ୍ଧାନ କେନ୍ଦ୍ର ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ଓ ନିର୍ଦ୍ଦେଶକ ଗୋକୁଳ ମିଞ୍ଜ୍ ଉପସ୍ଥିତ ଥିଲେ। ଏହି ଅନନ୍ୟ ସିଏସ୍‌ଆର୍ ପଦକ୍ଷେପର ପ୍ରଶଂସା କରି ସିଜିଏମ୍ ଶ୍ରୀ କାନେକର କହିଥିଲେ ଯେ ଡିଜିଟାଲ୍ ଏବଂ ସ୍ଥାୟୀ ବ୍ୟବସାୟ ଜ୍ଞାନ ସହିତ ଗ୍ରାମୀଣ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ସମବେଶୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଆରଏସ୍‌ପି-ସିଏସ୍‌ଆର୍ ଦ୍ୱାରା ଏହି ପଦକ୍ଷେପ ଆଖପାଖ ସମ୍ପ୍ରଦାୟରେ ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସ୍ଥିରତାକୁ ପ୍ରୋତ୍ସାହିତ କରିବାରେ ବହୁଳ ଯୋଗଦାନ ଦେବ। ପ୍ରାରମ୍ଭରେ ମୁନମୁନ ମିତ୍ର ତାଙ୍କ ସ୍ୱାଗତ ଅଭିଭାଷଣରେ ଏହି ପଦକ୍ଷେପର ଉଦ୍ଦେଶ୍ୟ ଏବଂ ମୁଖ୍ୟ ଉପାଦାନଗୁଡ଼ିକୁ ବର୍ଣ୍ଣନା କରିଥିଲେ। ଏହି କର୍ମଶାଳାର ଲକ୍ଷ୍ୟ ହିତାଧିକାରୀଙ୍କୁ ସେମାନଙ୍କର ବ୍ୟବସାୟ ବିସ୍ତାର କରିବା, ବଜାର ପହଞ୍ଚ ବୃଦ୍ଧି କରିବା ଏବଂ ଆୟ ସୃଷ୍ଟିକାରୀ କ୍ଷମତାକୁ ଉନ୍ନତ କରିବା ପାଇଁ ଆବଶ୍ୟକୀୟ ଡିଜିଟାଲ୍ ଉପକରଣ ଏବଂ ଇ-ମାର୍କେଟିଂ ରଣନୀତି ସହିତ ସଜ୍ଜିତ କରିବା ରହିଥିଲା। ଏହା ସ୍ଥାୟୀ ବ୍ୟବସାୟ ଅଭ୍ୟାସ ଏବଂ ଇ-ମାର୍କେଟିଂରେ ବ୍ୟାପକ ତାଲିମ ମାଧ୍ୟମରେ ଗ୍ରାମୀଣ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ ଦେଇଥିଲା। ଡିଜିଟାଲ୍ ମାର୍କେଟିଂ ଦକ୍ଷତା, ବର୍ତ୍ତମାନର ବ୍ୟବସାୟ ମଡେଲଗୁଡ଼ିକର ଜ୍ଞାନ ଏବଂ ଉପଲବ୍ଧ ସମ୍ବଳ ବ୍ୟବହାର କରି ସେମାନଙ୍କର ବଜାର ପହଞ୍ଚକୁ ସମ୍ପ୍ରସାରିତ କରିବା, ଆୟ ବୃଦ୍ଧି କରିବା ଏବଂ ସ୍ଥାୟୀ ଅନଲାଇନ୍ ମାର୍କେଟିଂ ବଜାୟ ରଖିବା ପାଇଁ ବ୍ୟବହାରିକ ଉପକରଣ ସହିତ ଅଂଶଗ୍ରହଣକାରୀଙ୍କୁ ସଜ୍ଜିତ କରିବା ପ୍ରଶିକ୍ଷଣର ଲକ୍ଷ୍ୟ ଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସିଏସ୍‌ଆର୍ ବିଭାଗର ମ୍ୟାନେଜର ରିଚା ସୁଧିରାମ ଏବଂ ବି. ଏକ୍କା, ଜି. ନାୟକ, ମହମ୍ମଦ ଜାହିଦ ଅଖତାର ଏବଂ ଗୀତାରାଣୀ ସାହୁଙ୍କୁ ନେଇ ଗଠିତ ସିଏସ୍‌ଆର୍ ଦଳ ପରିଚାଳନା କରିଥିଲେ।

## 'କ୍ଲିନ୍ ଓ ଗ୍ରୀନ୍'ର ବାର୍ଷିକୋତ୍ସବ



ରାଉରକେଲା, ୨।୬(ସମିସ): ରାଉରକେଲା ସରକାରୀ ଡାକ୍ତରଖାନାସ୍ଥିତ ଆଇଏମ୍‌ଏ ହାଉସ ପରିସରରେ ରାଉରକେଲା ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାରେ ସହରର ଜଣାଶୁଣା ସାମାଜିକ ସଂଗଠନ 'କ୍ଲିନ ଓ ଗ୍ରୀନ' ର ୫ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ଦେବେନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ ଯେ ସ୍ୱଚ୍ଛତା ପ୍ରଥମେ ନିଜ ଠାରୁ ଆରମ୍ଭ ହେବା ଉଚିତ। ପରିବେଶ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ହୋଇପାରିଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଉରକେଲା ଡିଏଫ୍ଓ ଯଶୋବନ୍ତ ସେଠୀ ଓ ଶିଶୁ ବିଶେଷଜ୍ଞ ଡାକ୍ତର ପାର୍ଥସାରଥୀ ଲାଲ ଯୋଗ ଦେଇ 'କ୍ଲିନ୍ ଓ ଗ୍ରୀନ୍'ର ବହୁମୁଖୀ ଅଭିଯାନ ଓ ସ୍ୱତନ୍ତ୍ର ଭାବେ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ପାଦକ ପ୍ରଦୀପ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ 'ସବୁଜ ମିତ୍ର' ରୂପେ ବିବେକାନନ୍ଦ ପରିଡ଼ା ଓ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ମିଶ୍ର ଓ କୃତ୍ତିବାସ ମିଶ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଦସ୍ୟ ଅଶୋକ ପଟେଲ, ସ୍ମିତା ମିଶ୍ର ଯୋଗ ଦେଇଥିଲେ। ସାଂଗଠନିକ ସମ୍ପାଦକ ହିମାଂଶୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ 'କ୍ଲିନ ଓ ଗ୍ରୀନ'ର ସଦସ୍ୟଙ୍କ ଦ୍ୱାରା ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ସମ୍ପାଦକୀୟ



ମୁଁ ଯେଉଁ 'ୱେବ୍ ଦୁନିଆ' ର ପରିକଳ୍ପନା କରିଥିଲି, ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏବେ ମଧ୍ୟ ଆମର ଭବିଷ୍ୟତ ଆମର ଅତୀତ ଅପେକ୍ଷା ବୃହଦାକାର ରୂପେ ଉଭା ହୋଇ ରହିଛି।
-ଟିମ୍ ବର୍ଣର୍ସ ଲୀ

ସକାଳ
THE SAKALA

## ଅର୍ଥନୀତି, ମନ୍ଥର ନା ପ୍ରଖର

ସମୟ ବଦଳିଛି। ବଦଳିଛି ଆମ ବ୍ୟବସ୍ଥା। ଆନୁଗତ୍ୟ ଓ ଅନୁଶୀଳନ ମଧ୍ୟରେ ସଂପର୍କ ଏମିତି ଯୋଡ଼ି ହୋଇଗଲାଣି ଯେ ସତ ଓ ମିଛକୁ ବାରି ହେଉନି। ଭଲ ଓ ମନ୍ଦ ନିର୍ବିଶେଷରେ ଏବେ କୁହୁଡ଼ି ପହଁରିବାକୁ ଆମେ ଆଦରି ନେଇଛେ। ସବୁ ବ୍ୟବସ୍ଥିତ ପ୍ରଚାରତନ୍ତ୍ର ସତକୁ ମିଛ ଓ ମିଛକୁ ସତ କହିଲେ ବି କିଛି ଫରକ ପଡୁନି। ଆମ ଆନୁଗତ୍ୟ ତାହାକୁ ବିଶ୍ୱାସ କରିବା ପାଇଁ ବାଧ୍ୟ କରୁଛି। ଏକଥା ସତ ଯେ ସବୁକଥା ଘୂରେଇ ଫେରେଇ କହି ଜାଣିଲେ ଜଗତ ଜିତା ହେବ। ଖୋଲୁ ଗୁମର, ତା'କୁ ପୁଣି ଲିପାପୋଛା କରି ଚହଟ ଚିକ୍କଣ କରିଦେବାନି। ଏଇ ଯେମିତି ଆମ ଅର୍ଥନୀତି ଦୌଡୁଛି। ଅତିକ୍ରମଣ ଆମ ସହଜାତ ପ୍ରବୃତ୍ତି। ଜାପାନ୍‌କୁ ପଛରେ ପକାଇ ଆମେ ଏବେ ବିଶ୍ୱର ଚତୁର୍ଥ ଅର୍ଥନୀତି। ଅଥଚ ଆମ ଅଭିବୃଦ୍ଧି ହାର ଗତ ୪ ବର୍ଷ ମଧ୍ୟରେ ସବୁଠାରୁ ନିମ୍ନସ୍ତରରେ ପହଞ୍ଚିଛି। ଜାତୀୟ ପରିସଂଖ୍ୟାନ ବିଭାଗର ଏହି ତଥ୍ୟକୁ ଆମେ ଅସ୍ୱୀକାର କରିପାରିବାନି। ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ରିପୋର୍ଟରେ ଆଶାଠାରୁ ଅଧିକ ସଫଳତା ମିଳିଥିବାରୁ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ହୋଇଛି।

ଗତ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ କ୍ରମାଗତ ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କର ସୁଧ କମିଥିବାରୁ ଅର୍ଥନୀତିରେ ଚଳଚଞ୍ଚଳ ଅନୁଭୂତ ହୋଇଛି। ଅର୍ଥନୈତିକ ବିଚାର ଦୃଷ୍ଟିରୁ କହିଲେ ରିଜର୍ଭ ବ୍ୟାଙ୍କ ମୁଦ୍ରା ପ୍ରଚଳନକୁ କିଛିଟା କଟକଣା ମୁକ୍ତ କରିଛନ୍ତି। ଏକଥା ସତ ଯେ ମୁଦ୍ରାସ୍ଫୀତି ହ୍ରାସ ଯୋଗୁଁ ଏହା ସମ୍ଭବ ହୋଇଛି। ଚତୁର୍ଥ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ଦେଶର ଅଭିବୃଦ୍ଧି ହାର ୭.୪ ପ୍ରତିଶତ ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୯.୨ ପ୍ରତିଶତ ଥିବାବେଳେ ତାହା ଏବର୍ଷ ୬.୫ ପ୍ରତିଶତକୁ ହ୍ରାସ ପାଇଛି। କରୋନା ମହାମାରୀ ପରବର୍ତ୍ତୀ ଆର୍ଥିକ ବର୍ଷଗୁଡ଼ିକରେ ଦେଶର ଅର୍ଥନୀତି ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରିଥିବା ବେଳେ ଚଳିତ ବର୍ଷର ମନ୍ଥରତା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ଏକଥା ସତ ଯେ ଆର୍ଥିକବର୍ଷ ଆରମ୍ଭରୁ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଓ କଟକଣା ମଧ୍ୟରେ ପୁଞ୍ଜି ବିନିଯୋଗ ଓ କାର୍ଯ୍ୟାନ୍ୱୟନରେ ତାଳମେଳ ରହିଲାନି, ଯାହାର ପ୍ରତିକୂଳ ପ୍ରଭାବ ପଡ଼ିଥିଲା ଅର୍ଥନୀତି ଉପରେ। ବିଜେପିରୁ ପରିବର୍ତ୍ତିତ ହୋଇଥିବା ଏନ୍‌ଡିଏ ସରକାରଙ୍କ ପ୍ରାରମ୍ଭିକ ନୀତି ନିର୍ଦ୍ଧାରଣ ଆବଶ୍ୟକ ଗତିଶୀଳତା ମଧ୍ୟ ହରାଇଥିଲା। ତେବେ ଶେଷ ପର୍ଯ୍ୟାୟରୁ ଅର୍ଥନୀତିର ଯେଉଁ ସକ୍ରିୟତା ପରିଲକ୍ଷିତ ହୋଇଛି ତାହା ଆଗକୁ ଅଧିକ ଗତିଶୀଳ ହେବ ବୋଲି ଆଶା କରାଯାଇଛି। ପୂର୍ବ ତିନିବର୍ଷର ଅଭିବୃଦ୍ଧି ରିପୋର୍ଟ ବେଶ ଉତ୍ସାହଜନକ ଥିଲା। ୨୦୨୧-୨୨ ରେ ୯.୭ ପ୍ରତିଶତ, ୨୦୨୨ – ୨୩ ରେ ୭.୯ ପ୍ରତିଶତ ଓ ୨୦୨୩-୨୪ ରେ ୯.୨୭ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯାଇଥିବାରୁ ଆମ ଅର୍ଥନୀତି ଦ୍ରୁତଗତିରେ ଦୌଡୁଛି ଦାବି କରୁଥିବା ନେତାଙ୍କୁ ଏବର ରିପୋର୍ଟ ଏକ ଶକ୍ତି ପ୍ରହାର କହିଲେ ଭୁଲ ହେବନି।

ଏହି ଆର୍ଥିକ ଅଭିବୃଦ୍ଧିର କ୍ଷେତ୍ରୀୟ ସ୍ତର ସମ୍ପର୍କରେ ବିଚାର କଲେ ସ୍ପଷ୍ଟ ମନେ ହୁଏ ଯେ ଶିଳ୍ପ ଓ ବିନିର୍ମାଣ ସ୍ତରରେ ପରିଲକ୍ଷିତ ଶିଥିଳତା ଏହି ଦୁର୍ଗତିର ମୁଖ୍ୟକାରଣ। ଗ୍ରାମାଞ୍ଚଳରେ ଘରୋଇ ବ୍ୟବହାର କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ବେଶ ଉତ୍ସାହପ୍ରଦ ହେଇଛି। ଏ କ୍ଷେତ୍ରରେ ୭.୨ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ। ଅଥଚ ପୂର୍ବବର୍ଷ ଏହି ହାର ଥିଲା ୫.୬ ପ୍ରତିଶତ। ସେହିଭଳି କୃଷି ଉତ୍ପାଦନ ମଧ୍ୟ ବେଶ ବଢ଼ିଛି, ଯାହାକୁ କି ସରକାର କ୍ରମାଗତ ଭାବେ ଅବହେଳା କରିଚାଲିଛନ୍ତି। ପୂର୍ବବର୍ଷର ଅଭିବୃଦ୍ଧି ହାର ୨.୭ ପ୍ରତିଶତ ଥିବାବେଳେ ତାହା ୪.୬ ପ୍ରତିଶତକୁ ବୃଦ୍ଧିପାଇଛି। ଖାଉଟି ମୂଲ୍ୟସୂଚୀ ହ୍ରାସ ଘଟାଇବାରେ ଏହି ବର୍ଦ୍ଧିତ କୃଷି ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରିଜର୍ଭବ୍ୟାଙ୍କ ଏହି ମୁଦ୍ରାସ୍ଫୀତି ହ୍ରାସ ଭିତ୍ତିରେ ହିଁ ସୁଧହାର ହ୍ରାସ କରିଛନ୍ତି। ସରକାର ନିକଟରେ ବିଭନ୍ନ କୃଷି ଉତ୍ପାଦର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରଛନ୍ତି। ଏହାକୁ ଆଇନଗତ ସ୍ୱୀକୃତି ପ୍ରଦାନ ସକାଶେ କୃଷକଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତି ସରକାରଙ୍କ ଅବଜ୍ଞାସୂଚକ ମନୋଭାବ ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ଜିଡିପି ବୃଦ୍ଧିରେ . କୃଷିର ଅବଦାନ କ୍ରମେ ନିର୍ଣ୍ଣାୟକ ହେଉଥିଲେ ମଧ୍ୟ ସରକାରଙ୍କ ଶିଳ୍ପ ପ୍ରତି ପ୍ରାଧାନ୍ୟ ଅତୁଟ ରହିଛି। ଜିଡିପିରେ ଶିଳ୍ପ ଓ ବିନିର୍ମାଣ କ୍ଷେତ୍ରରେ ଅବଦାନ ମାତ୍ର ୪.୫ ପ୍ରତିଶତରେ ସୀମିତ ରହିଛି। ଅଥଚ ପୂର୍ବ ଆର୍ଥିକ ବର୍ଷରେ ଏହି ହାର ଥିଲା ୧୨.୩ ପ୍ରତିଶତ। ସରକାର ବୃହତ୍ ଶିଳ୍ପ ସଂସ୍ଥା ହସ୍ତୀମାନଙ୍କୁ ୧୬ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିବା ସହ କର୍ପୋରେଟ୍ ଟିକସ ମଧ୍ୟ ହ୍ରାସ କରିଛନ୍ତି। ବିନିମୟରେ ସମ୍ପ୍ରସାରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରତି ଧ୍ୟାନ ନ ଦେଇ କର୍ପୋରେଟ୍ ସଂସ୍ଥା ନିଜର ଉପାର୍ଜନ ବଢ଼ାଇ ଚାଲିଛନ୍ତି। ଅଥଚ ଋଣଜାଲରେ ହନ୍ତସନ୍ତ ହୋଇ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପ୍ରତି ସରକାର ନିର୍ଦ୍ଦୟ ଓ ନିଷ୍କରୁଣ। ଦେଶର ଅର୍ଥନୀତି କାୟାବିସ୍ତାର କରିବା ପଛରେ ଯଦି ସରକାରଙ୍କ ନିର୍ଭରଶୀଳତା କେବେଳ କର୍ପୋରେଟ୍ ସଂସ୍ଥା ହୁଏ, ତେବେ ଏଥିରୁ ଦେଶର ବୃହତ୍ତର ବର୍ଗ କି ଫାଇଦା ପାଇବେ? ଏ ପ୍ରକାର ଅର୍ଥନୀତି କେବଳ ନିପୀଡ଼ନ ଓ ଶୋଷଣକୁ ପ୍ରୋତ୍ସାହିତ କରିବ।

ପ୍ରତିଦ୍ୱନ୍ଦ୍ୱୀ ବା ପ୍ରତିଯୋଗୀର ଆର୍ଥିକ ଅବନତି ଓ ଦୁର୍ଗତିରୁ ସୁଯୋଗ ନେବା ଅପେକ୍ଷା ନିଜର ଅର୍ଥନୀତିକୁ ଗତି ଦେଇ ଅଧିକ ଶକ୍ତିଶାଳୀ ବା ସମୃଦ୍ଧି କରିବା ଜରୁରୀ। ଆମ ଅର୍ଥନୀତି ୪ ଟ୍ରିଲିୟନ ଡଲାର ଅତିକ୍ରମ କରି ବିଶ୍ୱର ଚତୁର୍ଥ ଅର୍ଥନୀତି ହୋଇଛି। ସମସାମୟିକ ବିଶ୍ୱାର୍ଥନୀତିକୁ ତର୍ଜମା କଲେ ସ୍ପଷ୍ଟ ମନେ ହୁଏ ଯେ ଜାପାନ୍ ଅର୍ଥନୀତି ଗତ ତିନିବର୍ଷ ଧରି ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଛି। ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅର୍ଥନୀତି ବିଗୁଡୁ ଥିବାରୁ ଜାପାନ ଚତୁର୍ଥ ସ୍ଥାନରୁ ତଳକୁ ଖସିଆସିବା ସ୍ୱାଭାବିକ। ଏହି ପରିସ୍ଥିତି ଆମ ପାଇଁ ଚତୁର୍ଥ ସ୍ଥାନ ହାସଲ କରିବାକୁ ସୁଯୋଗ ସୃଷ୍ଟି କରିଛି। ଏହା ପଛରେ କୌଣସି ପ୍ରତିଯୋଗିତା ବା ପ୍ରତିଦ୍ୱନ୍ଦ୍ୱିତା ନଥିଲା। ତିନିବର୍ଷରେ ଆମେ ଜର୍ମାନୀକୁ ଅତିକ୍ରମ କରି ତୃତୀୟ ସ୍ଥାନ ହାସଲର ଯେଉଁ ଆସ୍ଫାଳନ କରାଯାଉଛି ସେଥିପାଇଁ ଆମର ପ୍ରାକ୍ ପ୍ରସ୍ତୁତି କ'ଣ? ସେ ଦିଗରେ ଅଗ୍ରଗତି ବିନା ନକ୍ସାରେ ହାସଲ କରିବା ଏତେ ସହଜ ନୁହେଁ। କେବଳ କର୍ପୋରେଟ ସଂସ୍ଥା ଆମକୁ ସେ ସ୍ଥିତିରେ ପହଞ୍ଚାଇ ଦେଇ ପାରିବେ ନି।

## ଶ୍ରୀଜଗନ୍ନାଥ ଧାମର ବୈଶିଷ୍ଟ୍ୟ ଓ ଶାସ୍ତ୍ରୀୟ ପ୍ରମାଣ

ଡ. ଭାରତ ଭୂଷଣ ରଥ

ଶ୍ରୀଜଗନ୍ନାଥ ସତ୍ୟ ଯୁଗର ଦେବତା। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ବାମଦେବ ସଂହିତା ପ୍ରଭୃତି ପ୍ରାଚୀନ ଶାସ୍ତ୍ରାନୁଯାୟୀ, କୃତଯୁଗ ଅର୍ଥାତ୍ ସତ୍ୟଯୁଗରେ ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ରାଜା ପୁରୁଷୋତ୍ତମ ଧାମରେ ଶ୍ରୀଜଗନ୍ନାଥଙ୍କୁ ପୂଜା କରିଥିଲେ। ମାଳବପ୍ରଦେଶରୁ ଶ୍ରୀବିଷ୍ଣୁଙ୍କର ଅନ୍ୱେଷଣରେ ଆସି ଇନ୍ଦ୍ରଦ୍ୟୁମ୍ନଙ୍କର ରାଜପୁରୋହିତଙ୍କର ଭ୍ରାତା ବିଦ୍ୟାପତି ପ୍ରଥମେ ଶବର ଭକ୍ତ ବିଶ୍ୱାବସୁଙ୍କ ସାହାଯ୍ୟରେ ନୀଳମାଧବଙ୍କୁ ଦର୍ଶନ କଲେ। କିନ୍ତୁ ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ଦର୍ଶନ କରିବା ପାଇଁ ଆସିଲେ ସେତେବେଳେ ନୀଳମାଧବ ଅନ୍ତର୍ଦ୍ଧାନ ହୋଇଗଲେ। ଏହାପରେ ଦେବର୍ଷି ନାରଦଙ୍କର ଉପଦେଶକ୍ରମେ ରାଜା ଇନ୍ଦ୍ରଦ୍ୟୁମ୍ନ ମହୋଦଧି କୂଳରେ ନୃସିଂହଙ୍କର ଉପାସନା ଓ ଯଜ୍ଞ ଆୟୋଜନ କଲେ। ଫଳତଃ ଶ୍ରୀବିଷ୍ଣୁ ସନ୍ତୁଷ୍ଟ ହୋଇ ଦାରୁବ୍ରହ୍ମ ରୂପରେ ଶ୍ରୀକ୍ଷେତ୍ରରେ ବିରାଜମାନ କଲେ।

ଏହି ପୁରୁଷୋତ୍ତମ କ୍ଷେତ୍ର ଦଶଯୋଜନ ବିସ୍ତୀର୍ଣ୍ଣ ଅଟନ୍ତି। ଏକ ଯୋଜନ ପ୍ରାୟତଃ ବାର କିଲୋମିଟର। ଅତଃ ଦଶଯୋଜନ ବିସ୍ତୀର୍ଣ୍ଣ ପୁରୁଷୋତ୍ତମ କ୍ଷେତ୍ର ପ୍ରାୟ ଏକ ଶହ କୋଡ଼ିଏ କିଲୋମିଟର ପରିବ୍ୟାପ୍ତ। ଶାସ୍ତ୍ର ଅନୁସାରେ ଏହି ଦଶ ଯୋଜନ ଭିତରେ ଅନେକ ପ୍ରସିଦ୍ଧ ତୀର୍ଥ ସ୍ଥାନ ମଧ୍ୟରୁ ଏକାମ୍ର କାନନର ଶ୍ରୀଲିଙ୍ଗରାଜ, ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ଚର୍ଚ୍ଚିକା, କଣ୍ଟିଲୋର ନୀଳମାଧବ, ଯାଜପୁର ବିରଜା, ରଣପୁର ମଣିନାଗ, ମହାନଦୀ ଓ ଚିତ୍ରୋତ୍ପଳା ପ୍ରଭୃତି ପବିତ୍ର ନଦୀ ଅନ୍ତର୍ଭୁକ୍ତ। ଏହି କ୍ଷେତ୍ରରେ ଯେତେବେଳେ ଯମଙ୍କ ଆଖି ଆଗରେ ଏକ କାକପକ୍ଷୀ ମୁକ୍ତି ପାଇଗଲେ ସେତେବେଳେ ଯମ ଶ୍ରୀବିଷ୍ଣୁଙ୍କ ପାଖକୁ ଯାଇ ଅନୁରୋଧ କରି କହିଲେ, ପ୍ରଭୁ! ମୁଁ ମୃତ୍ୟୁର ଦେବତା ଥାଉଥାଉ କାକପକ୍ଷୀ ମୋ ବିନା ସୂଚନାରେ ଏଠାରେ ମୁକ୍ତି ପାଇଗଲା। ଏହା ଶୁଣି ଭଗବାନ୍ ବିଷ୍ଣୁଙ୍କର ଇଙ୍ଗିତରେ ମା' ଲକ୍ଷ୍ମୀ ଯମଙ୍କୁ ବୁଝେଇ କହିଲେ, ହେ ଯମ! ଏହି ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀବିଷ୍ଣୁ ଏବଂ ତାଙ୍କ ବକ୍ଷ ସ୍ଥଳରେ ମୁଁ ଚିରନିବାସ କରୁ। କଳ୍ପର ଅନ୍ତ ହୋଇଗଲେ ମଧ୍ୟ ଏହି ସ୍ଥାନ ଛାଡ଼ି ଆମ୍ଭେ ଯାଉନାହୁଁ। ତେଣୁ ସ୍କନ୍ଦ ପୁରାଣ କୁହନ୍ତି, 'ଅତ୍ୟାଜ୍ୟମାବୟୋରେତତ୍ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମମ୍। କଳ୍ପାବସାନେପ୍ୟାବାଂ ବୈଧ୍ରୀୟତେ ପରମେଷ୍ଠିନା।' ଏହି କ୍ଷେତ୍ରର ବର୍ଣ୍ଣନା ଓ ମହତ୍ତ୍ୱ ସତ୍ୟଯୁଗରୁ ବିଦ୍ୟମାନ ଅଛି। ଯୁଗ ଆରମ୍ଭ ପୂର୍ବରୁ ପ୍ରତି କଳ୍ପରେ ମା'ଲକ୍ଷ୍ମୀଙ୍କ ସହିତ ବିଷ୍ଣୁଙ୍କର ନିବାସ ଏହି କ୍ଷେତ୍ରକୁ ଏକ 'ଧାମ'ର ମାନ୍ୟତା ଦେଇଛି। ଏ ସବୁ ଦିବ୍ୟରହସ୍ୟକୁ ଜାଣିବା ପରେ ତ୍ରେତୟା ଯୁଗ, ଦ୍ୱାପର ଯୁଗ ଓ କଳି ଯୁଗରେ ଶ୍ରୀଜଗନ୍ନାଥଙ୍କର ପୂଜା ହୋଇଆସିଛି 'ପୁରୁଷୋତ୍ତମଧାମ'ରେ।

ଆମେ ଜାଣୁ ଆର୍ଯ୍ୟାବର୍ତ୍ତ ଭାରତରେ ଏକଦା ସନାତନ ହିନ୍ଦୁ ଧର୍ମ ଉପରେ ଅନାର୍ଯ୍ୟମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିଥିଲା। ତେଣୁ ସପ୍ତମ ଶତକର ଏକ ପରମପବିତ୍ର ମୁହୂର୍ତ୍ତରେ ଜନ୍ମ ନେଲେ ସିଦ୍ଧ ସାଧକ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ। ସେ ଜାଣିଥିଲେ ଧର୍ମର ହାନି ହେଲେ ଜନସାଧାରଣ କେହି କାହାକୁ ମାନିବେ ନାହିଁ। ନିୟମ ବୋଲି କିଛି ରହିବ ନାହିଁ। ଦେବତା, ଦିବ୍ୟକ୍ଷେତ୍ର, ଗୁରୁ, ପିତାମାତା ଏ ଦିବ୍ୟସତ୍ତା ବୁଡ଼ିଯିବ। ଶୃଙ୍ଖଳାବିହୀନ ସମାଜ ଭୁଶୁଡ଼ି ପଡ଼ିବ। ତେଣୁ ସେ ସମଗ୍ର ଭାରତ ବୁଲିବୁଲି ସନାତନ ଧର୍ମର ସୁରକ୍ଷା ପାଇଁ ନିଜର ତପୋବଳ ଏବଂ ସାଧନା ମାଧ୍ୟମରେ ଅନେକ ସଂସ୍କାର ଆଣିପାରିଲେ। ଭାରତରେ ଯେଉଁ ପ୍ରସିଦ୍ଧ ଧାମଗୁଡ଼ିକ ଚାରି ଯୁଗକୁ ପ୍ରତିନିଧିତ୍ୱ କରନ୍ତି ସେହି ଧାମଗୁଡ଼ିକରେ ବିଶେଷ ସଂସ୍କାର ଆଣିଲେ ଆଦି ଶଙ୍କରାଚାର୍ଯ୍ୟ। ତାଙ୍କର ପ୍ରେରଣା ଓ ପ୍ରଚେଷ୍ଟାରେ ଭାରତରେ ଚାରିଗୋଟି ଧାମ ବିଶେଷ ପରିଚୟ ପାଇଲେ।

ସତ୍ୟ ଯୁଗର ପ୍ରତିନିଧିତ୍ୱ କରୁଥିବା ବଦ୍ରିନାଥ ଭାରତର ଉତ୍ତରରେ ହିମାଳୟଶିଖର ନରନାରାୟଣ ପର୍ବତ ମଧ୍ୟରେ ଅବସ୍ଥିତ। ଏହିଠାରେ ଏକ ବଦରି ବୃକ୍ଷ ଅର୍ଥାତ୍ ବରକୋଳି ବୃକ୍ଷ ତଳେ ଭଗବାନ୍ ବିଷ୍ଣୁ ତପସ୍ୟାରତ ଥିଲେ। ଆଦି ଶଙ୍କରାଚାର୍ଯ୍ୟ ବଦ୍ରିନାଥରେ ପହଞ୍ଚି କଳାମୁଗୁନି ପ୍ରସ୍ତର ଶାଳଗ୍ରାମ ମୂର୍ତ୍ତି ବଦ୍ରିନାରାୟଣଙ୍କୁ ଅଳକାନନ୍ଦା ନଦୀଗର୍ଭରୁ ଉଦ୍ଧାର କରି ଅଳକାନନ୍ଦା ନଦୀ ସମୀପ ତପ୍ତକୁଣ୍ଡ ସ୍ଥିତ ଗୁମ୍ଫାରେ ପ୍ରତିଷ୍ଠା କଲେ। ଏହି ସ୍ଥାନରେ ଭଗବାନ୍ ବିଷ୍ଣୁ ସର୍ବଦା ତପସ୍ୟାରତ। ତ୍ରେତୟା ଯୁଗର ପ୍ରତିନିଧିତ୍ୱ କରୁଥିବା ରାମେଶ୍ୱର ଭାରତର ଦକ୍ଷିଣରେ ଅବସ୍ଥିତ। ଏହିଠାରେ ଶ୍ରୀରାମଙ୍କ ଦ୍ୱାରା ଭଗବାନ୍ ଶିବଙ୍କର ଲିଙ୍ଗ ପୂଜିତ ହୋଇଥିଲେ। ଆଦିଶଙ୍କର ଏହି ଧାମର ବୈଶିଷ୍ଟ୍ୟକୁ ଲୋକଲୋଚନକୁ ବିଶେଷଭାବରେ ଆଣିଲେ। ପଶ୍ଚିମରେ ଦ୍ୱାରକା ଧାମ, ଯାହା ଦ୍ୱାପର ଯୁଗର ପ୍ରତିନିଧିତ୍ୱ କରେ। ଭଗବାନ୍ ଶ୍ରୀକୃଷ୍ଣ ଦ୍ୱାରକାର ରାଜା ଥିଲେ। ପରବର୍ତ୍ତୀ ସମୟରେ ପଶ୍ଚିମ ସମୁଦ୍ର କୂଳରେ ଦ୍ୱାରକାଧୀଶଙ୍କର ଦିବ୍ୟ ବିଗ୍ରହ ପୂଜିତ ହେଉଛନ୍ତି। ପୂର୍ବରେ ପୁରୁଷୋତ୍ତମଧାମ, ଯାହା କଳି ଯୁଗର ପ୍ରତିନିଧିତ୍ୱ କରେ। ଏହିଠାରେ ଭଗବାନ୍ ନାରାୟଣ ଏବଂ ମା'ଲକ୍ଷ୍ମୀ ସର୍ବଦା ବିରାଜମାନ କରନ୍ତି। ଏହିଠାରେ ଥିବା ସମୁଦ୍ର ମହୋଦଧିର ମାନ୍ୟତା ପାଇଛି। ଶ୍ରୀବିଗ୍ରହଙ୍କର ଦାରୁ ଏହି ଉଦଧିରେ ଭାସୁଥିବାର ଦର୍ଶନ କରିଥିଲେ ରାଜା ଇନ୍ଦ୍ରଦ୍ୟୁମ୍ନ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁଙ୍କୁ ସଂଗ୍ରହ କଲେ ଏବଂ ସ୍ୱୟଂ ନାରାୟଣ ବୃଦ୍ଧବଢ଼େଇ ବେଶରେ ଆସି ନିଜ ବିଗ୍ରହ ନିଜେ ନିର୍ମାଣ କରି ଅନ୍ତର୍ଦ୍ଧାନ ହୋଇଗଲେ। ସେହି ଦିବ୍ୟବିଗ୍ରହଙ୍କୁ ଆମ୍ଭେ ପୁରୀରେ ଦର୍ଶନ କରୁଛେ।

ଯେଉଁ ବିଗ୍ରହ ଧର୍ମ-ଅର୍ଥ-କାମ-ମୋକ୍ଷ ସ୍ୱରୂପ ଚତୁର୍ବର୍ଗ ପୁରୁଷାର୍ଥ ପ୍ରଦାନ କରନ୍ତି ସେ ହେଉଛନ୍ତି ଶ୍ରୀମନ୍ଦିରରେ ବିରାଜିତ ଚତୁର୍ଦ୍ଧା ବିଗ୍ରହ। ଏହି ଦିବ୍ୟରହସ୍ୟକୁ ଅନୁଭବ କରି ଆଦି ଶଙ୍କରାଚାର୍ଯ୍ୟ ପୁରୀ ପୁରୁଷୋତ୍ତମ ଧାମରେ ଏକ ମଠ ସ୍ଥାପନା କରି ସାଧନା କଲେ। ଏହିଭଳି ଅନେକ ଶାସ୍ତ୍ରୀୟ ପ୍ରମାଣ ସୂଚେଇ ଦିଅନ୍ତି ଶ୍ରୀପୁରୁଷୋତ୍ତମ ଧାମ ସ୍ୱତଃ ସୃଷ୍ଟି ହୋଇଥିବା ଏକ ପରମ ପବିତ୍ର କ୍ଷେତ୍ର। ବିଶେଷକରି ପ୍ରାୟ ଅଠର ଶହ ବର୍ଷ ତଳୁ ଆଦି ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ ପରଠାରୁ ଏହି ଧାମ ଭାରତର ଚତୁର୍ଦ୍ଧାମ ସହିତ ଯୋଡ଼ି ହୋଇ ଅନ୍ୟ ତିନିଗୋଟି ଧାମର ଗୁରୁତ୍ୱ ସହିତ ନିଜ ଗୁରୁତ୍ୱକୁ ବର୍ଦ୍ଧନ କରିଆସୁଛନ୍ତି।

ଏହି ଧାମର ମହତ୍ତ୍ୱ କାରଣରୁ ସମୁଦ୍ରର ଅତି ସମୀପରେ ଥାଇ ମଧ୍ୟ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିର ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଓ ସୁରକ୍ଷିତ। ଏହି ଭବ୍ୟମନ୍ଦିର ନିର୍ମାଣ ହେବା ପୂର୍ବରୁ ଏଠାରେ ଅନେକ ମନ୍ଦିର ନିର୍ମାଣ ହୋଇଛନ୍ତି ଏବଂ ଶ୍ରୀଜଗନ୍ନାଥ ପୂଜା ପାଇ ଆସୁଛନ୍ତି। ଶ୍ରୀମନ୍ଦିରରେ ଅନ୍ୟ ଏକ ପ୍ରମୁଖ ରହସ୍ୟ ହେଉଛନ୍ତି ଦାରୁବିଗ୍ରହ। ବିଶ୍ୱର ସମସ୍ତ ଦେବତାଙ୍କର ବିଗ୍ରହ ପ୍ରସ୍ତର କିମ୍ବା ଧାତୁ ନିର୍ମିତ ହୋଇଥିବା ବେଳେ ପୁରୀ ଶ୍ରୀଜଗନ୍ନାଥ ଦାରୁ ନିର୍ମିତ। ଶ୍ରୀଜଗନ୍ନାଥଙ୍କର ନବକଳେବର ବିଶ୍ୱ ଧାର୍ମିକ ଇତିହାସରେ ଏକମାତ୍ର ବିରଳ ଐତିହ୍ୟ। ଶ୍ରୀକ୍ଷେତ୍ରରେ ପୂଜିତ ଶ୍ରୀଜଗନ୍ନାଥଙ୍କର ଶ୍ରୀବିଗ୍ରହରେ ବ୍ରହ୍ମ ରହିଛନ୍ତି। ଏହି ବ୍ରହ୍ମ ଏକ ରହସ୍ୟ। ସେଥିପାଇଁ ସେ ଦେବତା ଏତେ ଶକ୍ତିଶାଳୀ ଏବଂ ଏହି ଧାମ ଏତେ ଦିବ୍ୟ। ମହାପ୍ରସାଦ ପୁରୁଷୋତ୍ତମ ଧାମର ଅପର ବୈଶିଷ୍ଟ୍ୟ, ଯାହା ମୁକ୍ତି ପ୍ରଦାନ କରନ୍ତି। ମହାପ୍ରସାଦ ନିର୍ମାଣ ଶୈଳୀ ତଥା ପ୍ରସାଦରୁ ମହାପ୍ରସାଦ ହେବାରେ ଶ୍ରୀମନ୍ଦିରରେ ଯେଉଁ ପ୍ରକ୍ରିୟା, ତାହା ନିଶ୍ଚୟ ବିଶେଷତ୍ୱକୁ ଧାରଣ କରିଛି। ରଥଯାତ୍ରା ପୁରୀର ଅନ୍ୟ ଏକ ବିଶ୍ୱଐତିହ୍ୟ, ଯାହା ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ମନୁଷ୍ୟ ତଥା ସମସ୍ତ ପ୍ରାଣୀମାନଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀଜଗନ୍ନାଥଙ୍କର ସ୍ୱୟଂଲୀଳା।

ପୁରୀକୁ ଆସିଛନ୍ତି ବିଶ୍ୱର ଅନେକ ବିଶିଷ୍ଟ ସାଧୁସନ୍ଥ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିଶ୍ୱଜନତା ସ୍ତବ୍ଧ ହୋଇଛନ୍ତି। ଏଠାରେ ଜ୍ଞାନ ଓ ଭକ୍ତି ଉଭୟ ତତ୍ତ୍ୱର ପରମ ନିଦର୍ଶନ ଦୃଷ୍ଟିଗୋଚର ହୁଏ। ଏଠାରେ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ବୌଦ୍ଧ ପ୍ରଭୃତି ଅନେକ ପରମ୍ପରା ଏବଂ ନାନାବିଧ ମତ ଏକ ହୋଇଯାଏ। ଏ ଧାମ ସ୍ୱତନ୍ତ୍ର। ଏହି ଧାମକୁ ନେଇ ଯଦି କେହି ପ୍ରତିଯୋଗିତା କରେ ତେବେ ହାସ୍ୟାସ୍ପଦ ବିନା ଅନ୍ୟ କିଛି ନୁହେଁ।

ଆଜି ଆମ୍ଭେ ଦେଖୁ ଶ୍ରୀମନ୍ଦିରକୁ ଛାଡ଼ି ଅନ୍ୟ କିଛି ଧାର୍ମିକ ସଂସ୍ଥା ମହାପ୍ରସାଦ ନାମ ଦେଇ ପ୍ରସାଦ ବିକ୍ରି କରୁଛନ୍ତି। କିନ୍ତୁ ସେମାନେ ଜାଣିବା ଆବଶ୍ୟକ ପୃଥିବୀରେ କେବଳ ପୁରୀ ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କେଉଁଠି ମହାପ୍ରସାଦ ନାହିଁ। ଏହାପଛରେ ଶାସ୍ତ୍ରୀୟ ରହସ୍ୟ ରହିଛି। ବେଳେବେଳେ ଦେଖାଯାଉଛି ଅଦିନିଆ ଜଗନ୍ନାଥ ରଥଯାତ୍ରା ପାଇଁ ପ୍ରସ୍ତୁତିକରଣ। ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା କେବେ ଅନୁଷ୍ଠିତ ହେବ ଏହା ସ୍ୱୟଂ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। ତାହା ହେଲା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି। ଠିକ୍ ସେହିଭଳି ଜଗନ୍ନାଥଧାମ ବିଶ୍ୱରେ ଗୋଟିଏ। ତାହା ହେଲା ଓଡ଼ିଶା ରାଜ୍ୟର ପୁରୀ ଶ୍ରୀଜଗନ୍ନାଥ ଧାମ। ଅନ୍ୟ କେଉଁଠାରେ ଏହିସବୁ ଧାର୍ମିକ ଶୃଙ୍ଖଳାର ବ୍ୟତିକ୍ରମ ଅଶୋଭନୀୟ ଆଚରଣ। ଏହାର ଫଳ ବିନାଶଶୀଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ।

(ଉପନିର୍ଦ୍ଦେଶକ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି)

ମୋ: ୮୮୯୭୪୨୬୨୪୩

## ଏଆଇ ଆଧାରିତ ସାମ୍ବାଦିକତା

ଅଜିତ କୁମାର ପ୍ରଧାନ



ସୂଚନା ଓ ସାମ୍ବାଦିକତା ବର୍ତ୍ତମାନ ଦୁନିଆର ଅତ୍ୟନ୍ତ ଜରୁରୀ ଦିଗ। ଏହା ମଧ୍ୟ ଆଜିର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେ ସାମ୍ବାଦିକତା ମାନବ ଜୀବନର ଦୈନନ୍ଦିନ ଅଂଶ ହୋଇପାରିଛି। ଆଜି ବିଶ୍ୱ ଯେଉଁ ଗତିରେ ଆଗକୁ ବଢ଼ୁଛି, ତାହା ତଥ୍ୟପ୍ରାପ୍ତିର ଆବଶ୍ୟକତା ବଢ଼ାଇଛି। ଏହି ପୃଷ୍ଠଭୂମିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ପ୍ରୟୋଗ ସାମ୍ବାଦିକତାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି।

ସରଳ ଅର୍ଥରେ ବୁଝିବାକୁ ଗଲେ ଏଆଇ ହେଉଛି ଏକ ବୈଜ୍ଞାନିକ ପ୍ରକ୍ରିୟା ବା କମ୍ପ୍ୟୁଟର ବିଦ୍ୟା, ଯାହା ମଣିଷଙ୍କ ଭଳି ଭାବିପାରିବ, କରିପାରିବ ଓ ନିଷ୍ପତ୍ତି ନେଇପାରିବ। ଏହି ବୈଷୟିକ ଜ୍ଞାନକୌଶଳ ସାମ୍ବାଦିକତାରେ ଖବରସଂଗ୍ରହ, ବିଶ୍ଳେଷଣ ଓ ପ୍ରସ୍ତୁତିକୁ ସହଜ, ଦ୍ରୁତ ଓ ଦୃଢ଼ କରିଛି। ଏଆଇ ଆଧାରିତ ସାମ୍ବାଦିକତାର ଅନେକ ସୁବିଧା ରହିଛି। ପ୍ରଥମେ, ଏହାଦ୍ୱାରା ଖବର ବହୁତ ଦ୍ରୁତ ଭାବେ ପ୍ରସ୍ତୁତ କରାଯାଇପାରୁଛି। ଏଆଇ ସହାୟତାରେ ସଂସାରର ଅନେକ ଘଟଣାର ଖବରର ବୈଧତା ମଧ୍ୟ ସଠିକ୍ ଭାବେ ନିର୍ଣ୍ଣୟ ହୋଇପାରୁଛି। ମଣିଷର କାର୍ଯ୍ୟକାରିତା ତୁଳନାରେ ଏହାର ଦକ୍ଷତା ଅଧିକ ଥିବାରୁ ଶ୍ରମ ଓ ସମୟ ସଞ୍ଚୟ ହୋଇପାରୁଛି। ଦ୍ୱିତୀୟତଃ, ଏଆଇର ବିଶ୍ଳେଷଣ ଦକ୍ଷତା ବ୍ୟାପକ ଓ ନିର୍ଭୁଲ୍। ସାଧାରଣ ମଣିଷଙ୍କ ପାଇଁ ଯେଉଁ ତଥ୍ୟକୁ ବୁଝିବାରେ ଅସୁବିଧା ହୁଏ, ସେଗୁଡ଼ିକୁ ଏଆଇ ଦ୍ୱାରା ଖୁବ ଦ୍ରୁତ ଓ ସଠିକ୍ ଭାବରେ କରାଯାଇପାରେ। ତୃତୀୟରେ, ଯଦି ସଠିକ୍ ନୀତି ଓ ନିୟମ ରହିଥାଏ, ତେବେ ଏଆଇ ଭୁଲ ଓ ଭ୍ରମରହିତ ଖବର ପ୍ରସାରଣ ଓ ପ୍ରସ୍ତୁତ କରିପାରେ। ଏହା ଫଳରେ ଖବର ଅଧିକ ପ୍ରାମାଣିକ, ଗ୍ରହଣୀୟ ଓ ନିର୍ଭରଶୀଳ ହୁଏ।

ଏହାସତ୍ତ୍ୱେ କେବଳ ପ୍ରଦତ୍ତ ଓ ବା ଉପଲବ୍ଧ ତଥ୍ୟ ଉପରେ ଭିତ୍ତିକରି ଏଆଇ ଖବର ପ୍ରସ୍ତୁତ କରୁଥିବାରୁ ବେଳେବେଳେ ଏହା ପ୍ରମାଦ ସୃଷ୍ଟି କରେ। ଲୋକମାନେ ଭୁଲ ସୂଚନା ଆଧାରରେ ନିଷ୍ପତ୍ତି ନେବା ଫଳରେ ସମସ୍ୟା ବୃଦ୍ଧି ହୁଏ। ସେହିପରି ଏଆଇ ଯନ୍ତ୍ର ହୋଇଥିବାରୁ ଏକାରେ ମାନବୀୟ ଭାବନା, ସମ୍ବେଦନା ଓ ନୀତି ନାହିଁ। ଯେତେବେଳେ କୌଣସି ଦୁଃଖଦ କିମ୍ବା ସମ୍ବେଦନଶୀଳ ବିଷୟ ଉପରେ ସୂଚନା ଦେବା ଏବଂ ବିଶ୍ଳେଷଣ କରିବା ଆବଶ୍ୟକ ସେ କ୍ଷେତ୍ରରେ ଏଆଇଠାରୁ ମାନବ ସୁଲଭ ଗୁଣ ଓ ପ୍ରତିକ୍ରିୟା ଆଶା କରାଯାଇପାରିବ ନାହିଁ। ଫଳରେ ସମ୍ବାଦ ପରିବେଷଣର ଭାବାତ୍ମକ ଉପସ୍ଥାପନ ହୋଇପାରେ ନାହିଁ। ସାମ୍ବାଦିକତାରେ ଏଆଇ ବ୍ୟବହାର ପାଇଁ ଜଣାପଡୁଥିବା ନୀତି ଓ ନିୟମ ଯଦି ନଥାଏ, ତେବେ ଏହା ଅନ୍ୟାୟ ଓ ଦୁରୁପଯୋଗର ପରିବେଶ ସୃଷ୍ଟିର କାରଣ ହୋଇଥାଏ। ଏହା ମଧ୍ୟ ସାମାଜିକ ନ୍ୟାୟିକ ପ୍ରକ୍ରିୟାରେ ବିସଙ୍ଗତି ଆଣିପାରେ।

ତେଣୁ ସାମ୍ବାଦିକତାରେ ଏଆଇ ଓ ମଣିଷ ଭାବନା ଓ କାର୍ଯ୍ୟକଳାପର ସମନ୍ୱୟ ଓ ଉଚିତ ସକ୍ରିୟତା ରହିଲେ ଫଳାଫଳ ଉନ୍ନତ ହୁଏ। ଏ କ୍ଷେତ୍ରରେ ସମ୍ପାଦକମାନଙ୍କ ଭୂମିକା ହେଉଛି ତଥ୍ୟ ଓ ଖବରର ନୀତିଗତ ମୂଲ୍ୟାଙ୍କନ, ସମୟୋଚିତ ତଥ୍ୟ ପ୍ରଦାନ ଏବଂ ତ୍ରୁଟିପୂର୍ଣ୍ଣ ସୂଚନାରୁ ଲୋକଙ୍କୁ ସୁରକ୍ଷା ଓ ସଚେତନ ସୃଷ୍ଟି କରିବା। ଏଆଇର ଏହି ଦୁର୍ବଳତାକୁ ଦୂର କରିପାରିଲେ ସାମ୍ବାଦିକତା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ସମ୍ଭବ। ଏଆଇ ଆଧାରିତ ସାମ୍ବାଦିକତା ପାଇଁ ମଧ୍ୟ ସଠିକ ନୀତି ଓ ନିୟମ ପ୍ରସ୍ତୁତ ହେବା ଦରକାର। ଯାହା ଏଆଇ ଆଧାରିତ ଖବରର ସତ୍ୟତା, ନ୍ୟାୟସଙ୍ଗତା ଓ ସକାରାତ୍ମକତାକୁ ସୁନିଶ୍ଚିତ କରି ସାମାଜିକ ସୁରକ୍ଷା ଓ ନ୍ୟାୟ ପ୍ରତି ଭରସା ବଢ଼ାଇବ। ଏଆଇ ଆଧାରିତ ସାମ୍ବାଦିକତା ଏକପକ୍ଷରେ ଦୃଢ଼, ଦ୍ରୁତ ଓ ସଠିକ ତଥ୍ୟ ପ୍ରଦାନ କରି ସାମାଜିକ ଜୀବନକୁ ସୁବିଧାଜନକ କରିପାରିଥିବା ବେଳେ ସାମାନ୍ୟ ଦୁର୍ବଳତା ଓ ଅସୁବିଧା ଯୋଗୁଁ ଜନମତକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସଭ୍ୟତାର ବିକାଶ ସହିତ ସାମାଜିକ ଜନଜୀବନକୁ ଅଧିକ ସରସ କରିବା ପାଇଁ ଏ ଦିଗରେ ସମନ୍ୱୟ ଲାଗି ସୁଚିନ୍ତିତ ସକାରାତ୍ମକ ଚିନ୍ତନ ଆବଶ୍ୟକ।

ନୀଳଗିରି(ବାଲେଶ୍ୱର), ମୋ: ୯୭୭୭୮୧୪୫୪୧

## ହ୍ରାସ ପାଉଛି କି ମଣିଷର ବୁଦ୍ଧିମତ୍ତା!

ଶ୍ରୀନନ

**ବିଜ୍ଞାନ ବାର୍ତ୍ତା**

ନୃତତ୍ତ୍ୱବିତ୍‌ଙ୍କ ମତରେ ଆଜକୁ ପ୍ରାୟ ୨ ଲକ୍ଷ ବର୍ଷତଳେ ଆଧୁନିକ ମଣିଷ ପ୍ରଜାତିର ବିକାଶ ଘଟିଲା। ସେ ସମୟରୁ ଧୀରେ ଧୀରେ ବଢ଼ିବାକୁ ଲାଗିଲା ତାର ବୁଦ୍ଧିମତ୍ତା। ତେବେ ତା' ମସ୍ତିଷ୍କ ଆଧୁନିକ ରୂପନେଲା ବର୍ତ୍ତମାନଠାରୁ ପ୍ରାୟ ୧ ଲକ୍ଷ ବର୍ଷ ପୂର୍ବେ। ଏହା ଫଳରେ ତା'ଠାରେ ଜଟିଳ ବୋଧଶକ୍ତି ଓ ସୁସଙ୍ଗତ ଆଚରଣ ଶକ୍ତି ଜାତ ହେବାକୁ ଲାଗିଲା, ଯାହାକି ପ୍ରାୟ ୫୦ ହଜାରରୁ ୬୫ ହଜାର ବର୍ଷ ତଳେ ତା'କୁ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବା ବୁଦ୍ଧିମାନ ତଥା ଚିନ୍ତାଶକ୍ତି ସଂପନ୍ନ ଜୀବରେ ପରିଣତ କଲା।

ଏହାପରେ ତା'ର ସାମାଜିକ ଜୀବନ ଦୃଢ଼ୀଭୂତ ହେବା ସଙ୍ଗେ ସଙ୍ଗେ ଜୀବନଧାରା ସମ୍ମୁନ୍ନତ ହୋଇ ତା'ଠାରେ ଉନ୍ନତ ବୁଦ୍ଧିମତ୍ତାର ଉଦ୍ରେକ ଘଟାଇଲା। ଫଳରେ ସେ ନୂଆ ନୂଆ କଥା ଚିନ୍ତା କରିପାରିଲା ଏବଂ ତାହା ତା'କୁ ଆଜି ରୂପାନ୍ତରିତ କରିଛି 'ବୈଜ୍ଞାନିକ ମଣିଷ'ରେ। ଇତିମଧ୍ୟରେ ପରିବର୍ତ୍ତିତ ପରିବେଶ ଏବଂ ବିବର୍ତ୍ତନର ପ୍ରଭାବରେ ତା'ର 'ଫ୍ରଣ୍ଟାଲ୍ ଏବଂ ପେରିଏଟାଲ୍ ଲୋବ୍' ସମେତ ମସ୍ତିଷ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଅଂଶ ବୃଦ୍ଧିପ୍ରାପ୍ତ ହେଲା ଏବଂ ତନ୍ମଧ୍ୟରେ ସ୍ନାୟୁକୋଷମାନଙ୍କ ବାହକ ସଂପ୍ରସାରିତ ଓ ଘନ ହେଲା। ତା'ଠାରେ କେତେକ ଜିନୀୟ ପରିବର୍ତ୍ତନ ହେତୁ ଏ ପ୍ରକ୍ରିୟା ଅବ୍ୟାହତ ରହିଲା ବୋଲି ମତ ଦିଅନ୍ତି ବ୍ରିଟିଶ୍ ନୃତତ୍ତ୍ୱବିତ୍ ରବିନ୍ ଡୁନ୍‌ବାର। ତେବେ ବର୍ତ୍ତମାନ ମଣିଷର ବୁଦ୍ଧିମତ୍ତା ନିମ୍ନଗାମୀ ହେଉଥିବାର ଲକ୍ଷ୍ୟ କରାଯାଉଛି। ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏକ ସର୍ବେକ୍ଷଣର ତଥ୍ୟାଧାରିତ ୨୦୨୪ ମସିହା ମାର୍ଚ୍ଚ ମାସରେ 'ଦ ଫାଇନାନ୍ସିଆଲ୍ ଟାଇମସ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ପ୍ରାୟ ସବୁବର୍ଗର ଲୋକଙ୍କଠାରେ ଏହା ଅକ୍ସେବହୁତ ପରିଲକ୍ଷିତ ହେଉଛି। ଫଳରେ ସେମାନେ ପଠନ କିମ୍ବା ଅନ୍ୟ କୌଣସି ଶିକ୍ଷା କରିବାରେ ମନୋନିବେଶ କରିବା କଷ୍ଟକର ହେଉଛି। ବିଶେଷକରି, ଯୁବଗୋଷ୍ଠୀ ମଧ୍ୟରେ ଏହା ଅଧିକ ପରିଲକ୍ଷିତ ହେଉଛି। ଏଥିରେ ୧୫ ୧୮ ବର୍ଷ ବୟସ୍କ କିଛି ଆମେରିକୀୟ ତଥା ଅନ୍ୟାନ୍ୟ ଦେଶର ଛାତ୍ରଛାତ୍ରୀମାନଙ୍କୁ ନିଆଯାଇଥିଲା। ୨୦୧୦ ମସିହାରୁ ଆରମ୍ଭ ହୋଇଥିବା ଏହି 'ପ୍ରୋଗ୍ରାମ୍ ଫର୍ ଇଣ୍ଟରନ୍ୟାସନାଲ୍ ଷ୍ଟୁଡେଣ୍ଟ ଆସେସମେଣ୍ଟ' ପ୍ରକଳ୍ପରୁ ଜଣାପଡ଼ିଲା ଯେ ସେମାନଙ୍କଠାରେ ଅଧିକ ସମୟ ଧରି କୌଣସି କାର୍ଯ୍ୟରେ ମନୋନିବେଶ କରିବା ଏବଂ କୌଣସି ବିଷୟରେ ଗଭୀର ଭାବେ ଚିନ୍ତା କରିବାର କ୍ଷମତା ହ୍ରାସ ପାଇଛି।

ଏପରି ଘଟିବାର କାରଣ କଦାପି ଗୋଟିଏ ହୋଇ ନ ପାରେ ବୋଲି ମତ ଦିଅନ୍ତି ଏହି ଅଧ୍ୟୟନର ଗବେଷକମାନେ। ପଠନ ଅଭ୍ୟାସ ହ୍ରାସ ପାଇବା, ସୃଜନାତ୍ମକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା, କୌଣସି ନୂଆ ବିଷୟ ନିଜେ ନିଜେ ବୁଝିବାର ପ୍ରବୃତ୍ତି ତଥା ଅଭ୍ୟାସ କମ୍ ହେବା, ମାନସିକ ଶ୍ରମ ପ୍ରତି ନିରୁତ୍ସାହିତ ହେବା ଇତ୍ୟାଦି ସାମଗ୍ରିକ ଭାବେ ଏଥିପାଇଁ ଦାୟୀ ବୋଲି ସେମାନେ ଅନୁଭବ କରନ୍ତି। ଆମେରିକାର 'ନ୍ୟାସନାଲ୍ ଏଣ୍ଡୱାମେଣ୍ଟ ଫର୍ ଆର୍ଟସ୍' ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୨୦୧୨ ମସିହାରେ ୪୫.୨ ଶତାଂଶ ଏବଂ ୨୦୧୭ ମସିହାରେ ୪୧.୫ ଶତାଂଶ ଆମେରିକୀୟ ଯୁବଗୋଷ୍ଠୀ କ୍ଷୁଦ୍ରଗଳ୍ପ ବା ଉପନ୍ୟାସ ଆଦି ପଢ଼ିବାକୁ ଆଗ୍ରହୀ ହେଉଥିବା ବେଳେ ୨୦୨୨ ମସିହା ବେଳକୁ ତାହା ହ୍ରାସ ପାଇଥିଲା ୩୭.୬ ଶତାଂଶକୁ। ୨୦୨୩ରେ ପ୍ରକାଶିତ 'ଦ ଅର୍ଗାନାଇଜେସନ୍ ଫର୍ ଇକୋନୋମିକ୍ କୋ-ଅପରେସନ ଆଣ୍ଡ ଡେଭେଲପମେଣ୍ଟ' ସଂସ୍ଥାର ସର୍ବେକ୍ଷଣ ଫଳାଫଳରେ ପ୍ରାପ୍ତବୟସ୍କଙ୍କର ଗାଣିତିକ ପ୍ରଶ୍ନ ସମାଧାନ କରିବାର ସାମର୍ଥ୍ୟ ହାନି ବାର୍ଷିକ ୨୭ ରୁ ୩୭ ଶତାଂଶ ଅଧିକ। ପଠନ ଅଭ୍ୟାସ ହାନି, ଗଭୀର ଭାବେ ଚିନ୍ତା କଲା ଭଳି ମାନସିକ ବ୍ୟାୟାମ ଆଦିର ଅଭାବ ସହିତ ଦୀର୍ଘସମୟ ଧରି ମୋବାଇଲ୍, ଟିଭି କିମ୍ବା କମ୍ପ୍ୟୁଟର ପରଦାକୁ ଦେଖିବା ଏହାର କାରଣ ହୋଇପାରେ।

ତେବେ ଏ କ୍ଷେତ୍ରରେ ଗବେଷକମାନେ ଏକମତ ଯେ ମଣିଷର ବୁଦ୍ଧିମତ୍ତାର ଅବନତି ଜୈବିକ ଭାବେ ଘଟିନାହିଁ। ଅର୍ଥାତ୍ ମସ୍ତିଷ୍କ ବା ସ୍ନାୟୁ ବ୍ୟବସ୍ଥାରେ ଅବକ୍ଷୟ ପରିଦୃଷ୍ଟ ହୋଇନାହିଁ। କେବଳ ବୁଦ୍ଧିମତ୍ତାର ପ୍ରୟୋଗ ଯଥେଷ୍ଟ ଓ ସଠିକ୍ ଭାବେ କରାଯାଉ ନଥିବାରୁ ସେଭଳି ହେବାର ପ୍ରତୀୟମାନ ହେଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଘରକୁ ଫେରିଲେ ଇତିଶ୍ରୀଙ୍କ ଭଉଣୀ ଓ ଝିଅାରୀ

# ବଖାଣିଲେ କାଳ ରାତିର ଛାତିଥରା କଥା



**ବ୍ୟାସନଗର,୨।୬(ସମିସ):** ସୋମବାର ସକାଳୁ ଘରକୁ ଫେରିଛନ୍ତି ସିକ୍କିମ ଦୁର୍ଘଟଣାରୁ ବର୍ତ୍ତିଥିବା ଇତିଶ୍ରୀ ନାୟକଙ୍କ ପରିବାର। ତେବେ ଘରକୁ ଫେରିବା ପରେ ଶୁକ୍ରବାର ସିକ୍କିମରେ ଘଟିଥିବା ସେହି କାଳରାତିର ଭୟାନକ ତଥା ଲୋମଟାଙ୍କୁରା କାହାଣୀ କହିଛନ୍ତି ଇତିଶ୍ରୀଙ୍କ ୨ ଭଉଣୀ।

ସିକ୍କିମ ଘାଟିରେ ଦୁର୍ଘଟଣା ଘଟିବାର ୪ ଦିନ ପରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଇତିଙ୍କ ଦୁଇ ଭଉଣୀ ମଞ୍ଜୁଲତା ଦେଓ ଓ ଝରଣା ଏବଂ ଦୁଇ ଝିଅାରୀ ଭାଇ ଶିଶିରଙ୍କ ଦୁଇ ଝିଅ ଜାନୀ ଓରଫ ସ୍ମୃତିସୋହାନି ଓ ଗୁନି ଓରଫ୍ ଶ୍ୱେତାତୃଚା ଘରକୁ ଫେରିଛନ୍ତି। ଯାଜପୁର ରୋଡ ରେଲଷ୍ଟେସନରେ ଓହ୍ଲାଇବା ପରେ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲେ। ପରିବାର ଲୋକଙ୍କୁ ପାଇ ଆତ୍ମବିଭୋର ହୋଇଉଠିଥିଲେ। ଯେତେବେଳେ ଘଟଣା ବିଷୟରେ ପଚାରି ବୁଝୁଥିଲୁ ସେ କାନ୍ଦି କାନ୍ଦି ଗୋଟି ଗୋଟି କରି ସମସ୍ତ କଥା କହିଥିଲେ।

ଘାଟିର ଜିରୋ ପଏଣ୍ଟରୁ ତଳକୁ ଓହ୍ଲାଇବା ବେଳକୁ ସମୟ ହୋଇଯାଇଥିଲା ରାତି ପ୍ରାୟ ସାଢେ ୭ଟା। ଆଗପଛ ହୋଇ ଦୁଇଟି ଗାଡ଼ିରେ ଫେରୁଥିଲେ ୧୧ ଜଣ ସଦସ୍ୟ। ମାତ୍ର କିଛି ସମୟ ପରେ ଆଉ ଇତିଙ୍କ ଗାଡିର ଲାଇଟ୍ ଦେଖାଯାଇନଥିଲା। ଏହାପରେ ସେଠାରୁ ସେମାନଙ୍କ ଗାଡ଼ି ଫେରାଇଥିଲେ। ଖୋଜୁଖୋଜୁ ରାତି ୧୦ଟା ବାଜି ଯାଇଥିଲା। ଏହାପରେ ସେଠାକାର ପୁଲିସ ସହିତ ଯୋଗାଯୋଗ କରିଥିଲେ। ରାତି ତମାମ ଖୋଜାଖୋଜି ଚାଲିଥିଲା। ରାତି ପ୍ରାୟ ତିନିଟା ବେଳେ ଦୁଇ ବାଳକଙ୍କ ସନ୍ଧାନ ମିଳିଥିଲା। ସେମାନେ ଉଦ୍ଧାର ହୋଇ ଗାଙ୍ଗଟକ୍ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏବେ ସେମାନଙ୍କ ପାଖରେ ଇତିଶ୍ରୀଙ୍କ ବଡ଼ଭାଇ ଶିଶିର ନାୟକ ଉପସ୍ଥିତ ଅଛନ୍ତି। ତେବେ ପରିବାରର ୪ ଜଣ ଏବେ ବି ନିଖୋଜ ଅଛନ୍ତି। ଦୁଇ ଭଉଣୀ ଓ ଦୁଇ ଭାଇଙ୍କ ୪ଟି ପରିବାରରୁ ୧୧ଜଣ ସଦସ୍ୟ ସିକ୍କିମ ଭ୍ରମଣରେ ଯାଇଥିଲେ।

ତେବେ ଆଜି ଓଡ଼ିଶା ସରକାର ଓ ସିକ୍କିମ ସରକାରଙ୍କ ମିଳିତ ସହଯୋଗରେ ୪ ସଦସ୍ୟ ଫେରିବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଇତିଶ୍ରୀଙ୍କ ସମେତ ବଡ଼ପୁଅ, ସାନଭାଇ ଭାଉଜ ମିଶି ୪ଜଣ ଏବେ ବି ନିଖୋଜ ଅଛନ୍ତି। ଓଡ଼ିଶା ଓ ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ମିଳିତ ସହଯୋଗରେ ସିକ୍କିମରୁ ପଶ୍ଚିମବଙ୍ଗ ନ୍ୟୁ ଜଲପାଇଗୁଡ଼ି ଜିଏଚ୍‌ୱାଇ୍‌ଏସ୍ ଏମ୍‌ଭିପି ଏକ୍ସପ୍ରେସରେ ଏଠାକୁ ପଠାଯାଇଛି। ଇତିଙ୍କ ବଡ଼ଭାଇ ସହିତ ଆହତ ଦୁଇ ବାଳକଙ୍କୁ ଏଠାକୁ ଅଣାଯିବା ସହ ୪ଜଣ ନିଖୋଜଙ୍କୁ ଉଦ୍ଧାର କରିବାକୁ ନିବେଦନ ଜଣାଇଛନ୍ତି ପରିବାର ଲୋକ। ସେପଟେ ସ୍ଥାନୀୟ ବିଧାୟକ ଆକାଶ ଦାସନାୟକ ମଞ୍ଜୁଲତାଙ୍କ ପରିବାର ନିକଟରେ ପହଞ୍ଚି ଆଲୋଚନା କରିବା ସହ ଆଶ୍ୱାସନା ଦେଇଥିଲେ। ସେପଟେ ସମସ୍ତ ପ୍ରୟାସ ସତ୍ତ୍ୱେ ଏଯାଏ ନିଖୋଜ ଚାରିଜଣଙ୍କ ସନ୍ଧାନ ମିଳୁନି। ଉଦ୍ଧାରକାରୀ ଦଳ ଦ୍ୱାରା ଖୋଜାଖୋଜି ଚାଲିଛି। ତୁରନ୍ତ ସେମାନଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି ପରିବାର ଓ ଆତ୍ମୀୟ ସ୍ୱଜନ।

### ■ ଅନ୍ୟ ଜାତିରେ ବିବାହ କରିଥିଲେ ବୋଲି

# ମଲା ପରେ ମୁହଁ ଚାହିଁଲାନି ପରିବାର




**ବରଗଡ଼, ୨।୬ (ସମିସ):** ବରଗଡ଼ ଜିଲ୍ଲାରେ ସୋମବାର ଜାତିପ୍ରଥାର ଏକ ଘୃଣ୍ୟ ରୂପ ଦେଖିବାକୁ ମିଳିଛି। ଅନ୍ୟ ଜାତିରେ ବାହା ହୋଇଥିବାରୁ ମୃତ୍ୟୁ ପରେ ମଧ୍ୟ ନିଜ ରକ୍ତ ସମ୍ପର୍କୀୟ ଥରୁଟିଏ ଦେଖିବାକୁ ଆସିଲେନି। ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ଅଧୀନ ସାନ ସରେଇପାଲି ଗାଁରେ ଆଜି ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶେଷରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ତାଙ୍କ ଶବ ସତ୍କାର କରିଛନ୍ତି। ମୃତକ ହେଲେ, ଗାଁର ସିମନ୍ତ ମିର୍ଦ୍ଧା।

**ଡାକ୍ତରଖାନା ବାରଣ୍ଡାରେ ପଡ଼ି ରହିଲା ଶବ**

ସୂଚନା ମୁତାବକ, ସିମନ୍ତ ୬ବର୍ଷ ତଳେ କାମ ଅନ୍ୱେଷଣରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଅଞ୍ଚଳକୁ ଯାଇଥିଲେ। ସେଠାରେ ସେ ଅନ୍ୟଜାତିର ଜଣେ ଯୁବତୀଙ୍କୁ ପ୍ରେମବିବାହ କରିଥିଲେ। ଏହା ଜାଣିବା ପରେ ତାଙ୍କୁ ପରିବାରଲୋକ ଓ ଜାତିଭାଇ ବାସନ୍ଦ କରିଦେଇଥିଲେ। ତେବେ ରବିବାର ସାମାନ୍ୟ ଘର ଭାଗବଣ୍ଟାକୁ ନେଇ ସାନଭାଇ ରାମକୃଷ୍ଣ ମିର୍ଦ୍ଧା (୩୫)ଙ୍କ ସହ ବଚସା ହୋଇଥିଲା। ବଚସା ଏତେ ଉଗ୍ର ହୋଇଥିଲା ଯେ ଏଥିରେ ଉତ୍‌କ୍ଷିପ୍ତ ହୋଇ ରାମକୃଷ୍ଣ ଏକ ଠେଙ୍ଗାରେ ଆକ୍ରମଣ କରିବାରୁ ସିମନ୍ତଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଖବର ପାଇ ଅମ୍ବାଭୋନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ରାମକୃଷ୍ଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବ୍ୟବଚ୍ଛେଦ ପରେ ପୁଲିସ୍ ସିମନ୍ତଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ସିମନ୍ତ ଅନ୍ୟଜାତିରେ ବାହା ହୋଇଥିବାରୁ ପରିବାର କି ସମାଜରେ କେହି ଧରାଛୁଆଁ ଦେଇନଥିଲେ। ମୃତଦେହ ସେମିତି ଡାକ୍ତରଖାନା ବାରଣ୍ଡାରେ ପଡ଼ି ରହିଥିଲା। ଶେଷରେ ପୁଲିସର ଅନୁରୋଧକ୍ରମେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ତରଫରୁ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ସସମ୍ମାନେ ସିମନ୍ତଙ୍କ ଶବସତ୍କାର କରାଯାଇଥିଲା। ସିମନ୍ତଙ୍କ ସ୍ତ୍ରୀ ଓ ମାଁ ସମେତ ୬ ବର୍ଷର ଝିଅ ଉପସ୍ଥିତ ଥିଲେ। ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ଅନନ୍ତ ସାହୁ, ଶେଷଦେବ ପଧାନ, ସଶାଙ୍କ ଦିୱାନ, ଜିରମେଶ ପ୍ରମୁଖ ଶବସତ୍କାର କରିଥିଲେ।

### ■ ନାବାଳିକା ଦୁଷ୍କର୍ମ ମାମଲା

# ୭୦ ବର୍ଷର ବୃଦ୍ଧଙ୍କୁ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା,୨।୬(ସମିସ):** ୯ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଜଜ ୭୦ ବର୍ଷର ବୃଦ୍ଧଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆସାମୀ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ଜଜ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲଦଣ୍ଡ ପାଇଥିବା ବ୍ୟକ୍ତି ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ବଟକୃଷ୍ଣ ସାହୁ (୭୦)।

ସୂଚନା ମୁତାବକ ୨୦୨୪ ନଭେମ୍ବର ୨୮ ତାରିଖରେ ନାବାଳିକାଙ୍କ ଘରେ କେହି ନ ଥିବା ବେଳେ ତାଙ୍କ ଘରକୁ ଯାଇଥିଲେ ବଟକୃଷ୍ଣ। ଘରେ କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ନାବାଳିକା କାଳେ ପାଟି କରିବ, ତେଣୁ ତାଙ୍କ ପାଟିରେ ଗାମୁଛା ବାନ୍ଧି ଦେଇଥିଲେ। ଏହାର କିଛି ସମୟ ପରେ ଜଣେ ପଡ଼ୋଶୀ କବାଟ ବାଡ଼ାଇବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ନାବାଳିକାଙ୍କ ମାଆ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ବଟକୃଷ୍ଣଙ୍କୁ ଗିରଫ କରିଥିଲା। ତଦନ୍ତକାରୀ ଅଧିକାରୀ ଜାନୁଆରୀ ୨୨ତାରିଖରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଏହି ମାମଲାରେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ମନୋଜ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ଆଦର୍ଶ ହେବ ୫୦୦ ପ୍ରାଥମିକ ବିଦ୍ୟାଳୟ

**ଭୁବନେଶ୍ୱର,୨।୬(ସମିସ):** ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୫ଶହ ପ୍ରାଥମିକ ବିଦ୍ୟାଳୟକୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ରେ ଉନ୍ନତୀକରଣ କରାଯିବ। ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଅର୍ଥାତ୍ ଆସନ୍ତା ୧୨ତାରିଖରେ ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମେ ପ୍ରତି ବ୍ଲକ୍‌ରେ ଅର୍ଥାତ୍ ୩୧୪ ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଏହି ଯୋଜନାରେ ଉନ୍ନତିକରଣ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ମଧ୍ୟ ଚୟନ କରାଯାଇଥିଲା। ହେଲେ ଏହାକୁ ୫ଶହକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛି ଗଣଶିକ୍ଷା ବିଭାଗ। ଅବଶିଷ୍ଟ ୧୮୬ଟି ବିଦ୍ୟାଳୟକୁ ଚିହ୍ନଟ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ୍ ଚିଠି ଲେଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ମୟୁରଭଞ୍ଜ ଜିଲ୍ଲାର ସର୍ବାଧିକ ୪୦ଟି ବିଦ୍ୟାଳୟ ଉନ୍ନତିକରଣ ତାଲିକାରେ ସ୍ଥାନ ପାଇଥିବାବେଳେ ଜଗତସିଂହପୁର ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୩୪ଟି ବିଦ୍ୟାଳୟକୁ ଚିହ୍ନଟ କରାଯାଇଛି। ସେହିପରି ବୌଦ୍ଧ ଓ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୫ଟି ଲେଖାଏଁ ବିଦ୍ୟାଳୟ ତାଲିକାରେ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ଏହି ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନତିକରଣ କରାଯିବ। ରାଜ୍ୟରେ ସମୁଦାୟ ୬,୭୯୪ଟି ବିଦ୍ୟାଳୟକୁ ଏହି ଯୋଜନାରେ ଉନ୍ନତିକରଣ କରାଯିବ। ନୂଆ ଶ୍ରେଣୀଗୃହ, ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡିଆ, ଡାଇନିଙ୍ଗ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡ଼ା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୪ ଘଣ୍ଟାରେ...

ଏବଂ ତାମିଲନାଡୁର ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ନୂଆ ସଂକ୍ରମିତଙ୍କୁ ମିଶାଇ ମୋଟ ରୋଗୀସଂଖ୍ୟା ୩୯୭୬ରେ ପହଞ୍ଚିଛି। ଗତ ୧୦ ଦିନରେ କରୋନା ମାମଲା ୧୫ ଗୁଣ ବୃଦ୍ଧି ପାଇଛି। ପୁଣିଥରେ କେରଳ କରୋନାର ହଟ୍‌ସ୍ପଟ୍ ପାଲଟିଛି।। ରାଜ୍ୟରେ ସର୍ବାଧିକ ୧୪୩୫ ରୋଗୀ ଚିକିତ୍ସାଧୀନ ଅଛନ୍ତି। ୫୦୬ ରୋଗୀଙ୍କ ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ଦିଲ୍ଲୀରେ ୪୮୩, ଗୁଜରାଟରେ ୩୩୮, ପଶ୍ଚିମବଙ୍ଗରେ ୩୩୧ ଏବଂ କର୍ଣ୍ଣାଟକରେ ୨୫୩ ରୋଗୀ ଚିକିତ୍ସାଧୀନ ଅଛନ୍ତି।

କ୍ରମାଗତ ଭାବେ ମାମଲା ବୃଦ୍ଧିକୁ ଦେଖି କର୍ଣ୍ଣାଟକ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ମାସ୍କ ଲଗାଇବାକୁ, ସାମାଜିକ ଦୂରତ୍ୱ ବଜାୟ ଏବଂ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେବାକୁ କୁହାଯାଇଛି। ଥଣ୍ଡା, ଜ୍ୱର, କାଶ ହେଲେ ତୁରନ୍ତ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହାମଧ୍ୟରେ ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ଶୁଣାଣି କରି କହିଛନ୍ତି ଯେ କରୋନା ମାହମାରୀ ଏବେ ଶେଷ ହୋଇନାହିଁ। କୋର୍ଟ କେନ୍ଦ୍ର ସରକାରଙ୍କୁ ନମୁନା ସଂଗ୍ରହ, କରୋନା କେନ୍ଦ୍ର ଏବଂ ପରିବହନ ନୀତିର ପ୍ରସ୍ତୁତି ବିଷୟରେ ବିସ୍ତୃତ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦେଶରେ ରଜିତ...

ଅନୁରୂପ ଭାବେ ହଂସ ଦାରୁକା ସର୍ବଭାରତୀୟ ସ୍ତରରେ ୩୯ତମ ସ୍ଥାନରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ପ୍ରଥମ ପ୍ରୟାସରେ ହିଁ ୩୬୦ ରୁ ୩୦୦ ମାର୍କ ରଖି ସଫଳତା ପାଇଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ନବମ ଶ୍ରେଣୀରୁ ଏହି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ନିୟମିତ ଭାବେ ପଢ଼ିବା ସହ ସାମାଜିକ ଗଣମାଧ୍ୟମରୁ ଦୂରେଇ ରହୁଥିଲେ। ତାଙ୍କ ଭାଇ ମଧ୍ୟ ଆଇଆଇଟିରେ ପଢୁଥିବାରୁ ତାଙ୍କୁ ପ୍ରସ୍ତୁତି କରିବାରେ ପ୍ରୋତ୍ସାହିତ କରିଥିଲା। ଆଗକୁ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଓଡ଼ିଶାର ଅନ୍ୟତମ ଛାତ୍ର ନବନିତ ପ୍ରିୟଦର୍ଶୀ ସର୍ବଭାରତୀୟ ସ୍ତରରେ ୯୭ତମ ସ୍ଥାନରେ ରହି ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

ସୂଚନାଯୋଗ୍ୟ ।।ଯେ ଚଳିତ ବର୍ଷ ଜେଇଇ ଆଡଭାନ୍ସଡ୍ ପାଇଁ ସମୁଦାୟ ୧,୮୭,୨୨୩ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧,୮୦,୪୪୨ ଜଣ ପେପର-୧ ଓ ପେପର-୨ ପରୀକ୍ଷା ଦେଇଥିଲେ। ସମୁଦାୟ ୫୪,୩୭୮ ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାସହ କାଉନସେଲିଂ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତନ୍ମଧ୍ୟରେ ୪୪,୯୭୪ ଜଣ ଛାତ୍ର ଥିବାବେଳେ ମାତ୍ର ୯,୪୦୪ ଜଣ ଛାତ୍ରୀ ରହିଛନ୍ତି। ମୋଟ୍ ୨୩ଟି ଆଇଆଇଟିରେ ପ୍ରାୟ ୧୮,୦୦୦ ସ୍ନାତକ ଇଞ୍ଜିନିୟରିଂ (ବିଟେକ୍ ପାଠ୍ୟକ୍ରମ) ସିଟ୍‌ରେ ପଢ଼ିବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ଅର୍ଥାତ ପ୍ରତି ୩ଜଣଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ ନାମ ଲେଖାଇପାରିବେ। ଚଳିତବର୍ଷ କଟଅଫ୍ ମାର୍କ ସାଧାରଣ ବର୍ଗ ପାଇଁ ୭୬ ଯାଇଥିବା ବେଳେ ସାମାଜିକ ପଛୁଆ ବର୍ଗ (ଓବିସି) ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୬୬ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ ପାଇଁ ୩୭ ମାର୍କ କଟଅଫ୍ ଯାଇଛି।

### ଶାସକ-ବିରୋଧୀ ...

ମନ୍ତ୍ରୀଙ୍କ ପାଖରେ ଏବେ ପାଞ୍ଚରୁ ଅଧିକ ସରକାରୀ ଗାଡ଼ି ଥିବା ଦେଖାଯାଉଛି। ପ୍ରତି ବିଭାଗ ପାଇଁ ବ୍ୟକ୍ତିଗତ ସଚିବ ଓ ଅନ୍ୟ ସରକାରୀ କର୍ମଚାରୀ ଯୋଗାଇ ଦିଆଯାଇଥିବାରୁ ଜଣେ ଜଣେ ମନ୍ତ୍ରୀଙ୍କ ସେବାରେ ଡ଼ଜନ ଡ଼ଜନ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ମାତ୍ର ସମ୍ପୃକ୍ତ ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକର ପ୍ରଦର୍ଶନ ଆଶାନୁରୂପ ହୋଇ ପାରିନାହିଁ। ରାଜସ୍ୱ ସଂଗ୍ରହକାରୀ ବିଭାଗଗୁଡ଼ିକର ଆୟ ସନ୍ତୋଷଜନକ ନୁହେଁ। ସେହିପରି ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ। ଯାହା ସରକାରଙ୍କ ଶିରପୀଡ଼ା ବଢ଼ାଇ ଦେଇଛି।

ମନ୍ତ୍ରୀମାନଙ୍କ ରିପୋର୍ଟ କାଡର୍‌ରେ ଏହି ଅସଙ୍ଗତି ଓ ବିଫଳତାକୁ କଟାକ୍ଷ କରିଛି ବିଜେଡି। ମନ୍ତ୍ରୀମାନେ ନିଜର ରିପୋର୍ଟକୁ ସର୍ବସାଧାରଣ କରିବାକୁ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଅପାରଗ ସରକାର ଚାଲିଛି ବୋଲି ବର୍ଷକ ମଧ୍ୟରେ ଲୋକେ ଅନୁଭବ କରିଛନ୍ତି। ଓଡ଼ିଶାର ବିକାଶ ସଂପୂର୍ଣ୍ଣ ଠପ ହୋଇଥିବା ବେଳେ ମନ୍ତ୍ରୀମାନେ ନିଜ ବିଭାଗ ସମ୍ଭାଳିବାରେ ବିଫଳ ହୋଇଛନ୍ତି। ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିବା, ଚିକିଟି ମଦ ମୃତ୍ୟୁ ମାମଲା, ଭରତପୁର ଥାନା, ବଡ ଠାକୁର ପଡ଼ିଯିବା ଘଟଣାର ରିପୋର୍ଟ ଏଯାବତ୍ ପ୍ରକାଶ ପାଇଲାନି। ସେହିପରି କଟନୀ ଛଟନୀ, ଦରଦାମ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, କଲେଜ ନିର୍ବାଚନ କରିବାରେ ବିଫଳ, ଆଦି ପ୍ରସଙ୍ଗ ମନ୍ତ୍ରୀମାନଙ୍କ ଦକ୍ଷତା ପ୍ରମାଣିତ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛି। କୋଟିଆ ସୀମା ବିବାଦ, ପୋଲାଭରମ, ମହାନଦୀ ଆଦି ପ୍ରସଙ୍ଗରେ ରାଜ୍ୟ ସରକାର ଅସମ୍ଭବ ନିରବତା ଆଚରଣ କରୁଛନ୍ତି। ବର୍ଷେ ହେବ ଅଧିକାଂଶ ମନ୍ତ୍ରୀ ବିଭାଗୀୟ ବଜେଟ ଅର୍ଥକୁ ଖର୍ଚ୍ଚ ନକରିବା ସରକାରଙ୍କ ପାରିବା ପଣିଆକୁ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ତେବେ ବିଜେପି ନିଜ ସରକାରଙ୍କ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେବାକୁ ବାହାରି ପଡ଼ିଛି। ମନ୍ତ୍ରୀମାନେ ଦକ୍ଷତାର ସହ ନିଜର କାମ କରିଛନ୍ତି ଓ ଦଳ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଥିବା ନେଇ ବିଜେପି ବିଧାୟକ ସରୋଜ ପାଢ଼ୀ ଯୁକ୍ତି ବାଢିଛନ୍ତି। ଶାସକ ଦଳର ଏପରି ଯୁକ୍ତିକୁ କିନ୍ତୁ ଗ୍ରହଣ କରିନାହିଁ ବିଜେଡି। ବିଜେପି ସରକାର ବର୍ଷେ ହେବା କେବଳ ନାଁ ଓ ରଙ୍ଗ ପରିବର୍ତ୍ତନ କାମ କରିଛନ୍ତି। ତାହାକୁ ସେମାନେ ନିଜ ରିପୋର୍ଟ କାର୍ଡରେ ଉଲ୍ଲେଖ କରିବେ କି ବୋଲି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ରାଜନୈତିକ ସମୀକ୍ଷକଙ୍କ ଏନେଇ ମତ ପ୍ରକାଶ କରି କହିଛନ୍ତି ଯେ ପୂର୍ବ ସରକାର ସମୟରେ ବି ମନ୍ତ୍ରୀମାନେ ନିଜର ରିପୋର୍ଟ କାର୍ଡ ଦେଉଥିଲେ। ରିପୋର୍ଟ କାର୍ଡକୁ ଆଧାର କରି ମୁଖ୍ୟମନ୍ତ୍ରୀ ମନ୍ତ୍ରିମାନଙ୍କ ଦକ୍ଷତା ମାପିବାର ମାପକାଠି କରିପାରନ୍ତି ବୋଲି ସମୀକ୍ଷକ ଆକଳନ କରିଛନ୍ତି।

### ସରଣ୍ଡା ଜଙ୍ଗଲରୁ...

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଜରେଇକେଲା ଥାନା ସରଣ୍ଡା ଜଙ୍ଗଲ ଭିତରେ ମାଟି ତଳୁ ଅଢ଼େଇ ଟନ୍‌ରୁ ଉର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀକୁ ଜବତ କରିଛନ୍ତି ସୁରକ୍ଷାକର୍ମୀ। ରାଉରକେଲା ପୁଲିସ ଦ୍ୱାରା କରାଯାଇଥିବା ଡ୍ରୋନ୍ ସର୍ଭେରୁ ହିଁ ପୁଲିସକୁ ଏହି ସଫଳତା ମିଳିଥିବା କୁହାଯାଉଛି।

ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି ଯେ ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ଲୁଟ୍ ଘଟଣାର ତଦନ୍ତ ପାଇଁ ସରଣ୍ଡା ଜଙ୍ଗଲ ଅନ୍ତର୍ଗତ ତିରିଲପୋଷି, ଥଲକୋବାଦ, ଜରେଇକେଲା ଅଞ୍ଚଳରେ ରାଉରକେଲା ପୁଲିସ୍‌ର ଏସ୍‌ଓଜି, ଡିଭିଏଫ୍ ସହ ଝାଡ଼ଖଣ୍ଡ ପୁଲିସ ସିଆର୍‌ପିଏଫ୍, କୋବ୍ରା ବାହିନୀ, ଝାଡ଼ଖଣ୍ଡ ଜାଗୁଆର ଆଦି ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ ଜାରି ରହିଥିଲା। ଆଜି ଜରେଇକେଲା ନିକଟରେ ମାଟି ତଳେ ମାଓବୋଦୀମାନେ ପୋତିଥିବା ଲୁଟ୍ ବିସ୍ଫୋରକ ସାମଗ୍ରୀକୁ ଜବତ କରାଯାଇଥିଲା। ଯାହାକି ଅଢ଼େଇଟନ୍‌ରୁ ଅଧିକ ହେବ ବୋଲି କୁହାଯାଇଛି। ଏହାସହ ଅବଶିଷ୍ଟ ଲୁଟ୍ ବିସ୍ଫୋରକ ସାମଗ୍ରୀକୁ ଠାବ କରିବା ପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଓ କମ୍ବିଂ ଅପରେସନ୍ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଥାନା ଇତମା ସ୍ଥିତ ବିସ୍ଫୋରକ ଗୋଦାମରୁ କେ. ବଲାଙ୍ଗ ଥାନା ବାଙ୍କୋ ଷ୍ଟୋନ କ୍ୱାରୀକୁ ୫ ଟନ୍ ଓଜନର ୨୦୦ ପ୍ୟାକେଟ ବିସ୍ଫୋରକ ଯାଉଥିଲା ବେଳେ ୩୦ରୁ ୪୦ ସଶସ୍ତ୍ର ମାଓବାଦୀ ବାଙ୍କୋ ନିକଟରୁ ଟ୍ରକ୍ ଚାଳକକୁ ବନ୍ଧୁକ ମୁନରେ ଭୟଭୀତ କରି ଏହି ବିସ୍ଫୋରକ ସାମଗ୍ରୀ ଲୁଟି ନେଇଥିଲେ।

### କିଶୋରୀଙ୍କ 'ଖୁସି'ରେ...

ହଜାର ୫୬ଟି ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୧୮ କୋଟି ୨୪ ଲକ୍ଷ ୫୧ ହଜାର ୫୧୨ ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା। ମାତ୍ର ବର୍ଷେ ହେଲା ଏହି କାର୍ଯ୍ୟକ୍ରମ ଏକପ୍ରକାର ବନ୍ଦ ହୋଇ ଯାଇଛି ଓ କିଶୋରୀଙ୍କ 'ଖୁସି'ରେ ସରକାର ତାଲା ପକାଇ ଦେଇଛନ୍ତି।

ଏକ ପକ୍ଷରେ ସରକାର ମହିଳାମାନଙ୍କୁ ପ୍ରତି କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା କଥା କହୁଛନ୍ତି, ମାତ୍ର ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ମହିଳା ଓ କିଶୋରୀମାନଙ୍କର ଏକ ଅତ୍ୟାବଶ୍ୟକୀୟ ପ୍ରସଙ୍ଗକୁ ଉପେକ୍ଷା କରି ଚାଲିଛନ୍ତି। ଯାହାକୁ ନେଇ ଉଭୟ ସ୍କୁଲ ଛାତ୍ରୀ ଓ କିଶୋରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତି ବିଦ୍ୟାଳୟ ଏବଂ ସମସ୍ତ କାର୍ଯ୍ୟାଳୟରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଲଗାଯିବ ବୋଲି ଘୋଷଣା କରିଛନ୍ତି। ମାତ୍ର ଯେଉଁ ଯୋଜନାରେ ସ୍କୁଲ ଛାତ୍ରୀ ଓ କିଶୋରୀମାନଙ୍କୁ ମାଗଣାରେ ସାନିଟାରୀ ନାପକିନ୍ ବଣ୍ଟନ ହେଉଥିଲା, ତାହାକୁ କାହିଁକି ବନ୍ଦ କରି ଦିଆଗଲା ତାହାର ଉତ୍ତର କାହାରି ନିକଟରେ ନାହିଁ।

**AFFIDAVIT**

I, Raja Bhusan Nayak, S/o- Late Nalini Kanta Nayak, resident of Raikala, Via- G. Udayagiri, Raikala, Dist- Kandhamal, Odisha, Pin-762100 declare by this affidavit No.13AA 349675 dtd.- 02/06/2025 that now onwards I shall be known as **RAJAT BHUSHAN NAYAK** as for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nayagarh on date- 29/05/2025. I, **Sumanta Mahanta,** resident of At- Champatipur Patanasahi, Po- Champatipur, Ps- Itamati, Dist- Nayagarh, Odisha. I declared by my minor son Name has been changed from **Deepankar Mahanta** (old name) to **Aditya Mohanta** (new name), Henceforth, he shall be known as **ADITYA MOHANTA** for all future purposes.

**Sumanta Mahanta**

**AFFIDAVIT**

I, Manoranjan Biswal, S/o- Kishor Chandra Biswal, resident of At- Akhuadakhini, P.O- Odanga, P.S- Patkura, Dist.- Kendrapara- 754228, Odisha declare by this affidavit dtd.02.06.2025 that, my actual name is **MANORANJAN BISWAL** but in my HSC Certificate & Mark Sheet my name has been mentioned as **MANARANJAN BISWAL**. Hence **MANORANJAN BISWAL** and **MANARANJAN BISWAL** is one and same person belongs to my name.

**AFFIDAVIT**

By virtue of an affidavit sworn before the Notary Public, Cuttack, dated 29.05.2025 I, Sakuntala Behera, D/o. Dinabandhu Sankhua, W/o - Panchanan Behera resident of At- Patuli, P.O.- Baligan, P.S.- Chandbali, Dist- Bhadrak, Odisha, Pin- 756133 have changed my name from **Fakana Sankhua** to **Sakuntala Behera**. Henceforth, I shall be known as **Sakuntala Behera** for all purposes.

**Sd/- Sakuntala Behera**

**AFFIDAVIT**

By virtue of an affidavit before Executive Magistrate, Bhubaneswar, CF NO-126/Date-30/05/2025 ,that I, Mausumi Mahapatra, D/o-Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN-751003 state that, my former name was Mousumi Mahapatra which has been corrected to Mausumi Mahapatra. So Mousumi Mahapatra and Mausumi Mahapatra is one and same person. Henceforth I will be known as **Mausumi Mahapatra** for all future purposes.

**AFFIDAVIT**

I Debajani Das Mohapatra, W/O: Devi Prasad Das Mohapatra, Resident of Abanti Nibas, Rajbati Nagar, Athagarh, Radhagobindapur, Cuttack, Dhaipur, Odisha, 754029, declare by this affidavit No: C.F-62 Dt. 05/07/2024 that now onward I shall be known as **Debajani Mohanty** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Niali on dtd. 30/04/2025. I, **Adyasha Priyadarshini Behera,** D/o- Swadhin Behera, Village- Nariso (Hatuasahi), Po- Nariso PS- Balipatna, Dist- Khorda, Odisha have changed my name from **Adyas Priyadarshini Behera To Adyasha Priyadarshini Behera**. Henceforth, I shall be known as **ADYASHA PRIYADARSHINI BEHERA** for all purposes.

**Adyasha Priyadarshini Behera**

**AFFIDAVIT**

I, **Hemanta Kumar Barik,** S/o- Balaram Barik, residing At/Po- Andhari, Ps- korai, Dist- Jajpur, Pin- 755019, Odisha declare by this affidavit No- S209543, dated- 23/05/2025, that my minor daughter's name has been changed from **Rashi Barik** (old name) to **Gayatri Barik** (new name). Henceforth she shall be known as **Gayatri Barik** for all future purposes.

**Hemanta Kumar Barik**

**Notice (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 21-05-2025 I, Panamani Hansdah, Address At- Gayalamara, P.O.- Gayalamara, P.S.- Khunta, Dist- Mayurbhanj, Odisha, Pin Code – 757104, declare that I have changed the name of my son from **Rituraj Hansdah to Sanat Bir Hansdah.** Henceforth he shall be known as **Sanat Bir Hansdah** for all purposes.

**Panamani Hansdah**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

**Contact**
**GADHWAL GROUP**
**Mob.: 9437015112**

**AFFIDAVIT**

I smt Snehalata Biswal w/o- RABI rout of Vill- PANPUR, Po- Balimed, Ps- Naikanidihi, Dist- Bhadrak. My actual name is **SNEHALATA BISWAL** as per my Aadhar Card. But in my L.I.C. Policy No.587361624 my name wrongly mentioned as "**RANJITA ROUT**" instead of "**SNEHALATA BISWAL**", W/O- RABI ROUT is same & one person.

**AFFIDAVIT**

I, Binaya Bhusan Panda, S/o- Bhagirathi Panda, resident of At- Talakia, Po/Ps- Oupada, Dist- Balasore, Pin- 756049, Odisha declared by this affidavit Sl No. 1116, dtd- 02/06/2025 that now onwards I shall be known as **BINAY BHUSAN PANDA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated-02/06/2025, I.Chandana Puhan, At/Po- Mathatentulia, Ps- Gondia, Dist–Dhenkanal, Pin-759016 declare that I have changed the name of my son from **Subranshu Sekhar to Suryanshu Puhan**. Henceforth, he shall be known as **SURYANSHU PUHAN** for all purposes.

**Chandana Puhan**

OFFICE OF THE PRINCIPAL-CUM-SECRETARY PH: 06782-233954 9777233584
**NILAGIRI WOMEN'S DEGREE COLLEGE, NILAGIRI**
AT /PO - RAJ-NILGIRI, DIST - BALASORE, ODISHA, PIN -756040
e-mail: nilagiriwomensdegreecollege@gmail.com www.nilagiriwomensdegreecollege.nic.in

Letter No. 2056/25 **TENDER CALL NOTICE** Date: 02.06.2025

Sealed quotations are hereby invited in the prescribed format from the intending registered authorized dealers having valid GST clearance certificate, IT clearance certificate and PAN Card for supply of Dell Desktop Computer, MFM Printer, UPS(S), Sony LED TV,65 Inch Wireless Mic & Camera with MIC for Virtual meeting and Internet facility to Nilagiri Womens Degree College, Nilagiri, Balasore. The details of Tender and tender documents can be obtained from the College Office or College Website: www.nilagiriwomensdegreecollege.in from 10AM dated 02/06/25 .The Tenderer shall submit their tender by registered post on or before dated -17/06/25.The tender will be opened at 2.00 PM on 20/06/25 in the office under signed in the presence of bidders or their authorized representatives.
The authority reserves the rights to accept or reject any or all tenders without assigning any reason thereof. All disputes are subject to the Jurisdiction of Balasore only.

Sd/-Principal,
Nilagiri Womens Degree College, Nilagiri, Balasore.

ସକାଳ THE SAKALA



# ଚଳନ୍ତା ଟ୍ରେନ୍‌ରୁ ଖସି ପୁଣି ଜଣେ ମୃତ

ସୁନ୍ଦରଗଡ଼୨।୬(ସମିସ)

ହେମଗିରି କନିକା ରେଳ ଷ୍ଟେସନ ନିକଟରେ ସୋମବାର ଅପରାହ୍ଣରେ ଚଳନ୍ତା ଟ୍ରେନ୍‌ରୁ ଖସି ପୁଣି ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଛତିଶଗଡ଼ ରାଜ୍ୟ ଶକ୍ତି ଜିଲ୍ଲା ଆଡ଼ବାହାର ଥାନା ଧୀମାନି ୧ ନମ୍ବର ୱାର୍ଡର ବାସିନ୍ଦା ପ୍ରୀତ ବରେଥ୍‌ଙ୍କ ପୁଅ ଲାଲ ବରେଥ (୨୪) ବୋଲି ତାଙ୍କ ବାପା ଚିହ୍ନଟ କରିଛନ୍ତି। ସମ୍ପୃକ୍ତ ଯୁବକ କଳିଙ୍ଗ ଉତ୍କଳ ଏକ୍ସପ୍ରେସ (ଟ୍ରେନ ନଂ. ୧୮୪୪୭) ଯୋଗେ ଯାଉଥିବା ବେଳେ ଅପରାହ୍ଣ ପ୍ରାୟ ୧ଟା ସମୟରେ ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ିଥିଲେ। ଏଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।



● ୩ ଦିନରେ ମଲେଣି ୨ ଯୁବକ
● ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଦାବି

ଖବର ପାଇ ରାଜଗାଙ୍ଗପୁର ରେଳବାଇ ପୁଲିସ ମୃତଦେହ ଜବତ କରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମର୍ଗ ହାଉସରେ ସଂରକ୍ଷିତ ରଖିଛି। ମଙ୍ଗଳବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ ମଧ୍ୟ ସମାନ ସ୍ଥାନରେ ଅନୁରୂପ ଭାବେ ଚଳନ୍ତା ଟ୍ରେନରୁ ଖସି ଝାଡ଼ଖଣ୍ଡ ରାଜ୍ୟ ଗିରଧି ଜିଲ୍ଲା ବିରନି ଥାନା ଅନ୍ତର୍ଗତ ବିଲିୟା ଗ୍ରାମର ସ୍ୱର୍ଗତ ହଲିମ ଅନସାରୀଙ୍କ ପୁଅ ଗେସୁଦିନ ଅନସାରୀ (୨୧)ଙ୍କ ମୃତ୍ୟୁ ଘଟିଥିଲା। ଗେସୁଦିନ ପାଟଣା ଏକ୍ସପ୍ରେସ (ଟ୍ରେନ ନଂ.୦୭୨୫୬)ରେ ଯାଉଥିବା ବେଳେ ଉକ୍ତ ଅଘଟଣ ଘଟିଥିଲା। ଗୋଟିଏ ସ୍ଥାନରେ ତିନିଦିନ ମଧ୍ୟରେ ୨ ଜଣ ଯାତ୍ରୀ ଚଳନ୍ତା ଟ୍ରେନ୍‌ରୁ ଖସି ପ୍ରାଣ ହରାଇବା ଚିନ୍ତାର କାରଣ ହୋଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ଟ୍ରେନ୍‌ରେ ଅଧିକ ସଂଖ୍ୟକ ରେଳବାଇ ପୁଲିସ ତଥା ସୁରକ୍ଷା କର୍ମୀ ମୁତୟନ କରିବାକୁ ଦାବି ହେଉଛି।

## ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

**ସୁନ୍ଦରଗଡ଼, ୨।୬(ସମିସ):** ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ନୂଆମୁଣ୍ଡା ଛକ ନିକଟରେ ଟ୍ରକ (ଓଡି୧୪ଏବି - ୫୦୮୬) ଧକ୍କାରେ ସ୍କୁଟି (ଓଡି୧୬ଡି - ୫୦୯୫)ର ଚାଳକଙ୍କ ମୃତ୍ୟୁ ଘଟିଛି। ବରହାଖାଇ ଗ୍ରାମର ପ୍ରକାଶ ମାକର (୩୬) ତାଙ୍କ ସ୍କୁଟରେ ଘରକୁ ଫେରୁଥିବା ବେଳେ ଘଟଣାସ୍ଥଳରେ ଟ୍ରକଟି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଡାକ୍ତରଖାନାକୁ ପଠାଇ ଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ

**ସୁନ୍ଦରଗଡ଼, ୨।୬(ସମିସ):** ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତ କୁତ୍ରା ଥାନା ଅଟୋମୁଣ୍ଡା ଗ୍ରାମର ଅର୍ଜୁନ ଲାକ୍ରା (୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡସ୍ୱରୂପ ତାଙ୍କୁ ୧୦ ବର୍ଷ ଜେଲ ଓ ୨୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆହୁରି ଦେଢ଼ବର୍ଷ ଅଧିକ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି। ୨୦୧୫ ମସିହାରେ ହେମଗିରି ଥାନା ତିଲିଆ ବନଡିପା ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳିକା ତାଙ୍କ ବଡ଼ ବାପା ଘର କନିକାକୁ କାମ କରିବା ପାଇଁ ଯାଇଥିଲେ। ସେତେବେଳେ ଅଭିଯୁକ୍ତ ଅର୍ଜୁନ ତାଙ୍କୁ ଦେବଗଡ଼କୁ ବଳ ପୂର୍ବକ ନେଇ ଯାଇଥିଲା। ସେଠାରେ ବାରମ୍ବାର ଦୁଷ୍କର୍ମ କରିବା ପରେ ସେପ୍ଟେମ୍ବର ୧୫ ତାରିଖରେ ଦେବଗଡ଼ରୁ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବନ୍ଧପାଲି ଗ୍ରାମକୁ ଆଣି ଭଡ଼ା ଘରେ ରଖିଥିଲା। ସେଠାରେ କିଛି ଦିନ ରଖିବା ପରେ ମାରପିଟ କରି ଘରୁ ତଡ଼ି ଦେବା ସହ ନିଜ ଗାଁକୁ ଚାଲି ଯାଇଥିଲା। ଏହାପରେ ନାବାଳିକା ଜଣକ ତାଙ୍କ ନିଜ ଘରକୁ ଆସି ନ୍ୟାୟ ପାଇଁ ହେମଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ।

**ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ**

ଏ ନେଇ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ତଦନ୍ତ ଅଧିକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିବା ପରେ ମାମଲାର ଶୁଣାଣି ଚାଲିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ବିଚାରପତି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ବିଚାରପତିଙ୍କ ନିର୍ଦ୍ଦେଶ ରହିଛି।

## ଗାଡ଼ି ଧକ୍କାରେ ୨ ମୃତ

**ବାଲିଶଙ୍କରା, ୨।୬(ସମିସ):** ତଲସରା ଥାନା ତେଇଶ ମାଇଲ ଛକରେ ରବିବାର ରାତି ସାଢ଼େ ୧୦ଟା ସମୟରେ ଅଜଣା ଗାଡ଼ି ଧକ୍କାରେ ୨ ଜଣଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ମାଲିଡିହି ଗ୍ରାମର ଅବିନାଶ ପ୍ରଧାନ ଓ ବିରଞ୍ଚି ପ୍ରଧାନ। ନମ୍ବର ବିହୀନ ଏକ ନୂଆ ବାଇକ୍ ଧରି ବାଲିଶଙ୍କରା ପଟୁ ଉଭୟ ଆସୁଥିଲେ। ସାମ୍ନା ପଟୁ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସେମାନେ ରାସ୍ତାରେ ଛିଟିକି ପଡ଼ିଥିଲେ। ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ ପୁଲିସ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ତହସିଲଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିଶଙ୍କରା, ୨।୬(ସମିସ):** ବାଲିଶଙ୍କରା ତହସିଲ କାର୍ଯ୍ୟାଳୟରେ ତହସିଲଦାର ଗୌରହରି ମହନ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ କାର୍ଯ୍ୟଶୈଳୀକୁ ଅଧିକାରୀ ଓ କର୍ମଚାରୀମାନେ ପ୍ରଶଂସା କରିବା ସହ ତାଙ୍କ ଚାକିରି ସମୟର ଅଭୁଲା ସ୍ମୃତିକୁ ମନେପକାଇଥିଲେ। କର୍ମଚାରୀମାନେ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ବାଲିଶଙ୍କରା ତହସିଲ କାର୍ଯ୍ୟାଳୟର ରାଜସ୍ୱ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଆସ୍ଥା ଗୃହର ଦଶମ ବର୍ଷ ପୂର୍ତ୍ତି ଉତ୍ସବ

**ସୁନ୍ଦରଗଡ଼, ୨।୬(ସମିସ):** ମହିଳା ମାନସିକ ରୋଗୀଙ୍କ ପାଇଁ ବରଦାନ ସାଜିଥିବା ସୁନ୍ଦରଗଡ଼ ଆସ୍ଥା ଗୃହର ଦଶମ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଏହି ସମାରୋହରେ ଆସ୍ଥା ଗୃହର ସଚିବ ଯୋଗଦେଇ ଆସ୍ଥା ଗୃହର ଏପରି ନିଆରା ସେବା ମନୋବୃତ୍ତିର ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୁରୁ ପ୍ରସାଦ ମହାନ୍ତ, ଶିଶୁ




ସ୍ନେହଲତା ପଟେଲ ଅଧ୍ୟକ୍ଷତା କରି ଆସ୍ଥା ଗୃହକୁ ଅଦ୍ୟାବଧି ୨୬୩ ଜଣ ମହିଳା ମାନସିକ ରୋଗୀ ଆସିଥିବାବେଳେ ୨୩୨ ଜଣ ସୁସ୍ଥ ମାସିକତା ନେଇ ଫେରିଛନ୍ତି ବୋଲି କହିଥିଲେ। ସେହିପରି ୧୮ ଜଣ ନବଜାତ ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରା ଯାଇଥିବା ସୂଚନା ଦେଇଥିଲେ। ସମାଜସେବୀ ରଞ୍ଜନ ପଟେଲ ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମିତି ଅଧ୍ୟକ୍ଷ ନନ୍ଦଲାଲ ନାଏକ, ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକ, ସମର୍ପିତ ସେବା ସଂସ୍ଥାନର ଅଧ୍ୟକ୍ଷ ସିଦ୍ଧାନ୍ତ କୁମାର ପଣ୍ଡା, ଯଶୋବନ୍ତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅଜିତ ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ। ଆସ୍ଥା ଗୃହର ସଦସ୍ୟା ଭାରତୀ ଠାକୁର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ନିଭାଇ ଥିଲେ।

# ଖେଳ ସାମଗ୍ରୀ ବାଣ୍ଟିଲେ ଉପବାଚସ୍ପତି



**ବାଲିଶଙ୍କରା, ୨।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକର ଖେଳାଳିଙ୍କୁ ହକି ଓ ଫୁଟବଲ ଖେଳ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବ୍‌ଡେଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଖେଳ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ତଥା ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ କ୍ରୀଡ଼ା କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲା ହକି ଖେଳରେ ବିଶ୍ୱର ଦରବାରରେ ସୁନାମ ଅର୍ଜନ କରିଛି। ବିଶେଷକରି ବାଲିଶଙ୍କରା ବ୍ଲକ ସଉନାମରା, ତିଲେଇକାନୀ, ଲୁଲକିଡିହି ପଞ୍ଚାୟତମାନଙ୍କର ହକି ଖେଳାଳି ବାହାରି ହକି ଖେଳରେ ରାଜ୍ୟ ତଥା ଦେଶବିଦେଶରେ ସୁନାମ ଅର୍ଜନ କରିସାରିଛି। ଆଗାମୀ ଦିନମାନଙ୍କରେ ହକି ପରି ଫୁଟବଲରେ ମଧ୍ୟ ନୂତନ ଖେଳାଳି ଉଭା ହେବେ ବୋଲି ପ୍ରକାଶ କରିଥିଲେ। ସରକାର କ୍ରୀଡ଼ା କ୍ଷେତ୍ରରେ ଗୁରୁତ୍ୱ ଦେଉଥିବା ମଧ୍ୟ ପ୍ରକାଶ କରିଥିଲେ। ସବ୍‌ଡେଗା ବ୍ଲକ ବିଧାୟକ ପ୍ରତିନିଧି ଗୁଲସନ କୁମାର ବାରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଖେଳ ସାମଗ୍ରୀ ବଣ୍ଟନରେ ତଲସରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ଅମୀର ନାଏକ, ସାଂସଦ ପ୍ରତିନିଧି ଉଚ୍ଛବ ତନ୍ତୀ, ବାଲିଶଙ୍କରା ବ୍ଲକ ବିଧାୟକ ପ୍ରତିନିଧି ରବିଚନ୍ଦ୍ର ପଟେଲ, ବସନ୍ତ ସାହୁ, ଅମିତ ମହାକୁଳ, ବନମାଳୀ ବାରସତିଆ, ଉପେନ୍ଦ୍ର କୁଜୁର, ସତ୍ୟବାନ ସା, ଜସନ୍ତି ଏକ୍କା ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଦ୍ୱୟ ବ୍ଲକର ମିଶି ଏହି ଫୁଟବଲ ଓ ହକି ଖେଳ ସାମଗ୍ରୀ ବଣ୍ଟନରେ ହକି ଖେଳ ସାମଗ୍ରୀ ୪୯ ଜଣଙ୍କୁ ବଣ୍ଟନ କରାଯାଇଥିବାବେଳେ ଫୁଟବଲ ଖେଳ ସାମଗ୍ରୀ ୬ ଜଣଙ୍କୁ ବଣ୍ଟନ କରାଯାଇଥିଲା। ଶେଷରେ ସବଡେଗା ବ୍ଲକ ବିଧାୟକ ପ୍ରତିନିଧି ଗୁଲସନ ବାରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶାସନ ଶୁଣିଲାନି; ପୋଖରୀ ସଫାକଲେ ଗ୍ରାମବାସୀ



**ବାଲିଶଙ୍କରା, ୨।୬(ସମିସ):** ନାମକୁ ମାତ୍ର ଆଦର୍ଶ ପୋଖରୀ, ହେଲେ ସେଥିରେ ଦଳ ଭର୍ତ୍ତି। ଲୋକଙ୍କ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ପୋଖରୀକୁ ସଫା କରିବା ପାଇଁ ଗ୍ରାମବାସୀ ଅନେକ ଥର ପଞ୍ଚାୟତ, ବ୍ଲକକୁ ଯାଇ ଥକିଗଲେ। ହେଲେ କେହି ଶୁଣିଲେନି। ଫଳରେ ଗ୍ରାମବାସୀ ନିଜ ଉଦ୍ୟମରେ ପୋଖରୀ ସଫା କରିଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ତଲସରା ପଞ୍ଚାୟତର ତଲସରା ଗ୍ରାମରେ। ତଲସରା ଗ୍ରାମର ବଜାର ଦାଣ୍ଡଠାରେ ଥିବା ଆଦର୍ଶ ପୋଖରୀକୁ ସଫାକରି ପ୍ରଶଂସା ସାଉଁଟିଛନ୍ତି ଗ୍ରାମବାସୀ। ପୋଖରୀ ଅପରିଷ୍କାର ଥିବା ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଯାଇ ସରପଞ୍ଚ ଓ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଅଭିଯୋଗ ଜଣାଇବା ପରେ ମଧ୍ୟ କେହି ଶୁଣିଲେ ନାହିଁ। ପରେ ଗ୍ରାମବାସୀ ପୋଖରୀକୁ ସଫା କରିବାକୁ ଅଣ୍ଟା ଭିଡ଼ିଲେ। ପୋଖରୀରେ ଥିବା ପଙ୍କ ସବୁ ବାହାର କରିବା ସହ ଅନାବନା ଗଛ କାଟି ସଫା କରିଥିଲେ। ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ଏଠାରେ କୌଣସି ଯୋଜନା କାମ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ୫ଘଣ୍ଟା ବିଦ୍ୟୁତ୍ କାଟ୍; ୭ ଗ୍ରାମବାସୀ ହନ୍ତସନ୍ତ

**ଚାରିଛକ, ୨।୬ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା ପରେ ଏବେ ବର୍ଷା ଉଭାନ ହୋଇଛି। ଫଳରେ ଅସହ୍ୟ ଗରମ ଗୁଳୁଗୁଳି ଜାରିରହିଛି। ଏଭଳି ସମୟରେ ଟାଟା ପାୱାରର ଅଘୋଷିତ ବିଦ୍ୟୁତ୍ କାଟ ଜନସାଧାରଣଙ୍କ ପାଇଁ କଟା ଘା'ରେ ଚୂନ ଭଳି କଲବଲ ଅବସ୍ଥା ସୃଷ୍ଟି କରିଛି। ବିନା, ବର୍ଷା ପବନରେ ଅଯଥାରେ ବାରମ୍ବାର ବିଦ୍ୟୁତ୍ କାଟ ସାଙ୍ଗକୁ ଲୋଭଲଟେଜ ସମସ୍ୟା ବିଦ୍ୟୁତ ସେବାର ବିକଳ ଚିତ୍ରକୁ ପଦାରେ ପକାଇଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟାଟା ପାୱାର ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାରେ ଏକ ପ୍ରକାର ବିଫଳ ହୋଇଥିବା ବେଳେ ବିଲ୍ କଲେକ୍ସନରେ ସଫଳତା ସାଉଁଟିଥିବା ସାଧାରଣରେ ଆଲୋଚନା ହେଉଛି। ରବିବାର ବ୍ଲକର ପୁରୁଣା କଟକ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗରମ୍ ସାଙ୍ଗକୁ ଗୁଳୁଗୁଳିରେ ଜନ ଜୀବନ ଅତିଷ୍ଠ ହୋଇ ପଡ଼ିଥିଲା। ଦିନ ୧୧ଟା ବେଳକୁ ବଜାର ଶୁନଶାନ୍ ହୋଇପଡ଼ିଥିଲା। ଏଭଳି ସମୟରେ ବଲଣ୍ଡା, ଫୁଲଝରି, ସରଧାପୁର, ରାଜିଙ୍ଗ, ଇନ୍ଦ୍ରପୁର, ଉଦୟପୁର, ଚାଉଁରପୁର, ପୁରୁଣାକଟକ ବଜାରର କିଛି ଅଞ୍ଚଳରେ ଆଜି ଅପରାହ୍ନ ୧ଟା ୩୦ରୁ ସନ୍ଧ୍ୟା ୬ଟା ୩୦ପର୍ଯ୍ୟନ୍ତ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଦୀର୍ଘ ୫ ଘଣ୍ଟା ଧରି ଲୋକେ ଗରମ ଗୁଳୁଗୁଳିରେ ସନ୍ତୁଳି ହୋଇଥିଲେ। ଏନେଇ ଲୋକେ ପୁରୁଣାକଟକ ସେକ୍ସନ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ୍ ନ ଉଠାଇବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଏସ୍‌ଟିଏଫ୍ ହାତରେ ହାତୀ ଦାନ୍ତ ବେପାରୀ



**ବୌଦ୍ଧ, ୨।୬(ସମିସ):** ବୌଦ୍ଧରେ ଚାଲିଥିଲା ହାତୀ ଦାନ୍ତ ଡିଲ, ମାଡି ବସିଲା ଏସଟିଏଫ୍, ବେପାରୀକୁ ଗିରଫ ସହ ଦୁଇ ହାତୀ ଦାନ୍ତ ଜବତ କରିଛି। ସୂଚନା ଅନୁସାରେ ଏସଟିଏଫର ଡ଼ିଏସପି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବୌଦ୍ଧ ଥାନା ତେଲିବନ୍ଧ ଛକ ନିକଟରୁ ରବିବାର ସନ୍ଧ୍ୟାରେ ହାତୀ ଦାନ୍ତ ବିକ୍ରି ପାଇଁ ଡିଲ ବେଳେ ପୂର୍ବରୁ ଛକି ବସିଥିବା ଏସଟିଏଫ୍ ହାବୁଡ଼ରେ ବେପାରୀ ଫସିଥିବା ପଡ଼ିଥିବା ଜଣାପଡ଼ିଛି। ଉକ୍ତ ବେପାରୀ ଜଣଙ୍କ ଚରଦା ଗ୍ରାମର ପ୍ରମୋଦ ପରିଡ଼ା। ଦୁଇ ହାତୀ ଦାନ୍ତର ମୂଲ୍ୟ ପ୍ରାୟ ୫୦ ଲକ୍ଷରୁ ଅଧିକ ହେବା ଅନୁମାନ କରୁଥିବା କୁହାଯାଉଛି। ଘଟଣାର ଅଧିକ ତଦନ୍ତ ପାଇଁ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କୁ ଦାୟିତ୍ୱ ଦିଆଯିଥିବା ବେଳେ ଏପଟେ ଘଟଣାର ଅଧିକ ତଦନ୍ତ ପାଇଁ ବନ ବିଭାଗ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। କିନ୍ତୁ ଘଟଣା ଉପରେ ସମ୍ପୂର୍ଣ୍ଣ ତଥ୍ୟ ବୌଦ୍ଧ ବନଖଣ୍ଡ ପକ୍ଷରୁ ଦିଆଯାଇ ନାହିଁ।

# ଗାଙ୍ଗପୁର ଗଡ଼ ମହାରାଜାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ





**ସୁନ୍ଦରଗଡ଼, ୨।୬(ସମିସ):** ସୁନ୍ଦରଗଡ଼ ପୌରପାଳିକା ପକ୍ଷରୁ ସ୍ଥାନୀୟ ପାରିଜାତ ପାର୍କ ଛକରେ ସ୍ଥାପିତ ସୁନ୍ଦରଗଡ଼ ସହର ପ୍ରତିଷ୍ଠାତାର ମୁଖ୍ୟ ବିଦ୍ଧାଣୀ, ସମାଜ ସଂସ୍କାରକ ତଥା ଗାଙ୍ଗପୁର ଗଡ଼ର ମହାରାଜା ସ୍ୱର୍ଗତ ରଘୁନାଥ ଶେଖର ଦେଓଙ୍କ ପ୍ରତିମୂର୍ତ୍ତି ସୋମବାର ଉନ୍ମୋଚିତ ହୋଇଛି। ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏବଂ ବିଧାନ ସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ରାଜମାତା ପଦ୍ମିନୀ ଶେଖରଦେଓ, ବିଜ୍ଞାନୀ ଶେଖର ଦେଓଙ୍କ ସମେତ ଉପ ନଗରପାଳ ଲଲାଟେନ୍ଦୁ ପରିଡ଼ା, ବିଜେପି ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ପୌରପାଳିକା ପକ୍ଷରୁ ଉଲ୍ଲେଖନୀୟ ଅବଦାନ ପାଇଁ କ୍ରୀଡ଼ା କ୍ଷେତ୍ରରେ ଆନନ୍ଦ ଚନ୍ଦ୍ର ନାଏକ, ସମାଜ ସେବା କ୍ଷେତ୍ରରେ ସ୍ନେହଲତା ପଟେଲ, ଶିକ୍ଷା କ୍ଷେତ୍ରରେ ଲଳିତା ଖଣ୍ଡା, କଳା ସଂସ୍କୃତି କ୍ଷେତ୍ରରେ ଶୀତଳ ମହାପାତ୍ର, କୃଷି କ୍ଷେତ୍ରରେ ପରମାନନ୍ଦ ବାଗ ଓ ସାହିତ୍ୟ କ୍ଷେତ୍ରରେ ଗିରି ଦଣ୍ଡସେନାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା।

**ସ୍ଥାନୀୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା**

## ବିକଶିତ କୃଷି ସଂକଳ୍ପ ଅଭିଯାନ

# ପ୍ରାକ୍ ଖରିଫ ଚାଷ ନେଇ ସଚେତନତା

ସୁନ୍ଦରଗଡ଼, ୨।୬(ସମିସ)



କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଦ୍ୱାରା ଆରମ୍ଭ କରାଯାଇଥିବା ୧୫ ଦିନିଆ ବିକଶିତ କୃଷି ସଂକଳ୍ପ ଅଭିଯାନ ସୁନ୍ଦରଗଡ଼ ଜିଲ୍ଲାରେ ଗତ ମାସ ୨୯ ତାରିଖରୁ ଆରମ୍ଭ ହୋଇଛି। ଏହିକ୍ରମରେ ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସଦର ବ୍ଲକର ବାରଗାଡ଼ ଓ ବୁଦେଲକାନି, ଟାଙ୍ଗପାଲି ବ୍ଲକର ଫୁଲଧୁଡ଼ି ଏବଂ କଟ୍ରା ଗ୍ରାମରେ ପ୍ରାୟ ୧ହଜାର ଚାଷୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଆଇସିଏଆର୍ ସଙ୍ଗୀତ ଗାନ ପୂର୍ବକ ଶୁଭାରମ୍ଭ କରା ଯାଇଥିଲା। ସଦର ବ୍ଲକର ସାଲେପାଲି ଓ ଲହଣ୍ଡାବୁଡ଼ ଗ୍ରାମରେ, ଟାଙ୍ଗରପାଲି ବ୍ଲକର ତସଲାଡିହି ଏବଂ ରତନପୁର ଗ୍ରାମରେ ପ୍ରାୟ ୧ହଜାର ଚାଷୀଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରତନପୁର ଗ୍ରାମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନଙ୍କ ସମେତ ସ୍ଥାନୀୟ ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଟାଙ୍ଗରପାଲି ବ୍ଲକର ତସଲାଡିହି ଗ୍ରାମରେ ପୂର୍ବତନ ବିଧାୟିକା କୁସୁମ ଟେଟେ ଚାଷୀକୁଳଙ୍କୁ କୃଷିକ୍ଷେତ୍ରରେ ବିକଶିତ ହେବାପାଇଁ ପରାମର୍ଶ ଦେଇଥିଲେ। ସେହିପରି ବଡ଼ଗାଁ ବ୍ଲକର ଝାରମୁଣ୍ଡା, ବରଗାଁକଛର, ଟିମନା ଓ ରୁନଗାଁ ଗ୍ରାମ, ହେମଗିରି ବ୍ଲକର ଗର୍ଜନଜୋର ଏବଂ ଟପରିଆ ଗ୍ରାମରେ, ବାଲିଶଙ୍କରା ବ୍ଲକର ବନ୍ଧବାହାଲ ଏବଂ ବି.କରୁଆବାହାଲ ଗ୍ରାମରେ ମଧ୍ୟ ୧ହଜାର ଚାଷୀଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା। ଏହି ବିକଶିତ କୃଷି ସଂକଳ୍ପ ଅଭିଯାନରେ ପ୍ରାକ୍ ଖରିଫ୍ ମୌସୁମୀର ଆଗାମୀ ସୂଚନା, ଜଳବାୟୁ ଅନୁକୂଳ ବିହନ, ରାସାୟନିକ ସାରର ଉପଲବ୍ଧତା, ବିଭିନ୍ନ ସରକାରୀ ଯୋଜନା, ଉନ୍ନତ ଜ୍ଞାନ କୌଶଳ ବ୍ୟବହାର କରି ବିଭିନ୍ନ ଫସଲର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ବ୍ୟବହାର କରି ସଠିକ ପରିମାଣର ସାର ପ୍ରୟୋଗ କରିବା ଉପରେ ଗୁରୁତ୍ୱାରୋପ କରାଯାଇ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ବିଭିନ୍ନ ସରକାରୀ ଯୋଜନାର ପତ୍ରିକା, କିସାନ ସାରଥି ପତ୍ରିକା ଏବଂ ପ୍ରାକ୍ ଖରିଫ୍ ପରାମର୍ଶ ପତ୍ରିକା ପ୍ରଦାନ କରାଯାଇଥିଲା। ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

# ୧୧୮ ଅଭିଯୋଗରୁ ୪୨ ତୁରନ୍ତ ସମାଧାନ



**ଧର୍ମଗଡ଼/ଗୋଲାମୁଣ୍ଡା, ୨।୬ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ମାନଝରି ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୧୮ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୪୨ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ଗାଁ ଗାଁ ରେ ପହଞ୍ଚାଇବା ଆମର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ବିଶ୍ୱନାଥ ରାଉତ, ଏବିଇଓ ଲବଣି ନାଏକ, ପିଇଓ ପ୍ରଶାନ୍ତ ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବିହାରୀ, ଗ୍ରାମୀଣ ଗୃହ ଯୋଜନାରୁ ବିପିସି ମଧୁ ସାହୁ, ଯୋଗାଣ ନିରୀକ୍ଷକ ଦିବ୍ୟରାଜ ଭୋଇ, ମାନଝରି ସରପଞ୍ଚ ଜଗଜୀବନ ଅଘରିଆ, ସମ୍ବନୀୟ ଶିଶୁ ବିକାଶ ରୁ ମହିଳା ପରିଦର୍ଶିକା ପଦ୍ମାବତୀ ସାହୁ, ଜିଆରଏସ ଦୁର୍ଗା ବାବୁ ଏବଂ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଓ ମାନଝରି ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

# କପୁରମାଲରେ ଧାନ ମଣ୍ଡି ଉଦ୍‌ଘାଟିତ



**ଜୟପାଟଣା, ୨।୬(ସମିସ):** ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ କପୁରମାଲରେ ନୂତନ ମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖୀଗୁଡା ଆରଆଇ ଶରତ ଚନ୍ଦ୍ର ସଗଡ଼ିଆ, ମଙ୍ଗଳପୁର ପେକ୍ସ ଭାରପ୍ରାପ୍ତ ସମ୍ପାଦକ ସନ୍ତୋଷ କୁମାର ଅଗ୍ରୱାଲ, ଡିଇଓ ଲଳିତ ମୋହନ ରାଉତ, ଏନାଲାଇଜର ଅଭିମନ୍ୟୁ ବାଗ, କିଶୋର ଚନ୍ଦ୍ର ନାଏକ, କୃଷକ କମିଟିର ସଭାପତି ଘାସିରାମ ନାଗ, ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ସଂଯୋଜକ ରୁଦ୍ର ପ୍ରସାଦ ପ୍ରଧାନୀ, ମାଧବ ଚନ୍ଦ୍ର ବାଗ, ଭୃଷକେତୁ ରଣା, ଗଙ୍ଗାଧର ପୁଝାରି, ଦିନେଶ ଚନ୍ଦ୍ର ଡିଶାରୀ, ସୁମନ୍ତ ପୁଝାରୀ, ସଂଗ୍ରାମ ପଣ୍ଡା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।କପୁରମାଲ, ରଜାମୁଣ୍ଡା, ମୁଣ୍ଡରାଗୁଡା ଅଞ୍ଚଳର ଚାଷୀ ଧାନ ବିକ୍ରି ପାଇଁ ଚାରି କିଲୋମିଟର ଦୂର ମଙ୍ଗଇପୁର ମଣ୍ଡିକୁ ଯାଉଥିବାରୁ ବହୁ ସମସ୍ୟାର ସମ୍ମୁଖିନ ହେଉଥିଲେ। ଦେଢ଼ ବର୍ଷର ସଂଗ୍ରାମ ପରେ କପୁରମାଲରେ ମଣ୍ଡି ଖୋଲିବାରୁ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି। ପ୍ରଥମ ଦିନରେ ୪ଜଣ ଚାଷୀଙ୍କ ୧୩୫ କୁଇଣ୍ଟାଲ ଧାନ କିଣା ଯାଇଥିଲା।

ଗୋଲାମୁଣ୍ଡା ବ୍ଲକ୍‌ସ୍ତରୀୟ ଯୁଗ୍ମ ଜନଶୁଣାଣି

# ୧୬ ଅଭିଯୋଗର ତୁରନ୍ତ ସମାଧାନ

**ଭବାନୀପାଟଣା/ଗୋଲାମୁଣ୍ଡା, ୨।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ୮୯ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୫୨ଟି ଓ ସାମୂହିକ ୩୪ଟି ରହିଥିବା ବେଳେ ୧୬ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା, ମୂଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରଯାଇଥିଲା। ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍?ାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ବ୍ୟାଙ୍କ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ଧର୍ମଗଡ଼, ଧୀମାନ ଚକମା, ପ୍ରବେଶନ ରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ଅନିମେଷ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍?ନାଥ ରାଉତ, ତହସିଲଦାର, ଚନ୍ଦନ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡ଼ା, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ପିଏଆଇଟିଡିଏ, ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜୀବୁନ ନିଶା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ଦଳୀୟ ବିବାଦ ପାଇଁ ଇନ୍ଧନ ସାଜିଛି ବିକଶିତ ଗାଁ-ବିକଶିତ ଓଡ଼ିଶା

# ଅନୁଦାନ ଅର୍ଥକୁ ନେଇ ରାଜନୀତି ନକରୁ ଶାସକ ଦଳ

ଭବାନୀପାଟଣା, ୨।୬(ସମିସ)

ଅଡୁଆ କରୁଛି ବିକଶିତ ଗାଁ-ବିକଶିତ ଓଡ଼ିଶା ଅନୁଦାନ ଅର୍ଥ। ସେଥିନେଇ ଲାଞ୍ଜିଗଡ଼ ବ୍ଲକରେ ଅଶାନ୍ତିର ଦାନା ବାନ୍ଧୁଥିବା ଅନୁମାନ କରାଯାଉଛି। ଶାସକ ବିଜେପି ଦଳର କେତକ କର୍ମୀ ନିଜ କବଜାରେ ରଖିବା ସହିତ ଅନୁମୋଦିତ ତାଲିକା ଧରି ଗାଁ ଗାଁ ବୁଲି କାମ ବାଣ୍ଟିବାକୁ ମସୁଧା ଚଳାଇଥିବା ନେଇ ଗୁରୁତର ଅଭିଯୋଗ କରିଛନ୍ତି। ଲାଞ୍ଜିଗଡ଼ ବ୍ଲକର ନିର୍ବାଚିତ

## ବିଡିଓଙ୍କୁ ଫେରାଦ ହେଲେ ଅସନ୍ତୁଷ୍ଟ ପଞ୍ଚାୟତ ପ୍ରତିନିଧି

ପ୍ରତିନିଧିମାନଙ୍କ ମଧ୍ୟରେ ଘୋର ଅଶାନ୍ତିକର ପରିସ୍ଥିତି ଉପୁଜୁଛି। ପଲ୍ଲୀସଭା, ଗ୍ରାମସଭା ଦ୍ୱାରା ପ୍ରସ୍ତାବିତ ଓ ପଞ୍ଚାୟତ ସମିତି ବୈଠକରେ ଅନୁମୋଦିତ ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ବିଜେପି କର୍ମୀ ଦଳୀୟ ଅନୁଦାନ ଭାବେ ବାଣ୍ଟିବା ପ୍ରସଙ୍ଗକୁ ଜୋରଦାର ବିରୋଧ କରାଯାଇଛି। ଏହାକୁ ନେଇ ସୋମବାର ଲାଞ୍ଜିଗଡ଼ ବ୍ଲକର ୨୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସହିତ ଦୁଇଜଣ ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ମିଳିତ ଭାବେ ବିରୋଧ କରିବା ସହିତ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅଣଦେଖା



କରି ବିଜେପି କର୍ମୀ କାମ ବାଣ୍ଟିଲେ ଜୋରଦାର ବିରୋଧ କରାଯିବ ବୋଲି କହିଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ, ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟ ପଞ୍ଚାୟତ ପ୍ରତିନିଧିମାନେ ପଲ୍ଲୀସଭା ଓ ଗ୍ରାମସଭା ଜରିଆରେ ଯଦି ଲୋକଙ୍କ ଆବଶ୍ୟକତାକୁ ସମସ୍ତ ରୂପରେଖ ପ୍ରସ୍ତୁତ କରିବେ ତେବେ ଶାସକ ଦଳର କର୍ମୀମାନେ କୌଣସି ଭୂମିକା ନଥାଇ କାମ ବାଣ୍ଟିବାକୁ କେମିତି ତତ୍ପର ହେଉଛନ୍ତି ବୋଲି ନିର୍ବାଚିତ ପ୍ରତିନିଧିମାନେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ପଲ୍ଲୀସଭା ଓ ଗ୍ରାମସଭା ବ୍ୟତୀତ ରାଜ୍ୟ ସରକାର ସ୍ଥାନୀୟ ବିଧାୟକମାନଙ୍କୁ ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାରେ ୪୦ ପ୍ରତିଶତ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବିଧାୟକଙ୍କ ଦ୍ୱାରା ପ୍ରସ୍ତାବିତ ଉନ୍ନୟନ କାର୍ଯ୍ୟଗୁଡିକୁ ମଧ୍ୟ ବିଜେପି କର୍ମୀ ନିଜେ ଅକ୍ତିଆର କରି ବାଣ୍ଟିବା ଉଦ୍ୟମକୁ ବିଧାୟକ ଓ ତାଙ୍କ ସମର୍ଥକ ଜୋରଦାର ବିରୋଧ କରିଛନ୍ତି। ଲାଞ୍ଜିଗଡ଼ରେ ବିଜେଡି ବିଧାୟକ ଥିବାରୁ ତାଙ୍କୁ ନଜର ଅନ୍ଦାଜ କରିବାକୁ ଉଦ୍ୟମ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ଗୁରୁତ୍ୱ ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥା ଉପରେ ମଧ୍ୟ ଜୋର ଯାର ମୂଲକ ତାର ଭଳି ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି। ଏସବୁକୁ ନେଇ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅଞ୍ଜଳୀ ମାଝୀ, ପରୀକ୍ଷିତ ନାଏକ, ବ୍ଲକ ସରପଞ୍ଚ ସଂଘ ସଭାପତି ସାନ୍ଦୁ ମାଝୀ, ସମିତିସଭ୍ୟ ସଂଘର ସଭାପତି ଜଗଦୀଶ ବେନିଆ, ସମ୍ପାଦକ ମନୋହର ହରପାଲଙ୍କ ସହିତ ବ୍ଲକର ୨୬ଗୋଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସଭ୍ୟା ଉପସ୍ଥିତ ରହି ପଞ୍ଚାୟତିରାଜ ବ୍ୟବସ୍ଥା ଓ ନିର୍ବାଚିତ ପ୍ରତିନିଧିଙ୍କ ଉପରେ ବିଜେପି କର୍ମୀଙ୍କୁ ନିନ୍ଦା କରିବା ସହିତ ଶାସକ ଦଳର କର୍ମୀମାନେ ଆଗେ ଲୋକଙ୍କ ସମସ୍ୟାକୁ ଫୋକସ କରନ୍ତୁ, ଲୋକଙ୍କ ଦୁଃଖସୁଖରେ ସାମିଲ ହୁଅନ୍ତୁ ତା'ପରେ କାମ ବାଣ୍ଟିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟାମାନେ ଲାଞ୍ଜିଗଡ଼ ବିଡିଓଙ୍କ ଜରିଆରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହିତ ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ଆସିଥିବା ଅନୁଦାନକୁ ନେଇ ବିଜେପି କର୍ମୀ ରାଜନୀତି କଲେ ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ହେଉଥିବା ପଲ୍ଲୀସଭା, ଗ୍ରାମସଭା ଓ ପଞ୍ଚାୟତ ସମିତି ବୈଠକରେ ସାମିଲ ହେବୁନାହିଁ ବୋଲି ଚେତାବନୀ ଦେଇଛନ୍ତି। ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟାମାନେ ଶାସକ ବିଜେପି କର୍ମୀଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେବା ଘଟଣାକୁ ନେଇ ଜିଲ୍ଲାରେ ରାଜନୀତି ସରଗରମ ହୋଇଉଠିଛି।ଏହି ପରିସ୍ଥିତିରେ ଲାଞ୍ଜିଗଡ଼ ବିଡ଼ିଓ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ନିଆଯାଇ ସମାଧାନର ସୂତ୍ର ବାହାର କରାଜୀବବୋଲି ପ୍ରକାଶ କରିଛନ୍ତି।

# କୃଷକ ଉତ୍ପାଦକ କମ୍ପାନୀର ବ୍ୟବସାୟ କେନ୍ଦ୍ର ଉଦ୍‌ଘାଟିତ




**ବଲାଙ୍ଗିର, ୨।୬(ସମିସ):** ଭାରତ ସରକାର ଏବଂ ନାବାର୍ଡ ପ୍ରୋତ୍ସାହିତ ବଲାଙ୍ଗିର ସଦର ବ୍ଲକ ଅଧୀନ ବରଗାଁ ଠାରେ ଥିବା ଘସିଏନ୍ ଦେବୀ କୃଷକ ଉତ୍ପାଦକ କମ୍ପାନୀ ଲିଃ ପ୍ରଥମ ବ୍ୟବସାୟିକ ଆଉଟଲେଟ୍ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୀୟ କୁମାର ତାଲୁକଦାର ଉପସ୍ଥିତ ଥିଲେ। ତାଙ୍କ ସହିତ ନାବାର୍ଡ ବଲାଙ୍ଗିର ଜିଲ୍ଲା ବିକାଶ ପ୍ରବନ୍ଧକ ଡା. ବିବେକ କୁମାର ନାୟକ, ମହାଶକ୍ତି ଫାଉଣ୍ଡେସନ ପରିଚାଳନା ନିର୍ଦ୍ଦେଶକ ଯୁଗଳକିଶୋର ପଟ୍ଟନାୟକ ଓ ଏଫପିଓର ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନ ଏଫପିସିଏଲର ସାର ଓ ବିହନ ଗୋଦାମକୁ ବୁଲି ଦେଖିଥିଲେ। ଚାଷୀଙ୍କ ପାଇଁ ଉପଲବ୍ଧ ସାଧନ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ବ୍ୟବସାୟ କେନ୍ଦ୍ର ଚାଷୀମାନେ ତାଙ୍କର ଉତ୍ପାଦ ବିକ୍ରୟ କରିବା, ଗୁଣବତ୍ତା ଯୁକ୍ତ କୃଷି ଇନ୍‌ପୁଟ ପାଇବା ଓ ନୂଆ ପ୍ରଯୁକ୍ତି ସହିତ ଜୁଡିବାରେ ସାହାଯ୍ୟ କରିଛି।

# କଳାହାଣ୍ଡିରେ ରେଜାଙ୍ଗଲା ସହିଦ ମାଟି କଳସ

**ଭବାନୀପାଟଣା/କୋକସରା, ୨।୬(ସମିସ):** ରେଜାଙ୍ଗଲା ସହୀଦ ମାଟି କଳସ କଳାହାଣ୍ଡି ଭ୍ରମଣ କରିଛି। ଅଖିଳ ଭାରତବର୍ଷୟ ଯାଦବ ମହାସଭା ପକ୍ଷରୁ ଆୟୋଜିତ ଏହି କଳସ ଯାତ୍ରା ଗତ ମାସ ୧୩ରୁ ବିହାରର ଚୋପ୍ରାରୁ ଆରମ୍ଭ ହୋଇଛି। ଏହା ବିଭିନ୍ନ ରାଜ୍ୟ ଦେଇ ନୂଆପଡ଼ାରେ ଗତ ୩୦ ତାରିଖ ପ୍ରବେଶ




କରିଥିଲା। ସେଠାରୁ ବଲାଙ୍ଗୀର ଦେଇ ଏହି ପବିତ୍ର କଳସ କଳାହାଣ୍ଡି ଜିଲ୍ଲା ପରିକ୍ରମା କରିଛି। ବଲାଙ୍ଗୀର ଜିଲ୍ଲା ଯାଦବ ମହାସଭା ସଭାପତି ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଲୁଥୁରବନ୍ଦରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀଙ୍କୁ ସହୀଦ ମାଟି କଳସ ହସ୍ତାନ୍ତର କରିଥିଲେ। ରେଜେଙ୍ଗଲାର ପବିତ୍ର ମାଟିକୁ ବହନ କରିଥିବା ଏହି କଳସ ଯାତ୍ରା କଳାହାଣ୍ଡିରେ କେସିଙ୍ଗାଠାରୁ ଆରମ୍ଭ ହୋଇଥିଲା। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ ଓ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଗୋବିନ୍ଦ ବନଛୋରଙ୍କ ନେତୃତ୍ୱରେ ଆୟୋଜିତ ଏହି ଯାତ୍ରା କେସିଙ୍ଗା ଅମ୍ବାଜୀ ମନ୍ଦିରରୁ ଆରମ୍ଭ ହୋଇ ନଗର ପରିକ୍ରମା ପୂର୍ବକ ବୋରିଙ୍ଗପଦର ଛକରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ରାଷ୍ଟ୍ରୀୟ ସହ ସଂଯୋଜକ କିରଣ ଯାଦବ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ, ଉତ୍କଳ ଯାଦବ ମହାସଭାର ସମ୍ପାଦକ ତ୍ରିଲୋଚନ ନାଗ, ରାଜ୍ୟ ଯୁବ ସଭାପତି ଅମର ନାଏକ, କେସିଙ୍ଗା ବ୍ଲକ ଯାଦବ ସମିତି ସଭାପତି ପାନ୍ନାଲାଲ ବେମାଲ, ଭବାନୀପାଟଣା ପୌର ପାଳିକାର ପୂର୍ବତନ ଅଧ୍ୟକ୍ଷା ସଞ୍ଜୁକ୍ତା ବେହେରାଙ୍କ ସମେତ ଅନେକ ଯାଦବ କର୍ମକର୍ତ୍ତା ଉପସ୍ଥିତ ଥିଲେ। କେସିଙ୍ଗାରୁ ଏହି ଯାତ୍ରା ଉତ୍କେଲା, ଭବାନୀପାଟଣା, କୁଟ୍ରୁଖମାର, ଜୁନାଗଡ଼, ଧର୍ମଗଡ଼, କୋକସରା ଦେଇ ନବରଙ୍ଗପୁର ଜିଲ୍ଲାରେ ପ୍ରବେଶ କରିଥିଲା। ଏଥିରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ ଯାଦବ, ପୂର୍ବତନ ଜିଲ୍ଲା ସଭାପତି ଡମ୍ବରୁଧର ଲହଜଲ, ଲାଞ୍ଜିଗଡ଼ ବ୍ଲକ ଯାଦବ ସମିତି ସଭାପତି ରଘୁବୀର ନାଗ, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ, ଭବାନୀପାଟଣା ବ୍ଲକ ଯାଦବ ମହାସଭା ସଭାପତି ଲିଙ୍ଗରାଜ ଗହୀର, ଜୁନାଗଡ଼ ବ୍ଲକ ଯାଦବ ସମିତି ସଭାପତି ପ୍ରେମାନନ୍ଦ ଘି, ସମାଜବାଦୀ ପାର୍ଟି କଳାହାଣ୍ଡି ଜିଲ୍ଲା ସଭାପତି ଜଗଦୀଶ ଯାଦବ, ଧର୍ମଗଡ଼ ବ୍ଲକ ଯାଦବ ସମିତି ସଭାପତି ଶଙ୍କର ପ୍ରସାଦ ଯୁଏଡ, କୋକସରା ବ୍ଲକ ଯାଦବ ସମିତି ସଭାପତି ବିନୋଦ ରାଉତ, ଜିଲ୍ଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା ଓ ଉପସଭାପତି ସୁନୀଲ ଧଙ୍ଗଡ଼ାମାଝୀ, କଳାହାଣ୍ଡି ଜିଲ୍ଲା ମହିଳା ଶାଖା ସଭାନେତ୍ରୀ ରଶ୍ମୀରେଖା ରାଉତ, ଲାଞ୍ଜିଗଡ଼ ବ୍ଲକ ଯୁବ ଯାଦବ ସଭାପତି ଡିଲେଶ ନାଗ, ଧର୍ମଗଡ଼ ବ୍ଲକ ଯୁବ ଯାଦବ ସଭାପତି ଲବଣୀ ରାଉତ, କେସିଙ୍ଗା ବ୍ଲକ ଯୁବ ଯାଦବ ସଭାପତି ଅଶୋକ ପୋଢ, ଭବାନୀପାଟଣା ସହର ଯାଦବ ମହାସଭା ସଭାପତି ରବୀନ୍ଦ୍ର ଲାଲ ଯାଦବ, ଆଇନଜୀବୀ କିର୍ତ୍ତନ ନାଏକ, ଧର୍ମଗଡ଼ ଏନ୍‌ଏସି ଯାଦବ ସମିତି ସଭାପତି ଅନିରୁଦ୍ଧ ଲହଜଲ, ନାରୀନେତ୍ରୀ କମଳିନୀ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କୋକସରାରେ ଏହି କଳସ ଯାତ୍ରାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ବିସିଏ ଛାତ୍ରୀ ପ୍ରିୟଙ୍କା ବିଶ୍ୱବିଦ୍ୟାଳୟ ଟପ୍ପର

# ଆଦିବାସୀ ସଂଗ୍ରାମ ପକ୍ଷରୁ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼, ୨।୬(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ସ୍ଥିତ ନିୟମଗିରି ବେଦାନ୍ତ ନଗରର ପିତା ହରିମାଝୀ ମା'ସୁନେଲି ମାଝୀଙ୍କ ସୁପୁତ୍ରୀ ପ୍ରିୟଙ୍କା ମାଝୀ ବିସିଏରେ କଳାହାଣ୍ଡି ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।ଏହି ଅବସରରେ ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣା ନକଟିଗୁଡାସ୍ଥିତ ଆଦିବାସୀ ଭବନରେ ଜିଲ୍ଲାସ୍ତରୀୟ ଆଦିବାସୀ ସଂଗ୍ରାମ ସମିତି କଳାହାଣ୍ଡି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।ସୂଚନା ଅନୁସାରେ ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ କଲେଜରେ ଅଧ୍ୟୟନ କରୁଥିଲେ। ସେ ୩ ବର୍ଷ ପାଠ ପଢ଼ିବା ପରେ ଚଳିତ ବର୍ଷ ବିସିଏ ପରୀକ୍ଷାର ସର୍ବୋଚ୍ଚ ସଫଳତା ହାସଲ କରି କଳାହାଣ୍ଡି ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶୀର୍ଷ ସ୍ଥାନ ହାସଲ କରି ଟପ୍ପର ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଲାଞ୍ଜିଗଡ଼ ବେଦାନ୍ତ ନଗର ବଣ ପାହାଡ଼ ଘେରା ପ୍ରକୃତି କୋଳରେ ଜନ୍ମ ହୋଇ ନିଜର ପାରଦର୍ଶିତା, ବୁଦ୍ଧିମତ୍ତା ପ୍ରଦର୍ଶନ କରି ଜଣେ ଆଦିବାସୀ ଛାତ୍ରୀ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇ ଜିଲ୍ଲା ତଥା ବ୍ଲକ ପାଇଁ ଗୌରବ ଆସିଥିବା ଯୋଗୁଁ ତାଙ୍କୁ ବିଭିନ୍ନ ପକ୍ଷରୁ ଅଭିନନ୍ଦନଜ୍ଞାପନ କରିବା ସହିତ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ସରକାରୀ ଜମି ଚିହ୍ନଟ ଲାଗି ତହସିଲଦାରଙ୍କୁ ଦାବିପତ୍ର

**କୋକସରା, ୨।୬(ସମିସ):** କୋକସରା ବ୍ଲକ ମୋଟେର ପଞ୍ଚାୟତ ସଦର ବସ୍‌ଷ୍ଟାଣ୍ଡ ନିକଟରେ ଅନେକ ଲୋକ ସରକାରୀ ଜମି ଜବରଦଖଲ କରି ରଖିଛନ୍ତି। ଏହାକୁ ଉଚ୍ଛେଦ କରିବା ସହ ଜମି ଚିହ୍ନଟ କରିବା ପାଇଁ ସୋମବାର ମୋଟେର ନାଏବ ସରପଞ୍ଚ କୋକସରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମୋଟେର ବସ୍‌ଷ୍ଟାଣ୍ଡ ନିକଟରେ ଏକ ଅମୃତଧାରା ଓ ଶୌଚାଳୟ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ବର୍ତ୍ତମାନ ତାହା ଅନୁମୋଦନ ହୋଇଛି। କିନ୍ତୁ ବସଷ୍ଟାଣ୍ଡ ନିକଟରେ ଅନେକ ଲୋକ ସରକାରୀ ଜାଗା ଅକ୍ତିଆର କରିବା ସହ ଦୋକାନ କରିଥିବାରୁ ଶୌଚାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇ ପାରୁନାହିଁ। ଏବଂ କାମ ମଧ୍ୟ ଆରମ୍ଭ ହୋଇପାରୁନାହିଁ। ତେଣୁ ମୋଟେର ଗ୍ରାମର ସରକାରୀ ଜାଗା ଚିହ୍ନଟ କରିବା ପାଇଁ ସରପଞ୍ଚ ବାସନ୍ତୀ ନାଏକଙ୍କ ତତ୍ୱାବଧାନରେ ନାଏବ ସରପଞ୍ଚ ପଲ୍ଲବୀ ପାଲ ସୋମବାର କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ଶିଘ୍ର ପଦକ୍ଷେପ ନେବା ସହ ଜମି ଚିହ୍ନଟ କରି ପଞ୍ଚାୟତକୁ ହସ୍ତାନ୍ତର କରିବା ନେଇ ଦାବି କରିଥିବା ଜଣାପଡ଼ିଛି।

# କୁଲୁତା ସମାଜ ପକ୍ଷରୁ ଦହିପାଣି ବଣ୍ଟନ

**ବଲାଙ୍ଗିର, ୨।୬(ସମିସ):** କୁଲୁତାସମାଜ ଦ୍ୱାରା ଦହିପାଣି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ସମାଜର ସଭାପତି ଶଙ୍କର୍ଷଣ ପଧାନ ଓ ସମ୍ପାଦକ ଶାନ୍ତନୁ କୁମାର ଭୋଇ ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ରାହାସ ବିହାରୀ ମାଝୀ, ସୁରଥ ପଧାନ, ଉପ-ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁ, ସଙ୍ଗୀତା ମାଝୀ, କାର୍ଯ୍ୟକାରୀ ମିଟି ସଦସ୍ୟ ପ୍ରହ୍ଲାଦ ଭୋଇ, ରାମଚନ୍ଦ୍ର ଭୋଇ, ଯୁବ ସଭାପତି ରବୀନ୍ଦ୍ର କୁମାର ପଧାନ, ଯୁବ ସାମୁଖ୍ୟର ସୁଦର୍ଶନ ସାହୁ, ରୁପକ ପଧାନ, ସଞ୍ଜୀବ ସାମଲ, ରହିମ ରଞ୍ଜନ ସାହୁ, ଜିତୁଲାଲ ସାହୁ, ଲିପିରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀମନ୍ତ ଗଡ଼ତ୍ୟା, ସରୋଜ ପଧାନ, ପ୍ରଦୀପ କୁମାର ସାହୁ, ସଞ୍ଜୟ ସାହୁ, ପ୍ରଦୀପ ପଧାନ, ପ୍ରମୋଦ ପଧାନ ସହଯୋଗ କରିଥିଲେ।

■ ବଲାଙ୍ଗିରରେ ଅମୁନି ଧାନ ଚୋରାଚାଲାଣ

# ଯୋଗାଣ ବିଭାଗର ଚଢ଼ଉ, ୨୭୦ ବସ୍ତା ଧାନ ଜବତ

ବଲାଙ୍ଗିର, ୨।୬(ସମିସ)

ବଲାଙ୍ଗିର ଜିଲ୍ଲାରେ ବଢ଼ିଚାଲିଛି ଧାନର ଚୋରା କାରବାର। ସରକାରୀ ନିୟମକୁ ଫୁ କରି ଅସାଧୁ ବେପାରୀମାନେ ଧାନ ଚୋରାଚାଲାଣ କରୁଛନ୍ତି। ମିଲ୍ ମାଲିକମାନେ ଏହାକୁ ଗଚ୍ଛିତ ରଖି ଚାଷୀଙ୍କ ଧାନ ନେବାକୁ ମନା କରୁଛନ୍ତି। ବଲାଙ୍ଗିର ଜିଲ୍ଲାର ତୁଷୁରା ସହରରେ ଏଭଳି ଏକ ଘଟଣାରେ ବିପୁଳ ପରିମାଣର ଧାନ ଜବତ କରିଛି ଜିଲ୍ଲା ଯୋଗାଣ ବିଭାଗ। ସୂଚନା ଅନୁସାରେ ସୋମବାର ପୂର୍ବାହ୍ନରେ ତୁଷୁରା ସହରରେ ବେଆଇନ ଭାବରେ ଧାନ ଚୋରାଚାଲାଣ କରାଯାଉଥିବା ଯୋଗାଣ ବିଭାଗ ଖବର ପାଇଥିଲା। ଉପଖଣ୍ଡ ଯୋଗାଣ ଅଧିକାରୀ ଶରତ କୁମାର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ବାହାରି ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ସମୟରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସୋମକେଶ



ନାୟକ ଉପସ୍ଥିତ ଥିଲେ। ଏକ ଟ୍ରକ୍‌ରେ ଧାନ ଭର୍ତ୍ତୀ ହୋଇଯାଉଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଗାଡିକୁ ଅଟକାଇ ତାର ଯାଞ୍ଚ କରାଯାଇଥିଲା। ଯାଞ୍ଚ କରିବାରୁ ଟ୍ରକ୍‌ରେ ୨୭୦ ବସ୍ତା ଧାନ ରହିଥିବାବେଳେ ଏହା ତୁଷୁରାର କୁଳଦୀପ ଗୁପ୍ତାଙ୍କର ବୋଲି ଜଣାପଡ଼ିଥିଲା। ଧାନ ଓ ଟ୍ରକ୍‌କୁ ଜବତ କରି ଯୋଗାଣ ବିଭାଗ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା। ଜବତ ଧାନକୁ ସମଲେଶ୍ୱରୀ ଏଗ୍ରୋ ମିଲରେ ଜିମା ଦିଆ।ଯାଇଥିବା ଜଣାପଡ଼ିଛି। ତେବେ ଏହି ଧାନ କେଉଁଠିକୁ ଯାଉଥିଲା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଉଛି। ପ୍ରକାଶ ଯେ ତୁଷୁରାର କୁଲଦୀପ ଗୁପ୍ତା ପୂର୍ବରୁ ମଧ୍ୟ ଏହି କାମରେ ଲିପ୍ତଥିବା ଜଣାପଡ଼ିଥିଲା। ତାଙ୍କଠାରୁ ତୁଷୁରାର ବିଭିନ୍ନ ଚାଉଳ ମିଲ୍‌କୁ ଚୋରା ଭାବରେ ଧାନ ଚାଲାଣ କରାଯାଏ। ମିଲ୍ ମାଲିକମାନେ ଏଭଳି ଡଞ୍ଚକତା କରି ପୂର୍ବରୁ ଧାନ ଗଚ୍ଛିତ କରି ରଖିଥାନ୍ତି। ଏବଂ ପରବର୍ତ୍ତୀ ସମୟରେ ଚାଷୀଙ୍କ ଧାନ କିଣିବାକୁ ମନା କରିଥାନ୍ତି। ଯାହାଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହୁଏ। ତେବେ ଏଭଳି କାମ କରୁଥିବା ଅସାଧୁ ବ୍ୟସାୟୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଉପରେ ସଚେତନତା




**କେସିଙ୍ଗା, ୨।୬(ସମିସ):** ସୋମବାର ଦିନ ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ସ୍ଥାନୀୟ ଅଦାଲତ ପରିସରରେ ଏକ ଆଇନ ସଚେତନତା ଶିବିର ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଉପରେ ଆୟୋଜିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷା ତାଲୁକ ଆଇନ ସେବାସମିତି କେସିଙ୍ଗା ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସହକାରୀ ସରକାରୀ ଓକିଲ ପ୍ରକାଶ କୁମାର ଦାସ, ଓକିଲ ସଂଘ ସମ୍ପାଦକ ଯୁଗଳ କିଶୋର ଦୀପ, ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ସୁକାନ୍ତ କୁମାର ପଧାନ, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ଦାସ, ଆଲୋକ ରଞ୍ଜନ ଦାସ, ସୌରରଶ୍ମି ନନ୍ଦ, ଗୋଲକ ବିହାରୀ ପ୍ରଧାନ, ରଞ୍ଜିତ କୁମାର ଷଡଙ୍ଗୀଙ୍କ ସମେତ ଓକିଲ ସଂଘର ଅନ୍ୟ ବରିଷ୍ଠ ଆଇନଜୀବି ବୃନ୍ଦ ଉପସ୍ଥିତ ଥିଲେ।ଏତଦବ୍ୟତୀତ ସାଧାରଣ ଜନତା, ପାରାଲିଗାଲ୍ ସ୍ୱେଚ୍ଛାସେବୀ ସନ୍ତୋଷ ଦଣ୍ଡସେନା ଓ ତାଙ୍କ ଟିମ୍ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଡକାୟତି ଗ୍ୟାଙ୍ଗ୍‌ର ଚୋରା ବନ୍ଧୁକ କାରବାର

■ ମାଷ୍ଟରମାଇଣ୍ଡ ସମେତ ୬ ଗିରଫ
■ ପିସ୍ତଲ, ଗୁଳି, ଖଣ୍ଡା ସମେତ ଅନ୍ୟ ସାମଗ୍ରୀ ଜବତ



**ରାଉରକେଲା,୨।୬(ସମିସ):** ବନ୍ଧମୁଣ୍ଡାର ପ୍ରେମନଗର ଅଞ୍ଚଳରେ ଚାଲିଥିବା ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ରାଉରକେଲା ପୁଲିସ। ଏହି ଘଟଣାରେ ପୁଲିସ ପୂରା ଘଟଣାର ମାଷ୍ଟରମାଇଣ୍ଡ ସମେତ ୬ ଡକାୟତଙ୍କୁ ଗିରଫ କରିଛି। ଚଢ଼ଉ ବେଳେ ସେମାନଙ୍କଠାରୁ ବିପୁଳ ପରିମାଣର ଗୁଳି, ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ଜବତ ହୋଇଛି। ଏହାସହ ସେମାନଙ୍କ ଦ୍ୱାରା ଦୀର୍ଘ ଦିନ ଧରି ଚାଲିଥିବା ବନ୍ଧୁକ ଚୋରାକାରବାରର ମଧ୍ୟ ପୁଲିସ୍ ପର୍ଦ୍ଦାଫାସ୍ କରିଛି।

ବନ୍ଧମୁଣ୍ଡା ଥାନାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଅଧିକ ସୂଚନା ଦେଇ କହିଛନ୍ତି, ବନ୍ଧମୁଣ୍ଡା ଥାନା ପ୍ରେମନଗର ପଡ଼ିଆରେ କିଛି ଦୁର୍ବୃତ୍ତ ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିବା ପୁଲିସ୍‌କୁ ସୂଚନା ମିଳିଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ୍ ଟିମ୍ ଚଢ଼ଉ କରିଥିଲା। ତେବେ ସମସ୍ତେ ପୁଲିସକୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉକ୍ତ ଘଟଣାରେ ପୁଲିସ ୬ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନେ ହେଲେ, ବନ୍ଧମୁଣ୍ଡା ଥାନା ସେକ୍ଟର ସି, ୧୦ ନମ୍ବର ବସ୍ତିର ସିଧୁ ତନ୍ତୀ ଓରଫ୍ ବିଟୁ (୨୮), ସେକ୍ଟର ସି ଗୁଣ୍ଡିଚାପାଲି ବସ୍ତିର ଅଂଶୁ କୁମାର ଲାଲ (୨୨), ସେକ୍ଟର ଡି ଅଞ୍ଚଳର ୱାଇ କ୍ରିଷ୍ଣା (୨୬), ସେକ୍ଟର୍-ସି ହନୁମାନଗଡ଼ର ଅଜୟ ପଟ୍ଟନାୟକ ଓରଫ୍ ବାବୁ (୩୦), ସେକ୍ଟର୍-ସି ୧୦ ନମ୍ବର ବସ୍ତିର ବିବେକ ମୋଦକ୍ (୩୬) ଓ ଗୁଣ୍ଡିଚାପାଲିର ଅନଟୁ ମୁଖୀ (୪୩)। ଗିରଫ ବିଟୁ ତନ୍ତୀ ହେଉଛି ମାଷ୍ଟରମାଇଣ୍ଡ। ସେମାନଙ୍କଠାରୁ ୪ଟି ପିସ୍ତଲ, ଗୋଟିଏ ରିଭଲଭର, ୪ଟି ଖାଲି ମାଗାଜିନ୍, ୧୫ଟି ଜୀବନ୍ତ ଗୁଳି, ୨ଟି ଖଣ୍ଡା, ଗୋଟିଏ ଲୁହା ଛଡ଼, ଗୋଟିଏ କ୍ରୋ ବାର, ଗୋଟିଏ ଟର୍ଚ୍ଚ, ୫ଟି ମୋବାଇଲ ଓ ୬ଟି ଖାଲି ବିଅର ବୋତଲ ଜବତ କରାଯାଇଛି।

ଜେରା ବେଳେ ସେମାନେ ବନ୍ଧୁକ ଚୋରା କାରବାର କରୁଥିଲେ ବୋଲି ପୁଲିସ୍ ନିକଟରେ ସ୍ୱୀକାର କରିଛନ୍ତି। ଏହି ଘଟଣାର ମୁଖ୍ୟ ନାୟକ ବିଟୁ ତନ୍ତୀ ବୋଲି ପୁଲିସ ଜାଣିବାକୁ ପାଇଛି। ସେ ଜଣେ କୁଖ୍ୟାତ ଅପରାଧୀ ହୋଇଥିବା ବେଳେ ତା' ପାଇଁ ଏକ ବଡ଼ଧରଣର ଗ୍ୟାଙ୍ଗ୍ କାମ କରୁଥିବା ଜଣାପଡ଼ିଛି। ଝାଡ଼ଖଣ୍ଡ ଓ ବିହାର ରାଜ୍ୟର ବିଭିନ୍ନ ସ୍ଥାନରୁ ବେଆଇନ ବନ୍ଧୁକ କମ୍ ମୂଲ୍ୟରେ ଆଣି ରାଉରକେଲାରେ ଚଢ଼ା ମୂଲ୍ୟରେ ବିକ୍ରି କରି ମାଲାମାଲ ହେଉଥିଲା ବିଟୁ। ତା' ନାଁରେ ଓଡ଼ିଶା ଓ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ୩୪ଟି ମାମଲା ରହିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଗିରଫ ଅଂଶୁ ନାଁରେ ଗୋଟିଏ, ଅଜୟ ନାଁରେ ଦୁଇଟି, ଅନଟୁ ନାଁରେ ଗୋଟିଏ ମାମଲା ରହିଛି। ତେବେ ଏହି ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, କେମିତି ସୀମା ଅତିକ୍ରମ କରି ରାଉରକେଲାକୁ ବନ୍ଧୁକ ଆସୁଥିଲା; ଏଭଳି ବିଭିନ୍ନ ଦିଗକୁ ନେଇ ପୁଲିସ୍ ତଦନ୍ତ ଜାରି ରଖିଛି। ଏହି ଅବସରରେ ଜୋନାଲ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ, ଇନ୍ସପେକ୍ଟର୍ ଶ୍ରୀକାନ୍ତ ଖମାରୀ, ଏସ୍‌ଆଇ ମନୋଜ ବାରା, ସିଦ୍ଧାନ୍ତ ପ୍ରଧାନ, ଅର୍ଜୁନ ସେଠୀ, ଏଏସ୍‌ଆଇ ରତ୍ନାକର ମୁଣ୍ଡା, ସଞ୍ଜିତା ସାମଲ, ସରୋଜ ପୁହାଣ ସମେତ ଅନ୍ୟ ଥାନା କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ।

# ଦଳ ବିରୋଧୀ କାର୍ଯ୍ୟ; ଢେଙ୍କାନାଳ ସଦର ବ୍ଲକ ପୂର୍ବ ବିଜେଡି ସଭାପତି ନିଲମ୍ବିତ

**ଭୁବନେଶ୍ୱର,୨।୬(ସମିସ):** ଦଳ ବିରୋଧୀ ଗତିବିଧିରେ ସଂପୃକ୍ତି ଥିବା କାରଣରୁ ଢେଙ୍କାନାଳ ସଦର ବ୍ଲକର ପୂର୍ବତନ ବିଜେଡି ସଭାପତି ବିଭୁ ପ୍ରସାଦ ଦେହୁରୀଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏ ସଂପର୍କରେ ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତ ସମ୍ବଳିତ ଏକ ନିର୍ଦ୍ଦେଶନାମା ସୋମବାର ଦଳ ପକ୍ଷରୁ ପ୍ରକାଶ ପାଇଛି।

## ସୁଧୁରୁନି ଓଏସ୍ଏସ୍‌ସି ପରୀକ୍ଷା ବ୍ୟବସ୍ଥା

# ଏଲ୍‌ଟିଆର୍ ସଂସ୍କୃତ ପରୀକ୍ଷାରେ ବି ବିଭ୍ରାଟ

■ ଇଂରାଜୀ ଅନୁବାଦ ଜେରକ୍ସର ଗୋପନୀୟତା ନେଇ ପ୍ରଶ୍ନବାଚୀ
■ ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍
■ ପୁନଃ ପରୀକ୍ଷା ସହ ଯାଞ୍ଚ କରିବାକୁ ଆଶାୟୀଙ୍କ ଦାବି

**ଭୁବନେଶ୍ୱର,୨।୬(ସମିସ):** ଓଡ଼ିଶା ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଦେଖିବାକୁ ମିଳୁଛି। କେବଳ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ପରୀକ୍ଷାରେ ଏକାଧିକ ବିଭ୍ରାଟ ପଦାକୁ ଆସିଛି। ଗତ ୧୫ ତାରିଖରେ ଅନୁଷ୍ଠିତ ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଥିଲା। ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ହିନ୍ଦୀରେ ଆସିବାର ଥିବା ବେଳେ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଚାରାଯାଇଥିଲା। ଅନୁରୂପ ଭାବେ ୧୭ ତାରିଖରେ ଅନୁଷ୍ଠିତ ସଂସ୍କୃତ ପରୀକ୍ଷାରେ ବିଭ୍ରାଟ ହୋଇଛି। ପ୍ରଶ୍ନପତ୍ରରେ ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ସଂସ୍କୃତରେ ଆସିବାର ଥିବା ବେଳେ କେବଳ ସଂସ୍କୃତ ଭାଷାରେ ପ୍ରଶ୍ନ ଥିଲା। ଏହାର ଇଂରାଜୀ ଅନୁବାଦ ଅନ୍ୟ କାଗଜରେ ଜେରକ୍ସ କରି ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା। ଯାହାର ବୈଧତା ଓ ଗୋପନୀୟତାକୁ ନେଇ ପରୀକ୍ଷାର୍ଥୀମାନେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ପ୍ରଶ୍ନପତ୍ର ପ୍ୟାକେଟ୍‌ର ଫଟୋ ବାହାରକୁ ଆସିବା ପରେ ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର ହୋଇଥିବା ଆଶଙ୍କା ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ସାମ୍ନାକୁ ଆସିବା ପରେ ଏହାକୁ ପୁନଃ ପରୀକ୍ଷା କରିବା ପାଇଁ ଏସ୍‌ଏସ୍‌ସି ନିଷ୍ପତ୍ତି ନେଇଛି। ଏହାପରେ ସମାନ ତ୍ରୁଟି ଥିବାରୁ ସଂସ୍କୃତ ପ୍ରଶ୍ନପତ୍ରର ଇଂରାଜୀ ଅନୁବାଦ କରି ତାହାର ଜେରକ୍ସ କପି ପରୀକ୍ଷାର୍ଥୀଙ୍କୁ ଦିଆଯାଇଛି। ହେଲେ ଜେରକ୍ସଗୁଡ଼ିକରେ କୌଣସି ବନ୍ଦ ପ୍ୟାକେଟ୍‌ରେ ନଥିଲା। ପରୀକ୍ଷକମାନେ ହାତରେ ଆଣି ତାକୁ ପରୀକ୍ଷାର୍ଥୀଙ୍କୁ ବାଣ୍ଟିଥିବା ବେଳେ ବଳକା ପ୍ରଶ୍ନପତ୍ର ତାଙ୍କ ପାଖରେ ରଖିଥିଲେ। ପରୀକ୍ଷାର୍ଥୀଙ୍କ କହିବା କଥା, ପ୍ରତି ପିଲାଙ୍କ ପିଛା ଗୋଟିଏ ଲେଖାଏଁ ପ୍ରଶ୍ନପତ୍ର ଛପା ଯାଉଥିବା ବେଳେ ଇଂରାଜୀ ଅନୁବାଦର କପି କାହିଁକି ଅଧିକ କରାଯାଇଥିଲା? ପୁଣି ସେଗୁଡ଼ିକ ପରୀକ୍ଷା ପୂର୍ବରୁ ଖୋଲା ଥିବାରୁ ତାହାର ଗୋପନୀୟତା ନେଇ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୀ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ପଦାକୁ ଆସିବା ପରେ ତୁରନ୍ତ ସଂସ୍କୃତ ପରୀକ୍ଷା ପାଇଁ ଇଂରାଜୀ ଅନୁବାଦ କରାଯାଇ ରାତିଅଧିଆ ଜେରକ୍ସ କରାଯାଇ ପିଲାଙ୍କୁ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଅତି କମ୍‌ରେ ୨୦ ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଥିବା ବହୁ ଆଶାୟୀ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ପ୍ରଶ୍ନପତ୍ର ପ୍ୟାକେଟ୍ ଉପରେ ଲାଗୁଥିବା ପ୍ରଶ୍ନପତ୍ର ବୁକ୍‌ଲେଟ୍ ତଥ୍ୟର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଯାଉଥିବା ଆଶଙ୍କା ଜୋର୍ ଧରିଛି। ଭାଇରାଲ୍ ଫଟୋରେ ୪୭୧୧୮୪ ଠାରୁ ୪୭୧୨୦୭ ପର୍ଯ୍ୟନ୍ତ ସିରିଏଲ୍ ନମ୍ବର ବିଶିଷ୍ଟ ୨୪ଟି ବୁକ୍‌ଲେଟ୍ ଥିବା ଉଲ୍ଲେଖ ରହିଛି। ପରୀକ୍ଷାର୍ଥୀଙ୍କ ଅଭିଯୋଗ ହେଲା, ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର କରିବାକୁ ଉଭୟ ପରୀକ୍ଷକ ଓ ପରୀକ୍ଷାର୍ଥୀଙ୍କୁ ବାରଣ କରାଯାଇଥିବା ବେଳେ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ବାହାରକୁ ଆସିଲା କିପରି କିପରି? ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଥମେ ଏହି ଫଟୋଟି ପକାଇଥିବା ବ୍ୟକ୍ତିଙ୍କୁ ଅନ୍ୟ ଆଶାୟୀମାନେ ପ୍ରଶ୍ନ କଲା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନମ୍ବର ସେବେଠାରୁ ସୁଇଚ୍-ଅଫ୍ ହୋଇଯାଇଥିବା ଅନ୍ୟ ଜଣେ ପରୀକ୍ଷାର୍ଥୀ ଦୁର୍ଗାମାଧବ ଅଭିଯୋଗ କରିଛନ୍ତି। ଏପରିକି, ରାଜଧାନୀ ମହାବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟାପ୍ତ ଯାଞ୍ଚ କରାଯାଇ ନଥିବାରୁ ପରୀକ୍ଷା ହଲ୍‌କୁ ମୋବାଇଲ୍ ନେଇ କିଛି ପିଲା ଉତ୍ତର ଲେଖୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।

ଓଏସ୍‌ଏସ୍‌ସି ପରିଚାଳିତ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳାଇଛି। ଚାକିରି ବିକ୍ରି କରିବାକୁ ଏବଂ ନିର୍ଦ୍ଦିଷ୍ଟ ପିଲାଙ୍କୁ କୃତକାର୍ଯ୍ୟ କରିବାକୁ ବହୁ ଗଳାବାଟ ପ୍ରସ୍ତୁତ କରାଯାଇଥିବା ସାମାଜିକ ଗଣମାଧ୍ୟମ 'ଏକ୍ସ' ଓ ୟୁଟ୍ୟୁବ୍‌ରେ ପ୍ରତିକ୍ରିୟା ରଖୁଛନ୍ତି। ଏହାର ଯାଞ୍ଚ କରିବା ସହ ହିନ୍ଦୀ ପରି ସଂସ୍କୃତ ପରୀକ୍ଷାର ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲ୍ୟୁସନ୍ ପ୍ରଶ୍ନକୁ ଆଉଥରେ ପରୀକ୍ଷା କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

# ମଦ ନିଶାରେ ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟା



**ମୁନିଗୁଡ଼ା,୨।୬(ସମିସ):** ପୁଣି ସଂସାର ଉଜାଡ଼ିଲା ମଦ। ସାମାନ୍ୟ କଳହକୁ କେନ୍ଦ୍ର କରି ନିଶାସକ୍ତ ସ୍ୱାମୀ ଠେଙ୍ଗାରେ ପିଟିପିଟି ନିଶାସକ୍ତ ସ୍ତ୍ରୀକୁ ହତ୍ୟା କରିଛି। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ମାତାବାରୁ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳା ହେଲେ, ରଘୁବାରି ପଞ୍ଚାୟତ ବିଲାଙ୍ଗଦୁନି ଗ୍ରାମର ତୁତୁ ମାଝୀଙ୍କ ଝିଅ ସବିତା ମାଝୀ। ପୁଲିସ୍ ଅଭିଯୁକ୍ତ ସ୍ୱାମୀ ଚିତ୍ର ମାଝୀକୁ ଗିରଫ କରି କୋର୍ଟଚାଲାଣ କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହତ୍ୟା ପରେ ଚିତ୍ର ଫେରାର୍ ହେବାକୁ ଉଦ୍ୟମ କରୁଥିବା ବେଳେ ଖବର ପାଇ ପୁଲିସ୍ ତାକୁ ବାଟ ମଝିରୁ ମାଡ଼ି ବସିଥିଲା। ଏହାସହ ପୁଲିସ୍ ସବିତାଙ୍କ ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁଯାୟୀ, ଗତ ରବିବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ସବିତା ଓ ଚିତ୍ର ଏକାଠି ବସି ମଦ ପିଇଥିଲେ। ମଦ ନିଶାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ସବିତା ଚିତ୍ର ଉପରକୁ ହାତ ଉଠାଇଥିଲେ। ଚିତ୍ର ମଧ୍ୟ ଉତ୍‌କ୍ଷିପ୍ତ ହୋଇ ଉଠିଥିଲା। ଘରେ ଥିବା ଏକ ଠେଙ୍ଗାରେ ସବିତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଏଥିରେ ସବିତାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ଚିତ୍ରର ମୁଣ୍ଡ କାମ କରିନଥିଲା। ଗିରଫଦାରୀ ଭୟରେ ସେ ସବିତାଙ୍କ ଶବକୁ ଘରେ ଛାଡ଼ି ଫେରାର୍ ହୋଇଯାଇଥିଲା। ଅପରପକ୍ଷେ, ପଡ଼ୋଶୀଙ୍କଠାରୁ ଖବର ପାଇ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ସମେତ ଅମ୍ବାଦଳା ଆଇଆଇସି କଳ୍ପନା ବେହେରା, ଏଏସ୍‌ଆଇ ପ୍ରଶାନ୍ତ ପାଢ଼ୀ, ଏସ୍‌ଆଇ ମନୋଜ କୁମାର ମାଝୀ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହାସହ ବାହାର ରାଜ୍ୟକୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ଚିତ୍ରକୁ ପୁଲିସ୍ ମଝି ବାଟରୁ ଟେକି ନେଇଥିଲା। ପରେ ତାକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।


■ ଓମ୍‌ଫେଡ୍‌ର ଘୋଷଣା

# ଚାଷୀଙ୍କୁ ମିଳିବ କ୍ଷୀର ଲିଟର ପିଛା ଅଧିକ ୩ ଟଙ୍କା



**ଗ୍ରାହକଙ୍କ ପାଇଁ କ୍ଷୀର ଦର ବୃଦ୍ଧି ନିଷ୍ପତ୍ତି ନେବ କମିଟି**

**ଭୁବନେଶ୍ୱର,୨।୬(ସମିସ):** ଜୁନ ୧ ତାରିଖରୁ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବ ଓମ୍‌ଫେଡ୍। ଦିନକ ତଳେ ରାଜ୍ୟସ୍ତରୀୟ ଦୁଗ୍ଧ ଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରିଛି ଓମ୍‌ଫେଡ୍ । କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଘୋଷଣା କରିଛନ୍ତି। ସରକାର କ୍ଷୀର ଲିଟର ପିଛା ୨ ଟଙ୍କା ଓ ଓମ୍‌ଫେଡ୍ ୨ ଟଙ୍କା ପ୍ରଦାନ କରିବ । ମୋଟ ୪ ଟଙ୍କା ମଧ୍ୟରୁ ଚାଷୀଙ୍କୁ ୩ ଟଙ୍କା ମିଳିବ ଓ ଅବଶିଷ୍ଟ ୧ ଟଙ୍କା କ୍ଷୀର ସଂଗ୍ରହ ସମବାୟ ସମିତି ଓ ମିଲ୍‌କ ଫେଡ଼େରେସନ ଏକ ଟଙ୍କା ପାଇବ । ସେହିପରି ବର୍ତ୍ତମାନ ଗ୍ରାହକଙ୍କ ପାଇଁ କ୍ଷୀର ଦର ବୃଦ୍ଧି ହେବ ନାହିଁ। ଓମ୍‌ଫେଡ଼ କମିଟି ବୈଠକରେ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ କୁଲାଙ୍ଗେ କହିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପାଇଁ ଲିଟର ପିଛା ୩ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଏହା ଫଳରେ ରାଜ୍ୟର ୨.୫୦ ଲକ୍ଷ ଚାଷୀ ଉପକୃତ ହେବେ। ଏ ବାବଦରେ ରାଜ୍ୟ ସରକାର ୪୦ରୁ ୪୨ କୋଟି ଟଙ୍କା ବାର୍ଷିକ ବ୍ୟୟ କରିବେ। ଏଥିପାଇଁ ଓମଫେଡ୍ ଏବଂ ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ ଦୁଗ୍ଧର ତିରୋଟ ସମୟରେ (ସେପ୍ଟେମ୍ବରରୁ ଫେବୃଆରୀ) ୬ ମାସ ପାଇଁ ଦୁଗ୍ଧର ମାନ ଅନୁଯାୟୀ ଓମଫେଡ୍ ଦୁଗ୍ଧ ଚାଷୀମାନଙ୍କୁ ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଉଥିବା ନିର୍ଦ୍ଦେଶକ କହିଛନ୍ତି।



ସୋମବାର ଶ୍ରୀମନ୍ଦିର ଆକାଶରେ ଭସା ବାଦଲ (ଫଟୋ-ଅନିଲ)

**ବଢୁଛି କୋଭିଡ୍ ସଂକ୍ରମଣ**

# ବିନା ଭକ୍ତରେ ହେବ କି ରଥଯାତ୍ରା ?

**ପୁରୀ, ୨।୬(ସମିସ):** ରାଜ୍ୟରେ ଧୀରେଧୀରେ ବଢୁଛି କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା। ଯଦିଓ ସଂକ୍ରମଣ ବର୍ତ୍ତମାନ ଚିନ୍ତାଜନକ ନୁହେଁ, କିନ୍ତୁ କେତେବେଳେ ବି ଏହା ବିସ୍ଫୋରଣ ରୂପ ନେଇପାରେ। ତେଣୁ ଆଗୁଆ ସତର୍କ ରହିବା ଜରୁରୀ। ଏଥିପାଇଁ ଷ୍ଟାଣ୍ଡାର୍ଡ ପ୍ରୋଟୋକୋଲ ମାନିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଏଭଳି ସ୍ଥିତିକୁ ଦେଖିଲେ ଏଥର ବିନା ଭକ୍ତରେ ହେବ କି ରଥଯାତ୍ରା ବୋଲି ଏକପ୍ରକାର ଚର୍ଚ୍ଚା ଆରମ୍ଭ ହେଲାଣି।

କରୋନା ପାଇଁ ୨୦୨୦ ଏବଂ ୨୦୨୧ ରଥଯାତ୍ରା କାଣ୍ଟଛାଣ୍ଟ ହୋଇଥିଲା। ୨୦୨୦ ମସିହାର ରଥଯାତ୍ରା ଇତିହାସ ରଚିଥିଲା। କରୋନାର ଭୟାବହତା ଭିତରେ ରଥଯାତ୍ରା ହେବ କି ନାହିଁ, ସେନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଆଇନଗତ ଲଢ଼େଇ ବି ଚାଲିଥିଲା। ଶେଷ ମୁହୂର୍ତ୍ତରେ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ବିନା ଭକ୍ତରେ ଏବଂ ସମସ୍ତଙ୍କ ସହଯୋଗରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। ଡହଡହ ଖରାରେ ସେବାୟତମାନେ ଖାଲି ପାଦରେ ରଥ ଟାଣିଥିଲେ। ମହାପ୍ରଭୁଙ୍କ ରଥଯାତ୍ରାଠୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦନ ହୋଇଥିଲା। ୨୦୨୧ରେ ମଧ୍ୟ ସେଭଳି ସ୍ଥିତି ଉପୁଜିଥିଲା। କରୋନାର ଦ୍ୱିତୀୟ ଲହର ଭୟର ବାତାବରଣ ସୃଷ୍ଟି କରିଥିଲା। ରଥଯାତ୍ରା ସମୟକୁ ପ୍ରତିଦିନ ରାଜ୍ୟରୁ ହଜାର ହଜାର ସଂଖ୍ୟାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିଲେ। ତେଣୁ ୨୦୨୦ ଭଳି ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। କେବଳ ସେବାୟତମାନେ ହିଁ ରଥ ଟାଣିଥିଲେ। ଏହାପରେ ୩ ବର୍ଷ ସ୍ୱାଭାବିକ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ପୁଣି ଡରାଇଲାଣି କରୋନା।

ସମ୍ପ୍ରତି ଦେଶରେ ଏବେ ଉପରମୁହାଁ କରୋନାଗ୍ରାଫ୍। ଯଦିଓ ଓଡ଼ିଶାରେ କୋଭିଡ୍ ସ୍ଥିତି ଏତେଟା ବିଚଳିତ କଲା ଭଳି ନୁହେଁ, କିନ୍ତୁ ସଂକ୍ରମଣ କେଉଁ ମୁହୂର୍ତ୍ତରେ ବି ବଢ଼ିଯାଇପାରେ। ଏହାକୁ ନଜରରେ ରଖି ଆଗୁଆ ସତର୍କ ହେଲାଣି ସ୍ୱାସ୍ଥ୍ୟ ବିଭାଗ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରଥଯାତ୍ରା ପାଇଁ ଦିନେ ଦୁଇଦିନ ମଧ୍ୟରେ ସମୀକ୍ଷା ହେବ। ଏହି ସମୀକ୍ଷା ବୈଠକ ପରେ ନିଷ୍ପତ୍ତି ନିଆଯିବ। ଏହି ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ। ସେମାନେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତେବେ ରାଜ୍ୟବାସୀଙ୍କୁ ସତର୍କ ରହିବା ଲାଗି ଆହ୍ୱାନ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଷ୍ଟାଣ୍ଡାର୍ଡ ପ୍ରୋଟୋକଲ୍ ମାନିବାକୁ ପରାମର୍ଶ ଜାରି କରିଛି। ଲୋକଙ୍କୁ ଗହଳିକୁ ନ ଯିବାକୁ ପରାମର୍ଶ ଦିଆଯାଉଥିବା ବେଳେ ହାତ ଧୋଇବା, ଗ୍ଲୋବ୍‌ସ ପିନ୍ଧିବା ଓ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି।

ସ୍ୱାସ୍ଥ୍ୟ ବିଭାଗର ଏଭଳି ପ୍ରସ୍ତୁତିକୁ ଦେଖିଲେ ଆସନ୍ତା ରଥଯାତ୍ରା କିପରି ହେବ, ତାକୁ ନେଇ ମମସ୍ତଙ୍କ ମନରେ ଚିନ୍ତା ବଢ଼ିଲାଣି। ପୁରୀ ରଥଯାତ୍ରାକୁ କେବଳ ରାଜ୍ୟ ନୁହେଁ, ଦେଶ ବିଦେଶରୁ ମଧ୍ୟ ଭକ୍ତ ଆସିଥା'ନ୍ତି। ଯେହେତୁ ବର୍ଷକୁ ଥରେ ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇଥା'ନ୍ତି ତେଣୁ ତାଙ୍କୁ ସବୁ ଧର୍ମ ଏବଂ ବର୍ଗର ଲୋକ ଦର୍ଶନ କରିବାର ସୁଯୋଗ ପାଇଥା'ନ୍ତି। ତେଣୁ ଅଣହିନ୍ଦୁମାନଙ୍କ ପାଇଁ ଏହା ଏକ ଭଲ ସୁଯୋଗ ଆଣିଦେଇଥାଏ। ଏଥିପାଇଁ ରଥଯାତ୍ରାରେ ବହୁ ବିଦେଶୀ ଭକ୍ତଙ୍କୁ ମଧ୍ୟ ଦେଖିବାକୁ ମିଳେ। ସେହିପରି ଭାରତର ବିଭିନ୍ନ ରାଜ୍ୟର ହଜାରହଜାର ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାର ମୂକସାକ୍ଷୀ ପାଲଟିଥା'ନ୍ତି। ବର୍ତ୍ତମାନ ଭାରତର କିଛି ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଯଦି ସେହି ରାଜ୍ୟରୁ ଭକ୍ତ ଆସନ୍ତି, ତେବେ ଏଠି ସଂକ୍ରମଣ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ଏମିତି ବି ପୁରୀର ପଡ଼ୋଶୀ ଜିଲ୍ଲା ଖୋର୍ଦ୍ଧାରେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ ପାଇଁ ଯେ କୋଭିଡ୍ ଆଶଙ୍କା ନ ରହିବ, ତାହା କହିହେବ ନାହିଁ।

# ଭାଙ୍ଗିଦେଲେ ଶ୍ରୀମନ୍ଦିର ଐତିହ୍ୟ କୀର୍ତ୍ତିରାଜି

■ ଉତ୍ତରଦ୍ୱାର ପାର୍ଶ୍ୱ ପାଦପଦ୍ମସ୍ଥଳୀ ଭାଙ୍ଗିବାକୁ ନେଇ ଉଦ୍‌ବେଗ
■ ରାମ୍ପ କାମ ଆମେ କରୁନୁ: ଏଏସ୍‌ଆଇ

**ପୁରୀ, ୨।୬ (ସମିସ):** ଭାଙ୍ଗିଦେଲେ ଶ୍ରୀମନ୍ଦିରର ଐତିହ୍ୟ କୀର୍ତ୍ତିରାଜି। ଉତ୍ତରଦ୍ୱାର ପାର୍ଶ୍ୱରେ ଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସ୍ମାରକୀ ପାଦପଦ୍ମସ୍ଥଳୀକୁ ନଷ୍ଟ କରିଦେଲେ। ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧାରେ ଦର୍ଶନ ନିମନ୍ତେ ରାମ୍ପ ଏବଂ ଶିଢ଼ି ନିର୍ମାଣ ଚାଲିଛି। ଏଥିପାଇଁ ପାଦପଦ୍ମସ୍ଥଳୀକୁ ଭାଙ୍ଗି ଦିଆଯାଇଛି। ପରିଚାଳନା କମିଟି ନ ଥିବା ଏବଂ ଛତିଶା ନିଯୋଗରେ କୌଣସି ଆଲୋଚନା ହୋଇ ନଥିବା ବେଳେ କିଭଳି ଏହାକୁ ଭାଙ୍ଗି ଦିଆଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟ ନଷ୍ଟ କରିବା ସହ ନବକଳେବର ସମୟରେ ଦାରୁ ଶଗଡ଼ି ଯାତାୟାତରେ ସମସ୍ୟା ତଥା ଶାସ୍ତ୍ରୀୟ ବିଧିବିଧାନର ବ୍ୟବସ୍ଥାକୁ ଭଙ୍ଗାଯିବା ଦୁର୍ଭାଗ୍ୟ ଓ ନିନ୍ଦନୀୟ ବୋଲି ସାଧାରଣଲୋକ କହିଛନ୍ତି। ଏହାସହ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

ଶ୍ରୀମନ୍ଦିର ସଂସ୍କୃତି, ପରମ୍ପରା ବେଶ୍ ଐତିହାସିକ ଓ ପ୍ରାଚୀନ। ତେଣୁ ମହାପ୍ରଭୁଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ରଖି ଭକ୍ତମାନେ ଛୁଟି ଆସନ୍ତି ଶ୍ରୀମନ୍ଦିର। ଯେଉଁମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ରହିଥା'ନ୍ତି। ତେଣୁ ସେମାନଙ୍କ ସୁବିଧା ପାଇଁ ଉତ୍ତର ଦ୍ୱାରଠାରେ ନିର୍ମାଣ ହେଉଛି ସ୍ୱତନ୍ତ୍ର ରାମ୍ପ୍। ଗତ କିଛି ଦିନ ହେବ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ନୂତନ ଶିଢ଼ି ମଧ୍ୟ କରାଯାଉଛି। ସେଠାରେ ଥିବା ପାଦପଦ୍ମସ୍ଥଳୀକୁ ଭଙ୍ଗାଯାଇଛି। ଏହା ଜଣାପଡ଼ିବା ପରେ ଏହା ପରମ୍ପରା ଓ ଶାସ୍ତ୍ର ବିରୋଧୀ ବୋଲି ମତ ପ୍ରକାଶ ପାଇଛି। ସେବାୟତମାନଙ୍କ ସହ ବିନା ଆଲୋଚନାରେ ଏପରି ନିର୍ମାଣ ଓ ଐତିହ୍ୟ ପାଦପଦ୍ମସ୍ଥଳୀକୁ ଭାଙ୍ଗିବା ଦୁର୍ଭାଗ୍ୟଜନକ। କିଛି ନ୍ୟସ୍ତସ୍ୱାର୍ଥ ଠିକାଦାରଙ୍କ ସହ ସଲାସୁତରା ସାଜି ଶ୍ରୀମନ୍ଦିର ପ୍ରଶାସନ ଏପରି ଲୁଟ୍‌ପାଟ୍ କରିଥିବା ଅଭିଯୋଗ କରିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉତ୍ତରଦ୍ୱାର ଦେଇ ଦିବ୍ୟାଙ୍ଗମାନେ ଯେପରି ମହାପ୍ରଭୁଙ୍କୁ ସହଜରେ ଦର୍ଶନ କରିପାରିବେ, ସେଥିଲାଗି ରାମ୍ପ ତିଆରି ହେଉଛି। ଏହାକୁ ସାଧାରଣରେ ସ୍ୱାଗତ କରାଯାଇଛି। ମାତ୍ର ପାଦପଦ୍ମସ୍ଥଳୀ ଭାଙ୍ଗିବାକୁ ସହଜରେ କେହି ବି ହଜମ କରିପାରୁନାହାନ୍ତି। ଏହାବ୍ୟତୀତ ନିର୍ମାଣ ହୋଇଥିବା ନୂତନ ଶିଢ଼ି ଆଗାମୀ ନବକଳେବର ସମୟରେ ଅସୁବିଧା ସୃଷ୍ଟି କରିବ। ବିଶେଷକରି ଦାରୁ ଶଗଡ଼ି ଯିବା ସମୟରେ ଏହି ଅସୁବିଧା ଦେଖାଯିବ। ଏସବୁକୁ ଅଣଦେଖା କରି ସୁବିଧା ସୃଷ୍ଟି କରିବା ଆଳରେ ଐତିହ୍ୟ ନଷ୍ଟ କରିବା କେତେ ଠିକ୍ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ କରିବା ସହ ଦୋଷୀ ବିରୋଧରେ ଦଣ୍ଡବିଧାନ କରିବାକୁ ଦାବି ହୋଇଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍‌ଆଇର ଜଣେ ଅଧିକାରୀ କହିଛନ୍ତି, ଏହା ଆମ କାମ ନୁହେଁ। ଶ୍ରୀମନ୍ଦିର ପ୍ରଶାସନ ତା'ର ଏହି କାମ କରୁଛି। ଏଥିରେ ଆମର କୌଣସି ଭୂମିକା ନାହିଁ।

ସୂଚନାଥାଉ କି, ଶ୍ରୀଚୈତନ୍ୟ ମହାପ୍ରଭୁ ଯେତେବେଳେ ୧୮ ବର୍ଷ ଧରି ପୁରୀର ଗୌରଗମ୍ଭୀରାରେ ଅବସ୍ଥାନ କରୁଥିଲେ, ସେହି ସମୟରେ ପ୍ରତ୍ୟହ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରକୁ ଯାଇଥା'ନ୍ତି। ଭକ୍ତି ଭାବରେ ବିଭୋର୍ ହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଅବସରରେ ତାଙ୍କ ପାଦ୍ମପଦ୍ମର ଚିହ୍ନ ଗରୁଡ଼ ସ୍ତମ୍ଭ ପଛପଟେ ରହିଯାଇଥିଲା। ପରବର୍ତ୍ତୀ କାଳରେ ସେହି ପାଦପଦ୍ମକୁ ସ୍ଥାନାନ୍ତର କରି ଉତ୍ତର ପାଶ୍ୱର୍ସ୍ଥ ଭିତର ବେଢ଼ାରେ ଅବସ୍ଥାପିତ କରାଯାଇଥିଲା। ବହୁ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ସନ୍ଥ ପ୍ରତିଦିନ ଶ୍ରୀଚୈତନ୍ୟଙ୍କ ପାଦପଦ୍ମକୁ ଦର୍ଶନ କରିବାକୁ ଶ୍ରୀମନ୍ଦିରକୁ ଯାଇଥା'ନ୍ତି। ହେଲେ ତାହାକୁ ଏବେ ଭାଙ୍ଗି ଦିଆଯାଇଛି।

■ ସେମିନାରୀ ଫାଦର ଏବଂ ମହିଳା ରୋଷେୟାଙ୍କୁ ଆକ୍ରମଣ

# ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

**ଭୁବନେଶ୍ୱର,୨।୬(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଚାରବାଟୀ ସେମିନାରୀର ଫାଦର ଏବଂ ମହିଳା ରୋଷେୟାଙ୍କୁ ହୋଇଥିବା ଆକ୍ରମଣ ଓ ଟଙ୍କା ଲୁଟ୍ ଘଟଣାକୁ ଅତ୍ୟନ୍ତ ବର୍ବରୋଚିତ ଓ ଅମାନୁଷିକ କହିଛି ରାଜ୍ୟ କଂଗ୍ରେସ। ଏହି ଘଟଣାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି ଅନୁଧ୍ୟାନ କମିଟିରେ ବିଧାୟକ ସିଏସ୍ ରାଜନ ଏକ୍କା ଅଧ୍ୟକ୍ଷ ଥିବାବେଳେ ଜୟଶଙ୍କର ମିଶ୍ର, ଅମୀତା ବିଶ୍ୱାଳ, ଇଂ ଦିଲୀପ ଦୁରିଆ, କେଦାର ବରିହା, ଦୁର୍ଗା ପାଢ଼ୀ ସଭ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଉକ୍ତ କମିଟି ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ତ ତଥ୍ୟ ଅନୁଧ୍ୟାନ କରିବେ ଓ ଏହି ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଉଧାର ଟଙ୍କା ଫେରିପାଇବେ ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ । କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ । ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ । ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି । ପରିବାରକୁ ସମୟ ଦେବେ । ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ । ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତି ହୋଇପାରନ୍ତି ।

**କର୍କଟ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ । ପରିବାରର ଦାୟିତ୍ୱଭାର ବଢ଼ିବ । ବ୍ୟବସାୟ ଆରମ୍ଭ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକ ହେବ ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ । ସମ୍ମାନ ହାନି ଯୋଗ ଅଛି । ଚାଷ କ୍ଷେତ୍ରରେ ଲାଭ ମିଳିବ । ଘରେ ପୂଜାପାଠ ଆୟୋଜନ କରିବେ । ଚକ୍ଷୁ ସମସ୍ୟା ହୋଇପାରେ ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି । ଧନପ୍ରାପ୍ତି ଯୋଗ ରହିଛି । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ବିଦେଶ ଯାତ୍ରା କରିପାରନ୍ତି । ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ । ଶିକ୍ଷା କ୍ଷେତ୍ରରେ ସଫଳତା ମିଳିପାରେ । ନୂତନ ଯାନବାହନ କିଣିପାରନ୍ତି । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ଦୀର୍ଘ ଦିନର ଆଶା ପୂରଣ ହେବ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବିବାହ ସମସ୍ୟା ସମାଧାନ ହେବ । ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ । ଆଳସ୍ୟ ଅନୁଭବ କରିପାରନ୍ତି । ପ୍ରେମରେ ବିଫଳ ହୋଇପାରନ୍ତି ।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । କୌଣସି ନୂଆ କାମ ଆରମ୍ଭ କରିପାରନ୍ତି ।

**ମକର:** କର୍ମତତ୍ପର ରହିବେ । ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ । କର୍ମକ୍ଷେତ୍ରରେ କାମ ଚାପ ରହିବ । ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ । କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ । ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ । ନୂଆ ଯୋଜନା କରିପାରନ୍ତି । ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପଢ଼ା ପାଇଁ ଅର୍ଥ ନିବେଶ କରିବେ । ଧାର କରଜରୁ ଦୂରେଇ ରହିବେ । ପାରିବାରିକ ସମସ୍ୟାର ସମାଧାନ ହେବ । ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ ।

## ଆଜିର ଇତିହାସ

- ୧୯୧୫- ବ୍ରିଟିଶ ସରକାର ରବୀନ୍ଦ୍ରନାଥ ଟାଗୋରଙ୍କୁ ନାଇଟ୍‌ହୁଡ୍ ଉପାଧି ପ୍ରଦାନ କଲେ ।
- ୧୯୪୭-ଭାରତର ଶେଷ ଭାଇସରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତ ବିଭାଜନ ପାଇଁ ଘୋଷଣା କଲେ ।
- ୧୯୫୯-ସିଙ୍ଗାପୁରକୁ ସେଲଫ୍ ଗଭର୍ଣ୍ଣିଂ ଷ୍ଟେଟ୍ ଭାବେ ଘୋଷଣା କରାଗଲା ।
- ୨୦୦୫- ସୁରକ୍ଷା ପରିଷଦରେ ଭାରତର ଦାବିଦାରୀ ପାଇଁ ଫ୍ରାନ୍ସ ସମର୍ଥନ କଲା ।

# ବିଶ୍ୱ ସାଇକଲ ଦିବସ



ନିୟମିତ ସାଇକଲ ଚାଳନା ଶରୀରକୁ ସୁସ୍ଥ ଏବଂ ଫିଟ୍ ରଖେ । ସାଇକଲ କେବଳ ବ୍ୟକ୍ତିର ପରିବହନର ମାଧ୍ୟମ ନୁହେଁ, ବରଂ ଉତ୍ତମ ସ୍ୱାସ୍ଥ୍ୟର ସାଥୀ ପାଲଟି ଯାଇଛି । ସାଇକଲର ବ୍ୟବହାରକୁ ବହୁଳ ଭାବେ ବଢ଼ାଇବା ପାଇଁ ଜୁନ୍ ୩ ତାରିଖକୁ 'ବିଶ୍ୱ ସାଇକଲ ଦିବସ' ଭାବରେ ଘୋଷଣା କରିଛି 'ମିଳିତ ଜାତିସଂଘ' । କୁନି କୁନି ପିଲା ତଥା ଯୁବଗୋଷ୍ଠୀଙ୍କୁ ସାଇକଲ ଚାଳନା ପାଇଁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ମିଳିତ ଜାତିସଂଘର ସାଧାରଣ ସଭା ଜନ ସଚେତନତା ସୃଷ୍ଟି କରିବା ପାଇଁ ୨୦୧୮ ରେ 'ବିଶ୍ୱ ସାଇକଲ ଦିବସ' ପାଳନ କରିବା ଆରମ୍ଭ କରିଥିଲା । ଏବେ ସାଇକେଲ ଅଛି ସତ । କିନ୍ତୁ ଗଡ଼ିବା ଅବସ୍ଥାରେ ନାହିଁ । ସହରର ରାସ୍ତାଗୁଡ଼ିକରେ ବହୁତ କମ୍ ସଂଖ୍ୟାରେ ସାଇକଲ ଦେଖିବାକୁ ମିଳୁଛି । ଦୁଇଚକିଆ, ଚାରିଚକିଆ ଗାଡ଼ିର ହର୍ଣ୍ଣ ମଧ୍ୟରେ ହଜିଗଲାଣି ସାଇକଲ କ୍ରିଂ କ୍ରିଂ ଶବ୍ଦ । ଅତି ଗରିବ ଶ୍ରେଣୀର ଲୋକେ ମଧ୍ୟ ସାଇକଲ ଛାଡ଼ି ମୋଟର ସାଇକଲ ଚଢ଼ିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଶରୀରକୁ ସୁସ୍ଥ ରଖିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ 'ବିଶ୍ୱ ସାଇକଲ ଦିବସ' ପାଳନ କରାଯାଉଛି । ସାରା ବିଶ୍ୱରେ ନେଦରଲ୍ୟାଣ୍ଡ ଏକମାତ୍ର ଦେଶ, ଯେଉଁଠି ଆଜି ବି ସାଇକଲ ଅଧିକ ଭାବେ ବ୍ୟବହାର କରାଯାଇଥାଏ । ଏହି ଦେଶର ସରକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଇକଲ ଚଳାଇବା ଉପରେ ସେଠାକାର ନାଗରିକଙ୍କୁ ପରାମର୍ଶ ଦେଇଥାନ୍ତି । ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସାଇକଲ ଚଳାଇ ତାଙ୍କ କାର୍ଯ୍ୟାଳୟକୁ ଆସନ୍ତି । ସାଇକଲ ଚଳାଇବା ଦ୍ୱାରା ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ । ଏହା ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍‌କୁ ଭଲ ରଖିବାରେ ସାହାଯ୍ୟ କରେ । ନିୟମିତ ଅଧଘଣ୍ଟା ସାଇକଲ ଚଳାଇବା ଦ୍ୱାରା ପେଟର ଚର୍ବି ହ୍ରାସ ପାଇଥାଏ । କେବଳ ସେତିକି ନୁହେଁ, ନିୟମିତ ସାଇକଲ ଚଳାଇବା ଦ୍ୱାରା ଶରୀରର ଇମ୍ୟୁନୋ ସିଷ୍ଟମ୍ ଠିକ୍ ଭାବେ କାମ କରିଥାଏ । ୧୯୬୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ସାଇକଲର ସମୟ ଥିଲା । ଏବେ କିନ୍ତୁ ସାଇକଲ କେବଳ ବ୍ୟାୟାମ କରିବା ଉଦ୍ଦେଶ୍ୟରେ ତଥା ଆଥ୍‌ଲେଟିକ୍ସମାନଙ୍କ ଦ୍ୱାରା ବ୍ୟବହାର କରାଯାଉଛି । ସମୟ ସହ ତାଳ ଦେଇ ସାଇକଲରେ ଅନେକ ପରିବର୍ତ୍ତନ ଆସିଛି । ଦିନ ଥିଲା 'ରାଲେ', 'ଆଟ୍‌ଲାସ୍', 'ହରକ୍ୟୁଲେସ୍'ଏବଂ 'ହିରୋ' ପରି କିଛି କମ୍ପାନୀ ନିଜ ସାଇକେଲ ବ୍ରାଣ୍ଡ ଭାବେ ଲୋକମାନଙ୍କ ମଧ୍ୟରେ ଛାପ ସୃଷ୍ଟି କରିଥିଲେ । କିନ୍ତୁ ଜଗତୀକରଣ ପରେ ବିଶ୍ୱର ନାମୀଦାମୀ କମ୍ପାନୀର ସାଇକଲ ଏବେ ହାତ ପାହାନ୍ତାରେ ମିଳି ପାରୁଛି । ଅଳ୍ପ ଦୂରରେ ଥିବା ସ୍ଥାନଗୁଡ଼ିକୁ ଯିବା ଆସିବା ପାଇଁ ବାଇକ୍ କିମ୍ବା ଚାରିଚକିଆ ଯାନ ପରିବର୍ତ୍ତେ ସାଇକଲ୍ ବ୍ୟବହାର କରିବା ଦ୍ୱାରା ଦିନକୁ ହଜାର ହଜାର ଲିଟରର ପେଟ୍ରୋଲ୍ ଓ ଡିଜେଲ୍ ନଷ୍ଟ ହେବାରୁ ରକ୍ଷା ମିଳିବା ସହ ପ୍ରଦୂଷଣ ସ୍ତର ମଧ୍ୟ ହ୍ରାସ ପାଇବ । ସାଇକଲକୁ ଓଡ଼ିଆରେ ଆଗରୁ 'ଶୁନଗାଡ଼ି' କୁହାଯାଉଥିଲା । ଏବେ ଏହି ଶବ୍ଦ ପ୍ରାୟତଃ ମୃତ । ତେବେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ସାଇକଲ ଦିବସ ପାଳନ କରି ଏହାର ବ୍ୟବହାରକୁ ବଢ଼ାଇବା ପାଇଁ ପ୍ରୋତ୍ସାହିତ କରନ୍ତି ସାଇକଲ ପ୍ରେମୀ । ସେହିଭଳି ଏହି ଦିନ ସାଇକଲ ର୍‍ୟାଲି, ପୋଷ୍ଟର ପ୍ରତିଯୋଗିତା, ବିତର୍କ, ନିବନ୍ଧ ଲିଖନ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଏ ।

# 'ରାମାୟଣ' ସୁଟିଂ ସେଟ୍‌ରୁ ଆସିଲା ଯଶ୍‌ଙ୍କ ଫଟୋ

ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ'ରେ ରଣବୀର କପୁର ଭଗବାନ ରାମ, ସାଇ ପଲ୍ଲବୀ ସୀତା ଓ ଯଶ୍ ରାବଣ ଭୂମିକାରେ ନଜର ଆସିବେ । ଫିଲ୍ମର ବଜେଟ୍ ରହିଛି ୮୩୫ କୋଟି । ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଅବସରରେ ରିଲିଜ୍ ହେବାକୁ ଥିବାବେଳେ ଏହାର ଦ୍ୱିତୀୟ ପାର୍ଟ ଦୀପାବଳି ୨୦୨୭ ରେ ଆସିବ । ପୂର୍ବରୁ ରଣବୀର ଓ ସାଇ ପଲ୍ଲବୀଙ୍କ ସୁଟିଂ ସେଟ୍‌ର ଫଟୋ ଭାଇରାଲ ହୋଇଥିବାବେଳେ ଏବେ ଯଶ୍‌ଙ୍କ ଫଟୋ ସାମ୍ନାକୁ ଆସିଛି । ରାବଣ ଭୂମିକାରେ ନଜର ଆସିବା ପାଇଁ ଯଶ୍ ଅପେକ୍ଷାକୃତ ଲମ୍ବା ଦାଢ଼ି ରଖିଥିବାର ଦେଖାଯାଇଛନ୍ତି । ଫଟୋରୁ ସେ କୌଣସି ଏକ ସିନ୍ ସୁଟ୍ ପାଇଁ ପ୍ରସ୍ତୁତି ଚଳାଇଥିବା ଲାଗୁଛି । ଯଶ୍‌ଙ୍କ ସହ ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟର ଗାଏ ନରିସ୍ ମଧ୍ୟ ଦେଖାଯାଇଛନ୍ତି । ନରିସ୍ ଏବେ ଭାରତ ଆସିଛନ୍ତି । ସେ 'ରାମାୟଣ'ର ହାଇ ଆକ୍ସନ୍ ସିନ୍‌ଗୁଡ଼ିକର କୋରିଓଗ୍ରାଫି ଦାୟିତ୍ୱରେ ଅଛନ୍ତି । ତେବେ ଯଶ୍‌ଙ୍କୁ 'ରାମାୟଣ'ର ପ୍ରଥମ ପାର୍ଟ ପାଇଁ ୬୦ରୁ ୭୦ ଦିନ ସୁଟ୍ କରିବାକୁ ପଡ଼ିବ । 'କେଜିଏଫ୍-୨' ପରେ ଯଶ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଅଛନ୍ତି । 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ସେ ପରଦାକୁ ଫେରିବେ ବୋଲି କୁହାଯାଉଛି । ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ।



# ରଖେ ହରି, ମାରେ କିଏ



କଥାରେ ଅଛି, 'ରଖେ ହରି, ତ ମାରେ କିଏ !', ଯାହାର ଅର୍ଥ ଯଦି ଭଗବାନ ଜଣକୁ ରକ୍ଷା କରିବାକୁ ଚାହିଁବେ, ସଂସାରର କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ । ନିକଟରେ ଚୀନ୍‌ର ଜଣେ ମହିଳାଙ୍କ କ୍ଷେତ୍ରରେ ଏଭଳି କିଛି ଘଟଣା ଘଟିଛି । ଜିୟାଂସିରେ ରହୁଥିବା ୪୪ ବର୍ଷୀୟା ପେଙ୍ଗ ହୁଇଫାଙ୍ଗ ସିଧାସଳଖ ମୃତ୍ୟୁମୁଖରୁ ବଞ୍ଚି ଯାଇଛନ୍ତି । ପେଙ୍ଗ ୧୨ ମହଲାରୁ ତଳକୁ ଖସି ପଡ଼ି ବି ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ୧୨ ମହଲା ଉପରୁ ତଳକୁ ଖସିବା ପରେ ପେଙ୍ଗ ତାଙ୍କ ସ୍ୱାମୀଙ୍କୁ ଜୋର୍‌ରେ ପାଟି କରି କହିଥିଲେ, 'ମୁଁ ଏବେ ଜୀବିତ ଅଛି । ୧୨୦ ନମ୍ବରରେ କଲ୍ କର ।' ଘଟଣାଟି କିଛି ଏହିପରି- ପେଙ୍ଗଙ୍କ ସ୍ୱାମୀ ବିଲ୍ଡିଂଗୁଡ଼ିକରେ ଝରକା ଲଗାଇବା କାମ କରନ୍ତି । ଗତ ମେ' ୧୩ ତାରିଖରେ ପେଙ୍ଗଙ୍କୁ ତାଙ୍କ ସ୍ୱାମୀ ଜଣେ ଗ୍ରାହକଙ୍କ ବାଲକୋନିରେ ସିଲିଂ କରିବାକୁ ସାହାଯ୍ୟ ମାଗିଥିଲେ । ପେଙ୍ଗ ସୁରକ୍ଷିତ କୋଠରୀ ଅଛି ଭାବି ସେଫ୍ଟି ବେଲ୍ଟ ପିନ୍ଧି ନ ଥିଲେ । ପେଙ୍ଗଙ୍କ ସ୍ୱାମୀ କ୍ରେନ୍ ଦ୍ୱାରା ୧୨ ମହଲା ଉପରକୁ ଏକ ଝରକାକୁ ଉଠାଉଥିଲେ । ଝରକାଟି ଅଧିକ ଓଜନ ଥିଲା । ଝରକାଟି ଉପରକୁ ଉଠିବାବେଳେ ଏକ ଗଛ ଦେହରେ ଲାଖିଯାଇ ତଳକୁ ଖସି ପଡ଼ିଥିଲା । ଅନ୍ୟପକ୍ଷରେ ଝରକାକୁ ଉପରୁ ଟାଣୁଥିବା ପେଙ୍ଗ ମଧ୍ୟ ତଳକୁ ଖସି ପଡ଼ିଥିଲେ । ତଳକୁ ଖସିବା ସମୟରେ ପେଙ୍ଗଙ୍କୁ ସେ ଆଉ ବଞ୍ଚିବେନି ବୋଲି ଲାଗିଥିଲା । ହେଲେ ସୌଭାଗ୍ୟବଶତଃ ଯେଉଁଠି ସେ ପଡ଼ିଥିଲେ, ସେଠାରେ ଏକ କମ୍ପାନୀର ଟେଣ୍ଟର ଛତା ଭାଙ୍ଗିଯାଇ ପଡ଼ିଥିଲା । ପେଙ୍ଗ ତାହା ଉପରେ ପଡ଼ିଥିଲେ । ତାଙ୍କୁ ତୁରନ୍ତ ହସ୍‌ପିଟାଲ ନିଆଯାଇଥିଲା । ତାଙ୍କର ଡାହାଣ ଗୋଡ଼, ବାମ ଗୋଡ଼ ଏବଂ ପିଠିର ତଳଭାଗର ହାଡ଼ ଭାଙ୍ଗି ଯାଇଥିବା କଥା ଡାକ୍ତର କହିଥିଲେ । ଏଯାବତ୍ ପେଙ୍ଗଙ୍କ ପରିବାର ଲୋକେ ତାଙ୍କ ଚିକିତ୍ସାରେ ୧୦ହଜାର ଆମେରିକୀୟ ଡଲାର ଖର୍ଚ୍ଚ କରିସାରିଲେଣି । ତାଙ୍କ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ଏବେ ସାହାଯ୍ୟ ମାଗୁଛନ୍ତି । ଆଉ ଛଅ ମାସ ପରେ ସେ ଚାଲିବା ଆରମ୍ଭ କରିଦେବେ ବୋଲି ପେଙ୍ଗଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ କହୁଛନ୍ତି । ତେବେ ଏଥିରେ ତାଙ୍କର ଓ ତାଙ୍କ ସ୍ୱାମୀଙ୍କର ଭୁଲ ଥିବାରୁ ସେ ଗ୍ରାହକଙ୍କୁ କୌଣସି କ୍ଷତିପୂରଣ ମାଗିବେ ନାହିଁ ବୋଲି ପେଙ୍ଗ କହିଛନ୍ତି ।

# ସୁବର୍ଣ୍ଣା



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଅନେକ ସ୍ଥାନରେ, ବର୍ଷା ହୋଇଯାଇଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ ।
- ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ । ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ ।
- ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡ଼ି ଦୂରରେ ପୋଡ଼ି ନଷ୍ଟ କରିଦିଅନ୍ତୁ । ରୋଗର ବାହକ ଜଉପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥିୟାମିଥୋକ୍ସାମ କିମ୍ବା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଆମ୍ବଗଛରେ ଫଳ ମାଛିର ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ।

# ଜଳବାୟୁ ପରିବର୍ତ୍ତନ ଓ ସାମୂହିକ ବିହନ ବ୍ୟାଙ୍କ

ଦେଶର ବିକାଶରେ କୃଷିକାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ହେଲେ ଏବେ ଜଳବାୟୁ ପରିବର୍ତ୍ତନ ଖାଦ୍ୟ ଶୃଙ୍ଖଳାକୁ ବିଗାଡ଼ି ସମାଜ ପାଇଁ ସଙ୍କଟ ସୃଷ୍ଟି କରିବା ସହ ବୀଜ ଉତ୍ପାଦନ ଏବଂ ସଂରକ୍ଷଣ ପାଇଁ ଗୁରୁତର ବିପଦ ସୃଷ୍ଟି କରିଛି । ଏପରି ପରିସ୍ଥିତିରେ ସାମୂହିକ ବିହନ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । 'ସାମୂହିକ ବିହନ ବ୍ୟାଙ୍କ' ଜିନ୍ ବ୍ୟାଙ୍କର ଏକ ରୂପ । ଏହି ବ୍ୟାଙ୍କଗୁଡ଼ିକରେ ବିହନ ସଂଗ୍ରହ, ସଂରକ୍ଷଣ ଏବଂ ବଣ୍ଟନର ଏକ ସୁବିକଶିତ ବ୍ୟବସ୍ଥା ଅଛି ।

ସାମୂହିକ ବିହନ ବ୍ୟାଙ୍କଗୁଡ଼ିକ ସ୍ୱୟଂସହାୟକ ଗୋଷ୍ଠି, ଏନ୍‌ଜିଓ ଓ ସ୍ଥାନୀୟ କୃଷକମାନଙ୍କ ଦ୍ୱାରା ପରିଚାଳିତ ସୁବ୍ୟବସ୍ଥିତ ସଂସ୍ଥାନ । ଏହି ସଂସ୍ଥାନଗୁଡିକ ଦେଶୀ ତଥା ଜଳବାୟୁ ପରିବର୍ତ୍ତନ ସହଣୀ କିସମ ଏବଂ ଏହା ସମ୍ବନ୍ଧୀୟ ଜ୍ଞାନର ସଂରକ୍ଷଣ କରିଥାନ୍ତି । ଆଜି ପର୍ଯ୍ୟନ୍ତ ସମୁଦାୟ ୭୧ ପ୍ରକାର ଫସଲର ୮୮୭ ଜଳବାୟୁ ପରିବର୍ତ୍ତନ ସହଣୀ କିସମ ସଂରକ୍ଷଣ କରିଛନ୍ତି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୋଷ୍ଠୀ ତଥା ସାମୂହିକ ବିହନ ବ୍ୟାଙ୍କ ଓ ବିହନ ସଂରକ୍ଷଣ କେନ୍ଦ୍ରମାନେ ପାଣ୍ଠିଯୋଗାଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ନୀତି ସହାୟତା ସମ୍ବନ୍ଧୀୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଏହା ବ୍ୟତୀତ ସେମାନଙ୍କୁ ପରିବର୍ତ୍ତିତ ମନୋବୃତ୍ତି, ପାରମ୍ପରିକ ମଞ୍ଜି ପ୍ରତି ଆଗ୍ରହ ହ୍ରାସ ପାଇ ହାଇବ୍ରିଡ୍ ଓ ଜେନେଟିକାଲି ମୋଡିଫାଏଡ୍ ମଞ୍ଜି ଆଗ୍ରହ ବୃଦ୍ଧି ଯୋଗୁଁ କିପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ସେ ନେଇ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ ଅବସରରେ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭର୍ଣ୍ଣମେଣ୍ଟ (ସିଏସ୍‌ଇ) ଏକ ରିପୋର୍ଟ ପ୍ରକାଶ କରିଛନ୍ତି । ଏଥିରେ ଯୁବଚାଷୀମାନଙ୍କର ଦେଶୀ କିସମ ପ୍ରତି ଅନାଦାର ଏବଂ ଅଧିକ ଲାଭର ପ୍ରତିଶ୍ରୁତି ଦେଉଥିବା ବାଣିଜ୍ୟିକ ମଞ୍ଜି ପସନ୍ଦ କରିବା କଥା ଉଲ୍ଲେଖ ରହିଛି । ତେଣୁ ସିଏସ୍‌ଇ ଚାଷୀଙ୍କୁ ବିହନ ସଂରକ୍ଷଣ, ଦେଶୀ କିସମ ବିହନ, ଜ୍ଞାନକୌଶଳକୁ ଉପଯୋଗ କରିବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି । ସେହିପରି ପାରମ୍ପରିକ କିସମର ବିହନ ସଂରକ୍ଷଣ କରୁଥିବା କୃଷକ ଏବଂ ସମ୍ପ୍ରଦାୟକୁ ଆନୁଷ୍ଠାନିକ ଭାବେ 'ଜୈବ ବିବିଧତାର ରକ୍ଷକ' ଭାବେ ସ୍ୱୀକୃତି ଦିଆଯିବା ଉଚିତ । ବିହନ ସଂରକ୍ଷଣକାରୀଙ୍କ ଉତ୍ସାହ ବଜାୟ ରଖିବା ପାଇଁ ଉପଯୁକ୍ତ ନୀତି ଏବଂ ଦେଶୀ ବିହନକୁ ଉପଯୁକ୍ତ ପରିଚୟ ମିଳିବା ଅତ୍ୟନ୍ତ ଜରୁରି । ଏହା ଏକ ସରକାରୀ ପ୍ରମାଣପତ୍ର ଭାବେ କାମ କରିବ । ସାମୂହିକ ବିହନ ସଂରକ୍ଷଣ କେନ୍ଦ୍ରଗୁଡ଼ିର ଦେଶୀ ବିହନ କିସମ ଏବଂ ଏହାର ଜ୍ଞାନ କୌଶଳକୁ ଉପଯୋଗ କରି ବିବିଧ କୃଷି ପ୍ରଣାଳୀ ଦ୍ୱାରା ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରାଯାଇପାରିବ ।



# ଲଙ୍କା ଗଛ ବଢୁ ନଥିଲେ



**ଅଧିକାଂଶ ଘର ବାଡ଼ି ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାନ୍ତି । ପରିବା ଚାଷ ମଧ୍ୟରେ ମୁଖ୍ୟତଃ ଲଙ୍କା ଗଛ ରହିବା ସାଧାରଣ କଥା । ତେବେ ଲଙ୍କା ଗଛ ଯଦି ବଢୁନଥାଏ ଏହି ଉପାୟ ଆପଣାଇ ପାରିବେ ।**

ଅନେକ ସମୟରେ ଲଙ୍କା ଗଛ ନ ବଢ଼ିବା, ପତ୍ରାକାର ଛୋଟ, ଫୁଲ ଓ ଫଳ ଆସିବାରେ ବିଳମ୍ବ ଆଦି ଲକ୍ଷଣ ଦେଖାଯାଏ । ଏହି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ଉଚିତ ଯତ୍ନ ନେବା ଜରୁରି । ତେଣୁ ଗଛଟି ଅଧିକ ଉଚ୍ଚଆକାରରେ ବଢ଼ି ପାର୍ଶ୍ୱ ଶାଖା ଆସୁନଥିଲେ ଗଛଉପର କୋମଳ ଶାଖାକୁ କାଟିଲେ ନୂଆ ଶାଖା ଆସି ଗଛ ଘନ ହୋଇଯାଇଥାଏ । ଫୁଲ ଓ ଫଳ ମଧ୍ୟ ଅଧିକ ଆସିଥାଏ । ମୁଖ୍ୟତଃ ୧୫ରୁ ୨୦ ଦିନ ଅନ୍ତରରେ ଏହିପରି ଭାବେ କାଟି ପାରିବେ ।


**ସନ୍ତୁଳିତ ପୋଷାଣ:** ପୋଷଣତତ୍ତ୍ୱର ଅଭାବ ହେଲେ ଗଛ ବିକାଶରେ ବୃଦ୍ଧି ଘଟେ । ତେଣୁ ଆରମ୍ଭରୁ ନାଇଟ୍ରୋଜେନ୍‌ର ଆବଶ୍ୟକତା ଥାଏ । ଏହାପରେ ପତ୍ର ବଢ଼ିବା ତଥା ଫୁଲ ଓ ଫଳ ହେବାକୁ ଫସ୍‌ଫରସ୍ ଏବଂ ପଟାସିୟମ ଜରୁରି । ଏଥିପାଇଁ ପ୍ରତି ୧୫ ଦିନରେ ଗୋବର ଖତ କିମ୍ବା ଜିଆ ଖତ ପ୍ରୟୋଗ କରିପାରିବେ । ଫୁଲ ଆସିବା ସମୟରେ ଜୈବିକ ଖତ, ଏନ୍‌ପିକେ ସାର କିମ୍ବା ଘୋଳ କରି ସିଞ୍ଚିପାରିବେ । ଗଛକୁ ସୂର୍ଯ୍ୟାଲୋକ ୫ରୁ ୬ ଘଣ୍ଟା ପଡୁଛି କି ନାହିଁ ତାହାକୁ ଧ୍ୟାନ ଦେବା ଆବଶ୍ୟକ । ଯଦି ପତ୍ର ତଳେ ଧଳା ପୋକ, ଲାଲ୍ ମାଛି ଲାଗିଥିବାର ଦେଖନ୍ତି, ତେବେ ନିମ ତେଲ ସିଞ୍ଚନ କରିପାରିବେ । ଏଥିପାଇଁ ୫ ମିଲି ନିମତେଲ, ଏକ ଲିଟର ପାଣିରେ ମିଶାଇ ସପ୍ତାହକୁ ଥରେ ସିଞ୍ଚନ କରିପାରିବେ । ଗଛ ଚାରିପାଖେ ସଫା ଓ ଶୁଖିଲା ରଖିବା ଜରୁରି ।

# ମାଟି ତଳେ ଆଳୁ, ଉପରେ ଟମାଟୋ



କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଚାଷୀମାନେ ବିଭିନ୍ନ ପ୍ରକାର ଚାଷକାର୍ଯ୍ୟ କରୁଛନ୍ତି । ଏହି କ୍ରମରେ ଝାରଖଣ୍ଡ, ରାଞ୍ଚିର ଅନଗଡ଼ା ସ୍ଥିତ ମୋବାଇଲ ଏଗ୍ରିକଲଚର ସ୍କୁଲ ଆଣ୍ଡ ସର୍ଭିସେସ (ମାସ)ର ଫାର୍ମରେ ଆଳୁ ଫସଲରେ ଟମାଟୋ ଫଳୁଥିବା ଚର୍ଚ୍ଚାର ବିଷୟ ପାଲଟିଛି । ମାଟି ତଳେ ଆଳୁ ଗଛର ଉପ ଅଂଶରେ ଟମାଟୋ ଫଳିବା ପାଇଁ ପ୍ରଥମେ ଆଳୁ ବିହନରୁ ଗଛ ପ୍ରସ୍ତୁତ କରାଯାଇଥିଲା । ୨୦ ଦିନ ଯାଏଁ ମାଟି ତଳେ ଆଳୁକୁ ପୋତି ଦେବା ପରେ ଗଛ ପ୍ରସ୍ତୁତ ହୋଇଥିଲା । ସେହିପରି ପୃଥକଭାବେ ଟମାଟୋ ଗଛ ପ୍ରସ୍ତୁତ କରାଯାଇଥିଲା । ଆଳୁଗଛକୁ ମୂଳଠାରୁ ପ୍ରାୟ ଦୁଇ ଇଞ୍ଚ ଉପରକୁ କଟାଯାଇ ସେହି ସ୍ଥାନରେ ଟମାଟୋ ଗଛକୁ କଲମୀକରଣ କରାଯାଇଥିଲା । ଗଛକୁ ୭ଦିନ ଯାଏଁ ଅନ୍ଧାରରେ ରଖାଯାଇ ପରେ ଏହାକୁ ବିଭିନ୍ନ ସ୍ଥାନରେ ଲଗାଯାଇଥିଲା । ଆବଶ୍ୟକତା ଅନୁଯାୟୀ ଗଛମୂଳରେ ଖତ ଏବଂ କୀଟନାଶକ ପ୍ରୟୋଗ କରାଯାଇଥିଲା । ଜମିରେ ୨୫୦ ଗଛ କଲମୀକରଣରେ ଲଗାଯାଇଥିବା ବେଳେ ସମସ୍ତ ଗଛ ଜୀବିତ ରହିଥିଲା । ସଠିକ ଯତ୍ନ ଦ୍ୱାରା ଟମାଟୋ ଫଳିବାକୁ ଲାଗିଥିଲା । ଗୋଟେ ଗଛରୁ ପାଖାପାଖି ୨୫୦ରୁ ୩୦୦ ଗ୍ରାମ୍ ଆଳୁ ଅମଳ ହୋଇଥିଲାବେଳେ ୧୦ କିଲୋ ଟମାଟୋ ମିଳିଥିଲା ।

# ଅନ୍ତର୍ଜାତୀୟ କ୍ରିକେଟରୁ କ୍ଲାସେନ, ଦିନିକିଆରୁ ମ୍ୟାକ୍ସୱେଲଙ୍କ ଅବସର

ନୂଆଦିଲ୍ଲୀ,୨।୬ (ଏଜେନ୍ସି): ବିଶ୍ୱରେ ଖ୍ୟାତି ଲାଭ କରିଥିବା ଦୁଇଜଣ କ୍ରିକେଟ ଖେଳାଳି ଦକ୍ଷିଣ ଆଫ୍ରିକାର ହେନ୍‌ରିକ୍ କ୍ଲାସେନ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଓ ଅଷ୍ଟ୍ରେଲିଆର ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଆଜି ମୋ ଲାଗି ଏକ ଦୁଃଖର ଦିନ। ଦୀର୍ଘଦିନ ଧରି ଏ ସମ୍ପର୍କରେ ଚିନ୍ତା କରିବା, ପରିବାର ଓ ବନ୍ଧୁମାନଙ୍କ ସହ ପରାମର୍ଶ କରିବା ପରେ ଏହି ନିଷ୍ପତ୍ତି ନେଇଛି ବୋଲି କ୍ଲାସେନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି କହିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ୬୦ଟି ଦିନିକିଆ, ୫୮ଟି ଟି-୨୦ ଓ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବା ପରେ କ୍ଲାସେନ ଏହି ନିଷ୍ପତ୍ତି ନେଇଛନ୍ତି। ଏହା ପରେ ସେ ପରିବାର ସହ ଅଧିକ ସମୟ କାଟିପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଗ୍ଲେନ୍ ମ୍ୟାକ୍ସୱେଲ ୨୦୧୨ରେ ଡେବ୍ୟୁ କରି ଅଷ୍ଟ୍ରେଲିଆ ପକ୍ଷରୁ ୧୪୯ଟି ଦିନିକିଆ ମ୍ୟାଚ ଖେଳି ୩, ୯୯୦ ରନ୍ କରିଛନ୍ତି ଓ ୭୭ଟି ୱିକେଟ ନେଇଛନ୍ତି। କିନ୍ତୁ ୨୦୨୭ ବିଶ୍ୱକପ୍ ଖେଳିବାର ସମ୍ଭାବନା ନ ଥିବାରୁ ସେ ଦିନିକିଆ ଫର୍ମାଟରୁ ଅବସର ନେଇଛନ୍ତି। ୨୦୧୫ ଓ ୨୦୨୩ରେ ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇବାରେ ତାଙ୍କର ବଡ ଭୂମିକା ରହିଥିଲା। ବିଶେଷକରି ୨୦୨୩ ବିଶ୍ୱକପ୍‌ର ଆପଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସଂଗ୍ରହ କରିଥିବା ଅପରାଜିତ ୨୦୧ ରନ୍ ସବୁଦିନେ ସ୍ମରଣୀୟ ହୋଇ ରହିବ।

# ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ଭାରତରେ ମହିଳା ଦିନିକିଆ ବିଶ୍ୱକପ୍

ଦୁବାଇ,୨।୬ (ଏଜେନ୍ସି): ଚଳିତବର୍ଷ ଭାରତରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଏହି



ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ୫ଟି ଭେନ୍ୟୁରେ ଯଥା ବେଙ୍ଗାଲୁରୁ, ଗୁଆହାଟୀ, ଇନ୍ଦୋର, ବିଶାଖାପାଟଣା ଓ ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ। ଆଇସିସି ସହ ହୋଇଥିବା ବୁଝାମଣା ଅନୁଯାୟୀ ପାକିସ୍ତାନ ଗୋଟିଏ ହେଲେ ମ୍ୟାଚ୍ ଭାରତରେ ଖେଳିବ ନାହିଁ। ଏବେ ସୁଦ୍ଧା ଖେଳସୂଚୀ ପ୍ରକାଶ ପାଇ ନ ଥିଲେ ମଧ୍ୟ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲରେ ପ୍ରବେଶ କରେ ତେବେ କଲମ୍ବୋରେ ଏହି ଦଳ ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ରେ ଓ ଫାଇନାଲ ନଭେମ୍ବର ୨ରେ ଖେଳାଯିବ। ପାକିସ୍ତାନ ଲିଗ୍ ପର୍ଯ୍ୟାୟରେ ଅଟକିଲେ ଉପରୋକ୍ତ ମ୍ୟାଚ୍ ଦୁଇଟି ଯଥାକ୍ରମେ ଗୁଆହାଟୀ ଓ ବେଙ୍ଗାଲୁରୁରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ। ଏଗୁଡିକ ହେଲେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ। ୭ଥର ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଏବେ ଡିଫେଣ୍ଡିଂ ଚାମ୍ପିଅନ ରହିଛି।

# ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ମ୍ୟାଚ୍ ଡ୍ର

କାଣ୍ଟରବରୀ,୨।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ' ଏବଂ ଆୟୋଜକ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଏଠାରେ ଅନୁଷ୍ଠିତ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ-ଏ' କରୁନ ନାୟାରଙ୍କ ୨୦୪ ରନ୍ ସହାୟତାରେ ୫୫୭ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ଲାୟନ୍ସ ୫୮୭ ରନ୍ କରି ପ୍ରଥମ ଇନିଂସରେ ୩୦ ରନ୍‌ରେ ଆଗୁଆ ରହିଥିଲା। ଲାୟନ୍ସ ପକ୍ଷରୁ ଓପନର ଟମ୍ ହେନ୍ସ ୧୭୧, ମ୍ୟାକ୍ସ ହୋଲ୍ଡନ ୧୦୧ ଓ ଡାନ ମୁସ୍‌ଲୀ ୧୧୩ ରନ୍ କରିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ୩ଟି ଓ ଶାର୍ଦ୍ଦୁଳ ଠାକୁର ୨ଟି ୱିକେଟ ପାଇଥିଲେ। ଆଜି ସୋମବାର ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନରେ ଭାରତ-ଏ' ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୪୧ ରନ୍ କରିବା ପରେ ମ୍ୟାଚ ଡ୍ର ରହିଥିଲା। ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୬୪, ଅଭିମନ୍ୟୁ ଈଶ୍ୱରନ ୬୮ ରନ୍ କରିଥିଲେ। ଅନ୍ୟ ଦୁଇ ଖେଳାଳି ଧ୍ରୁବ ଜୁରେଲ ୫୩ ଓ ନୀତୀଶ କୁମାର ରେଡ୍ଡି ୫୨ ରନ୍‌ରେ ଅପରାଜିତ ରହିଥିଲେ। ଜୁନ୍ ୬ରୁ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବ।

# କଟକ-ଏ ୭ ୱିକେଟ୍‌ରେ ବିଜୟୀ



ଭୁବନେଶ୍ୱର, ୨।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍‌ରେ ସୋମବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରେଭେନଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏହି ମ୍ୟାଚରେ କଟକ-ଏ ୭ ୱିକେଟ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୮.୧ ଓଭରରେ ମାତ୍ର ୬୨ ରନରେ ଅଲ୍‌ଆଉଟ୍ ହୋଇଥିଲା। କଟକ-ଏ'ର ପିୟୂଷ ମନ୍ତ୍ରୀ ୩ ଓ ଅର୍ନବ ପଟ୍ଟନାୟକ ୨ଟି ୱିକେଟ୍ ନେଇଥିଲେ। ଜବାବରେ କଟକ-ଏ ଚୌଧୁରୀ ମହାନ୍ତିଙ୍କ ୩୪ ରନ ବଳରେ ୧୪.୨ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପିୟୂଷ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଆଇପିଏଲ୍-୧୮ର ଉଦ୍‌ଯାପନ ଆଜି

# ବେଙ୍ଗାଲୁରୁ-ପଞ୍ଜାବ ଗ୍ରାଣ୍ଡ ଫାଇନାଲ

ଅହମ୍ମଦାବାଦ୍,୨।୬ (ଏଜେନ୍ସି)



ରୟାଲଚ୍ୟାଲେଞ୍ଜର୍ସବେଙ୍ଗାଲୁରୁଓପଞ୍ଜାବକିଙ୍ଗସ ମଧ୍ୟରେ ଆଇପିଏଲ୍-୧୮ର ଗ୍ରାଣ୍ଡ ଫାଇନାଲ ସ୍ଥାନୀୟ ମୋଟେରା ଷ୍ଟାଡିୟମ୍‌ରେ ଆସନ୍ତାକାଲି ମଙ୍ଗଳବାର ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଆରମ୍ଭରୁ ଖେଳି ଆସୁଥିଲେ ମଧ୍ୟ କେହି ଟାଇଟଲ ଜିତିବାରେ ସମର୍ଥ ହୋଇ ନାହାନ୍ତି। ଏଣୁ ଏଠାରେ ଆସନ୍ତାକାଲି ଯେଉଁ ଦଳ ବିଜୟୀ ହେବ ଆଇପିଏଲ୍‌ରେ ସେହି ଦଳ ନୂଆ ଚାମ୍ପିଅନ ହେବ। ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ସର୍ବଦା ତାରକା ଖେଳାଳିଙ୍କୁ ସାମିଲ କରିଆସିଛି। ଦଳ ଏହା ପୂର୍ବରୁ ୩ଥର ମଧ୍ୟ ଫାଇନାଲ ଖେଳିସାରିଛି। କିନ୍ତୁ ଥରେ ହେଲେ ଟାଇଟଲ ଜିତିବାକୁ ସମର୍ଥ ହୋଇନାହିଁ। ଏହି ଟିମ୍‌ର ଶ୍ରେଷ୍ଠ ତାରକା ବିରାଟ କୋହଲି ଆରମ୍ଭରୁ ଖେଳିଆସିଛନ୍ତି। ଖାସ୍ ତାଙ୍କ ଲାଗି ବେଙ୍ଗାଲୁରୁ ଏଠାରେ ଟାଇଟଲ ଜିତିବାକୁ କୌଣସି ପ୍ରଚେଷ୍ଟା ଛାଡିବ ନାହିଁ ବୋଲି ଅଧିନାୟକ ରଜତ ପାଟିଦାର କହିଛନ୍ତି। ଏହାର ଅର୍ଥ ଖେଳାଳିମାନେ ଯେପରି ହେଉ ବେଙ୍ଗାଲୁରୁକୁ ଚାମ୍ପିଅନ କରିବାକୁ ଜୋରଦାର ଉଦ୍ୟମ କରିବେ। ଅନ୍ୟ ପକ୍ଷରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଯୁବ ଖେଳାଳିଙ୍କୁ ନେଇ ପଞ୍ଜାବ କିଙ୍ଗସ ଏହି ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ଖେଳିଛି। ଟାଇଟଲ ଜିତିବାକୁ ଏହି ଦଳର ସମସ୍ତ ପ୍ରକାର ଯୋଗ୍ୟତା ରହିଛି। ଏଣୁ ଆସନ୍ତାକାଲିର ଫାଇନାଲ ବେଙ୍ଗାଲୁରୁର ଭାବପ୍ରବଣତା ଓ ପଞ୍ଜାବର ଯୁବ ଉଦ୍ଦାମତା। ଏଣୁ ମ୍ୟାଚ୍‌ଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

### ■ ବେଙ୍ଗାଲୁରୁ ବିପକ୍ଷରେ ପଞ୍ଜାବ ଟପ୍ ଅର୍ଡର ବ୍ୟାଟିଂ ଫେଲ୍

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ୧୪ଟି ଲେଖାଏଁ ମ୍ୟାଚ୍ ଖେଳି ୯ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ସମାନ ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଉନ୍ନତ ରନ୍ ହାରରେ ପଞ୍ଜାବ ପଏଣ୍ଟ ଟେବଲରେ ପ୍ରଥମ ଓ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରକୁ ସହଜରେ ଜିତି ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ରୋମାଞ୍ଚକ ଦ୍ୱିତୀୟ କ୍ୱାଲିଫାୟରରେ ପଞ୍ଜାବ ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ୮୭ ରନ୍ ବଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହା ପରେ ଚଳିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ଉଭୟଙ୍କ ମଧ୍ୟରେ ଚତୁର୍ଥ ମୁକାବିଲା ହେବ। ଏଣୁ ଉଭୟ ଦଳ ପରସ୍ପରର ଦକ୍ଷତା ଓ ଦୁର୍ବଳତା ସମ୍ପର୍କରେ ବେଶ ଅବଗତ। ଉଲ୍ଲେଖନୀୟ କଥା ହେଲା, ପଞ୍ଜାବ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ମ୍ୟାଚ୍‌ରେ ହାରିଥିଲାବେଳେ ଏହା ମଧ୍ୟରୁ ୨ଥର କେବଳ ବେଙ୍ଗାଲୁରୁଠାରୁ ହାରିଛି। ପଞ୍ଜାବର ଟପ୍ ଅର୍ଡରରେ ୩ଜଣ ବ୍ୟାଟର ଓ ଶେଷଭାଗରେ ପ୍ରବେଶ କରିଥିବା ଜୋଶ ଇଂଲିଶ ୧୦୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ରନ ସଂଗ୍ରହ କରିଥିଲେ ମଧ୍ୟ ବେଙ୍ଗାଲୁରୁ ବିପକ୍ଷରେ ଏମାନେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ଫେଲ୍ ମାରିଛନ୍ତି। ବେଙ୍ଗାଲୁରୁ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ୫୩ ରନ୍‌ରେ ୪ଟି, ଦ୍ୱିତୀୟ ମ୍ୟାଚ୍‌ରେ ୭୬ ରନ୍‌ରେ ୪ଟି ଓ କ୍ୱାଲିଫାୟରରେ ୩୮ ରନ୍‌ରେ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏଣୁ ଜୋଶ ହାଜ୍‌ଲେଉଡ୍, ଭୁବନେଶ୍ୱର କୁମାର, ଯଶ ଦୟାଲଙ୍କ ପେସ୍ ବିପକ୍ଷରେ ପଞ୍ଜାବ ଟପ୍ ଅର୍ଡର ଫେଲ ମାରିଛି। ଏମାନେ ଆସନ୍ତାକାଲି ମ୍ୟାଚ୍‌ରେ ସମାନ ପ୍ରଦର୍ଶନ କଲେ ବେଙ୍ଗାଲୁରୁ ଟାଇଟଲ ଜିତିବା ନିଶ୍ଚିତ।

## ଫାଇନାଲ ବାତିଲ ହେଲେ ପଞ୍ଜାବ ଜିତିବ ଟାଇଟଲ

ପଞ୍ଜାବ କିଙ୍ଗସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅହମ୍ମଦାବାଦ୍‌ର ମୋଟେରା ଷ୍ଟାଡିୟମ୍‌ରେ ଆସନ୍ତାକାଲି ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଏହା ଅଳ୍ପ ସମୟ ଲାଗି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କିନ୍ତୁ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲେ ୨ ଘଣ୍ଟା ଯାଏ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ଏହା ପରେ ଖେଳ ଆରମ୍ଭ ହେଲେ ଓଭର ସଂଖ୍ୟା କମିବ ନାହିଁ। କିନ୍ତୁ ବର୍ଷା ନ ଛାଡିଲେ ଫାଇନାଲ ଖେଳ ରିଜର୍ଭ ଦିବସରେ ଖେଳାଯିବ। ରିଜର୍ଭ ଦିବସରେ ଯଦି ବର୍ଷା ଯୋଗୁ ଖେଳ ସ୍ଥଗିତ ରୁହେ, ତେବେ ପଏଣ୍ଟ ଟେବଲରେ ଆଗୁଆ ଥିବା ବା ପ୍ରଥମ ସ୍ଥାନରେ ଥିବା ପଞ୍ଜାବ ଚାମ୍ପିଅନ ହେବ।

## ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ

| ବ୍ୟାଟର୍ | ମ୍ୟାଚ୍ | ରନ | ହାରାହାରି |
|---|---|---|---|
| **ପଞ୍ଜାବ** | | | |
| ଶ୍ରେୟସ ଆୟର | ୧୬ | ୬୦୩ | ୫୪.୮୧ |
| ପ୍ରଭସିମରନ ସିଂହ | ୧୬ | ୫୨୩ | ୩୨.୬୮ |
| ପ୍ରିୟାଂଶ ଆର୍ଯ୍ୟ | ୧୬ | ୪୫୧ | ୨୮.୧୮ |
| ନେହାଲ ୱାଧେରା | ୧୫ | ୩୫୪ | ୩୨.୧୮ |
| **ବେଙ୍ଗାଲୁରୁ** | | | |
| ବିରାଟ କୋହଲି | ୧୪ | ୬୧୪ | ୫୫.୮୧ |
| ଫିଲ୍ ସଲ୍ଟ | ୧୨ | ୩୮୭ | ୩୫.୧୮ |
| ରଜତ ପାଟିଦାର | ୧୪ | ୨୮୬ | ୨୩.୮୩ |
| ଦେବଦତ୍ତ ପାଡ଼ିକଲ | ୧୦ | ୨୪୭ | ୨୭.୪୪ |

## ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ

| ବୋଲର୍ | ମ୍ୟାଚ୍ | ୱିକେଟ୍ | ହାରାହାରି |
|---|---|---|---|
| **ପଞ୍ଜାବ** | | | |
| ଅର୍ଶଦୀପ୍ ସିଂହ | ୧୬ | ୧୮ | ୨୬.୫୫ |
| ମାର୍କୋ ଜାନସେନ | ୧୪ | ୧୬ | ୨୭.୧୨ |
| ଯୁଜବେନ୍ଦ୍ର ଚହଲ | ୧୩ | ୧୫ | ୨୬.୨୦ |
| ହରପ୍ରୀତ୍ ବ୍ରାର | ୮ | ୧୦ | ୧୯.୦୦ |
| **ବେଙ୍ଗାଲୁରୁ** | | | |
| ଜୋଶ୍ ହାଜଲେଉଡ୍ | ୧୧ | ୨୧ | ୧୫.୮୦ |
| କ୍ରୁନାଲ ପାଣ୍ଡ୍ୟା | ୧୪ | ୧୫ | ୨୪.୧୩ |
| ଭୁବନେଶ୍ୱର କୁମାର | ୧୩ | ୧୫ | ୨୯.୬୬ |
| ଯଶ ଦୟାଲ | ୧୪ | ୧୨ | ୩୭.୬୬ |

## ଚଳିତ ଆଇପିଏଲ୍‌ରେ ଫଳାଫଳ

| ତାରିଖ | ଫଳାଫଳ | ଭେନ୍ୟୁ |
|---|---|---|
| ୧୮।୪ | ପଞ୍ଜାବ ୫ ୱିକେଟରେ ବିଜୟୀ | ବେଙ୍ଗାଲୁରୁ |
| ୨୦।୪ | ବେଙ୍ଗାଲୁରୁ ୭ ୱିକେଟରେ ବିଜୟୀ | ମୁଲାନପୁର |
| ୨୯।୪ | ବେଙ୍ଗାଲୁରୁ ୮ ୱିକେଟରେ ବିଜୟୀ | ମୁଲାନପୁର |



## ଆଇପିଏଲ୍ ଫାଇନାଲ

ଭେନ୍ୟୁ : ଅହମ୍ମଦାବାଦ୍

ଖେଳ ଆରମ୍ଭ : ରାତି ୭.୩୦

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର


## ସମ୍ଭାବ୍ୟ ଦଳ

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ :** ଫିଲ୍ ସଲ୍ଟ, ବିରାଟ କୋହଲି, ମୟଙ୍କ ଅଗରୱାଲ୍, ରଜତ ପାଟିଦାର (ଅଧିନାୟକ), ଲିଆମ ଲିଭିଂଷ୍ଟୋନ, ଜିତେଶ ଶର୍ମା (ୱିକେଟ୍‌ରକ୍ଷକ), ରୋମାରିଓ ସେଫର୍ଡ, କ୍ରୁନାଲ ପାଣ୍ଡ୍ୟା, ଜୋଶ ହାଜଲେଉଡ୍, ଭୁବନେଶ୍ୱର କୁମାର, ଯଶ ଦୟାଲ, ସୂୟାଶ ଶର୍ମା।

**ପଞ୍ଜାବ କିଙ୍ଗସ :** ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ୍ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂହ, ମାର୍କସ ଷ୍ଟୋଇନିସ, ଆଜମାତୁଲ୍ଲା ଓମାରଜାଇ, କାଏଲ୍ ଜାମିସନ, ବିଜୟ ବୈଶ୍ୟକ, ଅର୍ଶଦୀପ୍ ସିଂହ, ଯୁଜବେନ୍ଦ୍ର ଚହଲ/ହର୍‌ପ୍ରୀତ୍ ବ୍ରାର।

## ଫ୍ରେଞ୍ଚ ଓପନ୍

# ପେଗୁଲାଙ୍କ ବିପର୍ଯ୍ୟୟ


କୋକୋ ଗଫ୍

ପ୍ୟାରିସ, ୨।୬ (ଏଜେନ୍ସି): ଆମେରିକାର କୋକୋ ଗଫ୍ କ୍ରମାଗତ ୫ମଥର ଲାଗି ଫ୍ରେଞ୍ଚ ଓପନ୍ ଟେନିସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ଏକକ ୪ର୍ଥ ରାଉଣ୍ଡ ମ୍ୟାଚରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ଥିବା ଗଫ୍ ୬-୦, ୭-୫ ସିଧାସଳଖ ସେଟ୍‌ରେ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ୨୧ ବର୍ଷୀୟା ଗଫ୍ କ୍ୱାର୍ଟରରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ କିଜ୍‌ଙ୍କୁ ଭେଟିବେ। ରୁଷିଆର ଯୁବା ଖେଳାଳି ମିରା ଆନ୍ଦ୍ରିଭା ମଧ୍ୟ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟରର ଏକ ମ୍ୟାଚରେ ଆନ୍ଦ୍ରିଭା ୬-୩, ୭-୫ ସେଟ୍‌ରେ ଏକ ଘଣ୍ଟା ୩୪ ମିନିଟ୍‌ରେ ଅଷ୍ଟ୍ରେଲିଆର ଡାରିଆ କାସାତକିନାଙ୍କୁ ହରାଇଛନ୍ତି। ତେବେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଆମେରିକାର ଜେସିକା ପେଗୁଲା ପ୍ରି-କ୍ୱାର୍ଟରରେ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୩୬୧ତମ ସ୍ଥାନରେ ରହିଥିବା ଫ୍ରାନ୍ସର ଲୋଇସ ବୋଇସନ ୩-୬, ୬-୪, ୬-୪ରେ ପେଗୁଲାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

ଅପରପକ୍ଷରେ ପୁରୁଷ ଏକକରେ ଜର୍ମାନୀର ୩ୟ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭ ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସୋମବାରା ଅନୁଷ୍ଠିତ ପ୍ରି-କ୍ୱାର୍ଟର ମୁକାବିଲାରେ ଜ୍ୱେରେଭ ୬-୪, ୩-୦ରେ ଆଗୁଆ ରହିଥିବାବେଳେ ତାଙ୍କ ପ୍ରତିପକ୍ଷ ନେଦରଲାଣ୍ଡସର ତାଲୋନ ଗ୍ରିଏକସ୍ପୋର ଆହତ ହୋଇ ଓହରିଯାଇଥିଲେ। ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ସର୍ବିୟାର ନୋଭାକ ଜୋକୋଭିଚ୍ ୬-୨, ୬-୩, ୬-୨ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କ ବିପକ୍ଷରେ ବିଜୟୀ ହୋଇଛନ୍ତି। ଜୋକୋଭିଚ୍ କ୍ୱାର୍ଟରରେ ଜ୍ୱେରେଭଙ୍କ ସହ ଖେଳିବ।

## ଦୃଷ୍ଟିହୀନ ଟି-୨୦ କ୍ରିକେଟ୍

# ଦିଲ୍ଲୀ ବିପକ୍ଷ ସିରିଜ୍ ଲାଗି ଲିଙ୍ଗରାଜଙ୍କୁ ନେତୃତ୍ୱ

ଭୁବନେଶ୍ୱର, ୨।୬ (ସମିସ)



ଓଡ଼ିଶା ଓ ଦିଲ୍ଲୀ ଦୃଷ୍ଟିହୀନ କ୍ରିକେଟ୍ ଦଳ ମଧ୍ୟରେ ଏକ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ହରିୟାଣାର ଗୁରୁଗ୍ରାମଠାରେ ଜୁନ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସିରିଜ ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି) ପକ୍ଷରୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଲିଙ୍ଗରାଜ ରାଉତରାୟଙ୍କୁ ପ୍ରଦାନ କରାଯାଇଛି। ଗତ ମେ ୨୩ରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳର ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ପଟ୍ଟନାୟକ ଓଡ଼ିଶା ଦଳର ପ୍ରଶିକ୍ଷକ ରହିଛନ୍ତି।

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳ: ଲିଙ୍ଗରାଜ ରାଉତରାୟ (ଅଧିନାୟକ), କାଳିଆ ପ୍ରଧାନ (ଉପ-ଅଧିନାୟକ), ଚିରଞ୍ଜୀବ ମଲ୍ଲିକ, ପ୍ରତାପ ସାମନ୍ତ, ମହମ୍ମଦ ଜାଫର ଇକବାଲ, ଦେବରାଜ ବେହେରା, ଅଞ୍ଜନ ସିଂ, ଅଭିଜିତ୍ ଦାସ, କିଶାନ ମଲ୍ଲିକ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଆକାଶ ରାଉତ, ସୁଖରାମ ମାଝୀ, ଧନପତି ଗୌଡ଼ (ୱିକେଟ୍‌କିପର) ଓ ରଘୁରାମ ନାଏକ।

# ରାଜୀବ ହେବେ ବିସିସିଆଇ ସଭାପତି

ମୁମ୍ବଇ,୨।୬ (ଏଜେନ୍ସି): ବିସିସିଆଇ ସଭାପତି ରୋଜର ବିନ୍ନିଙ୍କୁ ଜୁଲାଇ ୧୯ରେ ୭୦ ବର୍ଷ ପୂରିଯିବ। ଜାତୀୟ କ୍ରୀଡ଼ା ନୀତି ଅନୁଯାୟୀ ୭୦ ବର୍ଷ ହେବା ପରେ ଜଣେ ପ୍ରଶାସକ କୌଣସି ଜାତୀୟ କ୍ରୀଡ଼ା ସଂଗଠନରେ କର୍ମକର୍ତ୍ତା ଭାବେ ରହିପାରିବେ ନାହିଁ। ଏଣୁ ବିନ୍ନିଙ୍କ ସ୍ଥାନରେ ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲା କାମଚଳା ସଭାପତି ଦାୟିତ୍ୱରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଏହି ପଦରେ ମାତ୍ର ୩ ମାସ ରହିବା ପରେ ନିର୍ବାଚନ ଅନୁଷ୍ଠିତ ହେବ।

# ଜାତୀୟ ଶିଶୁ ଚେସ୍: ଓଡ଼ିଶାର ଅନନ୍ୟା ଅଗ୍ରଣୀ

ଖୋର୍ଦ୍ଧା,୨।୬ (ସମିସ): ଏଠାରେ ଚାଲିଥିବା ୩୮ତମ ଜାତୀୟ ରାଜ୍ୟ ୭ ବର୍ଷରୁ କମ୍ ବା ଶିଶୁ ଚେସ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଶେଷ ସୁଦ୍ଧା ବାଳିକା ବିଭାଗରେ ଓଡ଼ିଶାର ଅନନ୍ୟା ଅନ୍ୱେଷା ମିଶ୍ର ୪ ପଏଣ୍ଟ ପାଇ ମିଳିତଭାବେ ଅଗ୍ରଣୀ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋଆର ଆରାଧ୍ୟା ଦେଶାଇ, ପଶ୍ଚିମବଙ୍ଗର ସାଇଆସ୍ଥା ସିଂ ଓ ଅଦ୍ରିତି ମଜୁମଦାର, ରାଜସ୍ଥାନର ଶ୍ରେୟାଂଶୀ ଜୈନ, ମହାରାଷ୍ଟ୍ରର ଦୁଇ ଖେଳାଳି ସାମାଇକା ଓମ୍‌କାର ଥୋରାଟ ଓ ପ୍ରିତିକା ନନ୍ଦି ମଧ୍ୟ ୪ ରାଉଣ୍ଡରୁ ୪ ପଏଣ୍ଟ ପାଇ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ବାଳକ ବିଭାଗରେ ୮ଜଣ ଖେଳାଳି ୪ ରାଉଣ୍ଡରୁ ୪ ପଏଣ୍ଟ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ମହାରାଷ୍ଟ୍ରର କାଭିସ ଭଟ୍ଟଦ, ଆନ୍ଧ୍ରର ଆଶିଷ ଏସ୍, ପଶ୍ଚିମବଙ୍ଗର କାଜି ଆଦ୍ୟାନ ଅହମ୍ମଦ୍, ରାଜସ୍ଥାନର ପାର୍ଥ ସୋନି, ବିହାରର ବିଷ୍ଣୁ ବୈଭବ, ପୁଡୁଚେରୀର ଦୁବେଶ ମିଳନ, ଉତ୍ତରପ୍ରଦେଶର ଚିତ୍ରାଂଶ ମାଲହୋତ୍ରା ଓ ହରିୟାଣାର ଆରିସ୍ ଗାନ୍ଧି। ଓଡ଼ିଶାର କୌଣସି ଖେଳାଳି ପ୍ରଥମ ୧୫ଜଣଙ୍କ ମଧ୍ୟରେ ସ୍ଥାନ ପାଇନାହାନ୍ତି। ରାଜ୍ୟ ଚାମ୍ପିଅନ ରିୟାଂଶ ଅଗରୱାଲ ୩ ଓ କାବ୍ୟାଂଶ ଚକ୍ରବର୍ତ୍ତୀ ୨.୫ ପଏଣ୍ଟ ସଂଗ୍ରହ କରିଛନ୍ତି। ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ଜୁନ୍ ୫ ତାରିଖରେ ଶେଷ ହେବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS